- Vol.- 46, Issue No. 44
- Friday, 15 May 2026
- ଶୁକ୍ରବାର, ୧୫ ମଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ରାଜଧାନୀ ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ୍
### ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ : ପେଟ୍ରୋଲ ପମ୍ପ ସଭାପତି



ଭୁବନେଶ୍ୱର,୧୪।୫(ନିପ୍ର) : ମଧ୍ୟପ୍ରାଚ୍ୟ ଯୁଦ୍ଧର ପରିଣାମ ସ୍ୱରୂପ ଏବେ ସାରା ଦେଶ ପେଟ୍ରୋଲ ଓ ଡିଜେଲ ସଙ୍କଟ ଦେଇ ଗତି କରୁଛି। କିଛି ଦିନ ତଳେ ଆବଶ୍ୟକ ପରିମାଣର ପେଟ୍ରୋଲ ଡିଜେଲ ବ୍ୟବହାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କୁ ଆହ୍ୱାନ ଦେଇଥିଲେ। ଏହାରି ଭିତରେ ଲୋକଙ୍କ ମନରେ ତେଲ ସଙ୍କଟକୁ ନେଇ ଭୟ ସୃଷ୍ଟି ହୋଇଛି। ଯେଉଁଥିପାଇଁ ଅନେକ ପେଟ୍ରୋଲ ପମ୍ପରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳୁଛି। ରାଜଧାନୀ ଭୁବନେଶ୍ୱରରୁ ଆରମ୍ଭ କରି ବାଲେଶ୍ୱର ପର୍ଯ୍ୟନ୍ତ ଅନେକ ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ୍ ନଜରକୁ ଆସିଛି। ଏପଟେ ତେଲ ସଙ୍କଟ ଗୁଜବ ଉପରେ ଓଡିଶା ପେଟ୍ରୋଲ ପମ୍ପ୍ ଆସୋସିଏସନ୍ ସଭାପତି ସଞ୍ଜୟ ଲାଠ ବିରାମ ଲଗାଇଛନ୍ତି। ଆସନ୍ତାକାଲିଠାରୁ ତେଲ ଅଭାବ ହେବ ନାହିଁ। ଭୁବନେଶ୍ୱରରେ ସମସ୍ତ ବଡ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଅଛି ବୋଲି ଶ୍ରୀ ଲାଠ କହିଛନ୍ତି। ସେପଟେ ଯୋଗାଣ ବିଭାଗର ସଚିବ ସଞ୍ଜୟ ସିଂ ମିସ୍ ମ୍ୟାନେଜମେଣ୍ଟ ପାଇଁ ଏପରି ଅସୁବିଧା ହେଉଥିବା କହିଛନ୍ତି। ସାରା ରାଜ୍ୟରେ ୨୮୫୦ ପାଖାପାଖି ପେଟ୍ରୋଲ ପମ୍ପ ଅଛି। ସେଥିମଧ୍ୟରୁ ୨୦ରୁ ୨୫ଟି ପମ୍ପରେ ତେଲ ନାହିଁ। ଯେହେତୁ ସେମାନଙ୍କ ପାଖରେ ତେଲ ନାହିଁ, ତେଣୁ କିଛିଦିନ ପାଇଁ ଏହା ବନ୍ଦ ଅଛି। ସେସବୁ ଜାଗାରେ ତେଲ ପହଞ୍ଚିବା ପାଇଁ ଆମେ ବ୍ୟବସ୍ଥା କରୁଛୁ। ଲୋକମାନେ ଏହାକୁ ନେଇ ବ୍ୟସ୍ତ ହୁଅନ୍ତୁ ନାହିଁ। ଲୋକଙ୍କୁ ଅନୁରୋଧ ତେଲର ଅଭାବ ନାହିଁ, ବ୍ୟସ୍ତ ହୁଅନ୍ତୁ ନାହିଁ । ଆଗରୁ ଓଡ଼ିଶାକୁ ଯେତିକି ତେଲ ଆସୁଥିଲା ଏବେ ବି ସମାନ ଆସୁଥିବାବେଳେ ରାଜ୍ୟ ସରକାର ସବୁଦିନ ମନିଟରିଂ କରୁଥିବା ଶ୍ରୀ ସିଂ କହିଛନ୍ତି।

## ଓଏସଆରଟିସିର ସବୁ ଗାଡି ଇଭି କରାଯିବ
### ପ୍ରତିଷ୍ଠା ହେବ ୧୦୦ ଚାର୍ଜିଂ ଷ୍ଟେସନ



ଭୁବନେଶ୍ୱର,୧୪।୫: ଓଏସଆରଟିସିର ସମସ୍ତ ଗାଡିଗୁଡିକୁ ଇଭି କରାଯିବ । ଏ ନେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ଆଜିଠାରୁ ଇଭି ଗାଡ଼ିରେ ଯିବି, ମିତବ୍ୟୟତା ନିଜଠାରୁ ଆରମ୍ଭ କରିବି ବୋଲି ମଧ ପରିବହନ ମନ୍ତ୍ରୀ କହିଛନ୍ତି । ରାଜ୍ୟରେ ଚାର୍ଜିଂ ଷ୍ଟେସନର ଅଭାବ ରହିବ ନାହିଁ । ଇଭି ଚାର୍ଜିଂ ଷ୍ଟେସନ କମ୍ପାନୀ ସହିତ ପ୍ରାଥମିକ ଆଲୋଚନା ଶେଷ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି । ଯିଏ ମାନ୍ୟୁଫେକର ଅଛି ତାକୁ ସରକାରୀ ସୁବିଧା ଯୋଗାଯାଇ ସବୁ ଗାଡ଼ିକୁ ଇଭିରେ ପରିବର୍ତ୍ତନ କରାଯିବ। ପ୍ରଧାନମନ୍ତ୍ରୀ ଓ ମୁଖମନ୍ତ୍ରୀଙ୍କ ଆଗ୍ରହ ଅଛି ଇଭି ଗାଡିର ବ୍ୟବହାର ପାଇଁ, ଏହାଦ୍ୱାରା ପରିବେଶ ସୁରକ୍ଷା ସହିତ, ଆମର ସଞ୍ଚୟ ବି ହୋଇପାରିବ । ପ୍ରକୃତି ପରିବେଶ ସନ୍ତୁଳିତ ପାଇଁ ଇଭିର ବ୍ୟବହାର କରିବୁ । ମୁଖ୍ୟମନ୍ତ୍ରୀ ତାଙ୍କ କାରକେଡ୍ ଅଧା କରିସାରିଛନ୍ତି । ମନ୍ତ୍ରୀମାନେ ମଧ ସମାନ ନୀତି ଆପଣାଇବେ । ମୁଁ ଆଜିଠାରୁ ଇଭି ଗାଡ଼ିରେ ଯିବି, ଗୋଟିଏ ଗାଡି ବ୍ୟବହାର କରିବି। ମିତବ୍ୟୟତା ଆମଠାରୁ ଆରମ୍ଭ କରିବି, ଆବଶ୍ୟକ ନ ଥିଲେ ବସରେ ଯିବି । ବସ୍, ଟ୍ରେନ୍‌ରେ ଗଲେ ଭଲ ଲାଗିବ । ଆମ ସରକାର ଯାହା କୁହନ୍ତି ସେୟା କରନ୍ତି। ୧୦୦ଟି ଚାର୍ଜିଂ ଷ୍ଟେନସ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ୩୦ଟି ଶେଷ ହୋଇଛି । ୧୫ଟି ଷ୍ଟେସନ କେବଳ ଭୁବନେଶ୍ୱରରେ କରାଯିବ ବୋଲି ମନ୍ତ୍ରୀ ବିଭୂତି ଜେନା କହିଛନ୍ତି ।

### ଆଇନ ଶୃଙ୍ଖଳା ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ
# ସଂଗଠିତ ଅପରାଧକୁ ନିୟନ୍ତ୍ରଣ କର



- ★ ଅପରାଧୀମାନଙ୍କ ମଧ୍ୟରେ ଭୟ ସୃଷ୍ଟିକର
- ★ ସାଧାରଣ ଲୋକଙ୍କ ବନ୍ଧୁ ହୁଅ
- ★ ବାଲି ମାଫିଆଙ୍କୁ ଦମନ କରାଯାଉ
- ★ ଅପରାଧିକ ମ୍ୟାପିଂ କଠୋର ହେଉ


ଭୁବନେଶ୍ୱର,୧୪।୫: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ପୁଣି ଥରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସମୀକ୍ଷା କରିଛନ୍ତି। ମୁଖ୍ୟ ଶାସନ ସଚିବ, ପୁଲିସ ଡିଜି, ବରିଷ୍ଠ ଅଧଇକାରୀ, ଜିଲ୍ଲାପାଳ ଓ ଏସ୍‌ପିମାନେ ଏଥିରେ ସାମିଲ ହୋଇଥିଲେ। ରାଜ୍ୟ ପୁଲିସ ଏଭଳି ପଦକ୍ଷେପ ନେଉ ଯାହା ଦ୍ୱାରା ପୁଲିସ ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହେବା ସହିତ ଅପରାଧୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସଂଗଠିତ ଅପରାଧକୁ ନେଇ ଉଦ୍‌ବେଗ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଏପରି ଅପରାଧକୁ ସମ୍ପୂର୍ଣ୍ଣ ଭାବେ ନିର୍ମୂଳ କରିବାକୁ ପଡ଼ିବ। ରାଜ୍ୟରେ ଯେପରି ନକ୍ସଲ ଅପରାଧକୁ ଦମନ କରାଯାଇଛି, ସେହିପରି ବାଲି ମାଫିଆମାନଙ୍କୁ ମଧ ସମ୍ପୂର୍ଣ୍ଣ ଭାବରେ ଦମନ କରିବାକୁ ହେବ। ଯେକୌଣସି ସ୍ଥାନରେ ଅପରାଧୀକ ତତ୍ତ୍ୱ ବିରୋଧରେ ପୁଲିସ ଆଇନ ଅନୁଯାୟୀ ଆଗୁଆ ପଦକ୍ଷେପ ନେଇ ଅପରାଧ ସମ୍ଭାବନାକୁ କମ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଶ୍ରୀ ମାଝୀ କହିଥିଲେ, ଜିଲ୍ଲା ସ୍ତରରେ ପ୍ରଶାସନିକ ଅଧିକାରୀ ଓ ପୁଲିସ ଅଧିକାରୀମାନେ ମିଳିତ ଭାବେ ଗୋଟିଏ ଟିମ୍ ଭାବେ କାମ କରିବା ଆବଶ୍ୟକ। ପୁଲିସ ସହିତ ଜିଲ୍ଲାର ଅନ୍ୟ ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ଅପରାଧ ନିୟନ୍ତ୍ରଣରେ ଅଧିକ ସଫଳତା ଆସିପାରିବ ବୋଲି ସେ କହିଥିଲେ। ଯେ କୌଣସି ଅପରାଧିକ କାର୍ଯ୍ୟକଳାପରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ପୁଲିସ ପ୍ରଶାସନ ପାଇଁ ଖୁବ୍ ସହାୟକ ହୋଇପାରିବେ। ବିଭିନ୍ନ ଯୋଜନା ଓ ପ୍ରକଳ୍ପର ସଫଳତା ପାଇଁ ଯେପରି ଟିମ୍ ସ୍ପିରିଟ୍‌ରେ କାମ କରାଯାଉଛି, ସେହିଭଳି ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ମଧ ଟିମ୍ ସ୍ପିରିଟ୍ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ପୁଲିସ ସମ୍ପୂର୍ଣ୍ଣ ଭାବେ ଆଗୁଆ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ। ବିଭିନ୍ନ ଅଞ୍ଚଳର ଅପରାଧ ସମ୍ପର୍କରେ ତଥ୍ୟ ସଂଗ୍ରହ କରି କ୍ରାଇମ୍ ମ୍ୟାପିଙ୍ଗ୍ କରିବା ଜରୁରୀ। ଏହା ସହିତ ଗୁଇନ୍ଦା ତଥ୍ୟ ସଂଗ୍ରହ ଉପରେ ମଧ ଗୁରୁତ୍ୱ ଦେବା ଆବଶ୍ୟକ। ସାଧାରଣ ଲୋକଙ୍କ ସହିତ ବନ୍ଧୁ ଭଳି ସୁସମ୍ପର୍କ ରକ୍ଷା କରିପାରିଲେ ପୁଲିସକୁ ସୂଚନା ମିଳିବା ସହଜ ହେବ। ଏହା ଦ୍ୱାରା ପୁଲିସକୁ ମଧ ଅନେକ ସ୍ଥଳରେ ଆଗୁଆ ପଦକ୍ଷେପ ନେବା ପାଇଁ ସୁବିଧା ହେବ। ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କଡ଼ାକଡ଼ି କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବ୍ୟାପକ ପାଟ୍ରୋଲିଂ ବ୍ୟବସ୍ଥା ଦ୍ୱାରା ଅପରାଧୀଙ୍କ ମଧ୍ୟରେ ଭୟ ସୃଷ୍ଟି ହେବା ସହିତ ସାଧାରଣ ଜନତାଙ୍କ ମଧ୍ୟରେ ଆସ୍ଥା ମଧ ସୃଷ୍ଟି ହୋଇପାରିବ। ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେମାନେ ଜିଲ୍ଲାସ୍ତରରେ ନିୟମିତ ଭାବେ ଜିଲ୍ଲାର ଆଇନ କାନୁନ ପରିସ୍ଥିତି ସମୀକ୍ଷା କରି ପୁଲିସ ମହାନିର୍ଦ୍ଦେଶକ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ପଠାନ୍ତୁ। ବିଭିନ୍ନ ଜିଲ୍ଲାର ପରିସ୍ଥିତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମୁଖ୍ୟମନ୍ତ୍ରୀଙ୍କୁ ମଧ ନିୟମିତ ଭାବେ ଅବଗତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟକୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ପୁଲିସ ପ୍ରଶାସନ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ଏବଂ ବରିଷ୍ଠ ପ୍ରଶାସନିକ ଓ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ନିର୍ବାଚନ କମିଶନଙ୍କ ବଡ଼ ଘୋଷଣା
## ଓଡ଼ିଶାରେ ଜୁଲାଇ ୧ରୁ ତୃତୀୟ ପର୍ଯ୍ୟାୟ ଏସ୍‌ଆଇଆର



ଭୁବନେଶ୍ୱର,୧୪।୫ : ନିର୍ବାଚନ କମିଶନଙ୍କ ବଡ଼ ଘୋଷଣା । ଓଡ଼ିଶାରେ ଆରମ୍ଭ ହେବ ଭୋଟର ତାଲିକାର 'ତୃତୀୟ ପର୍ଯ୍ୟାୟ' ସ୍ୱତନ୍ତ୍ର ସଘନ ସଂଶୋଧନ । ଓଡ଼ିଶାରେ ଜୁଲାଇ ୧ରୁ ହେବ ତୃତୀୟ ପର୍ଯ୍ୟାୟ ଏସଆଇଆର। ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଓଡ଼ିଶା ସମେତ ଦେଶର ୧୬ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ତୃତୀୟ ପର୍ଯ୍ୟାୟ "ସ୍ୱତନ୍ତ୍ର ସଘନ ସଂଶୋଧନ" (ଏସ୍‌ଆଇଆର) କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଜନଗଣନା ପାଇଁ ଚାଲିଥିବା ଘର ଗଣନା ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ଏହି ସମୟସୂଚୀ ନିର୍ଦ୍ଧାରଣ କରାଯାଇଥିବା କମିଶନ ସୂଚନା ଦେଇଛନ୍ତି। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ହିମାଚଳ ପ୍ରଦେଶ, ଜାମ୍ମୁ ଓ କାଶ୍ମୀର ଏବଂ ଲଦାଖକୁ ବାଦ୍ ଦେଇ ଏହି ସଂଶୋଧନ କାର୍ଯ୍ୟକ୍ରମ ସମଗ୍ର ଦେଶରେ ପର୍ଯ୍ୟାୟକ୍ରମେ ଚାଲିବ। ଏହି ତିନିଟି ଅଞ୍ଚଳରେ ପ୍ରତିକୂଳ ପାଣିପାଗ ଏବଂ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ଶେଷ ହେବା ପରେ ଅଲଗା ଭାବେ କାର୍ଯ୍ୟସୂଚୀ ଘୋଷଣା କରାଯିବ।

## ଭିଡି ସତିସନ ହେବେ କେରଳ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ,୧୪।୫: କେରଳମ୍ ବିଧାନସଭା ନିର୍ବାଚନର ଫଳାଫଳ ଘୋଷଣା ହେବାର ପ୍ରାୟ ୧୦ ଦିନ ପରେ ଗୁରୁବାର କଂଗ୍ରେସ ମୁଖ୍ୟମନ୍ତ୍ରୀ ନାଁ ଘୋଷଣା କରିଛି। ଭିଡି ସତିସନ କେରଳର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ। ଏହା ପୂର୍ବରୁ ଶୀର୍ଷ କଂଗ୍ରେସ ନେତାମାନଙ୍କର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଏବଂ ରାହୁଲ ଗାନ୍ଧୀଙ୍କ ସହିତ ଦଳର ଅନ୍ୟ ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ। ଏହି ବୈଠକ ପରେ ଭିଡି ସତିସନଙ୍କ ନାଁ ଘୋଷଣା କରାଯାଇଥିଲା। ୧୪୦ ସଦସ୍ୟ ବିଶିଷ୍ଟ କେରଳ ବିଧାନସଭାରେ ୧୦୨ ଆସନ ଜିତି କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ବହୁମତ ହାସଲ କରିଥିଲା। ଭିଡି ସତିସନଙ୍କ ବ୍ୟତୀତ ରମେଶ ଚେନ୍ନିଥଲା ଏବଂ କେସି ଭେନୁଗୋପାଳ ମଧ କେରଳର ମୁଖ୍ୟମନ୍ତ୍ରୀ ପଦ ପାଇଁ ଦୌଡ଼ରେ ଥିଲେ। ଶେଷ ପର୍ଯ୍ୟାୟ ଆଲୋଚନା ପରେ ଭିଡି ସତିସନଙ୍କ ନାଁ ଚୂଡ଼ାନ୍ତ ହୋଇଥିଲା। ବିରୋଧୀ ଦଳ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣାରେ ବିଳମ୍ବ ପାଇଁ କଂଗ୍ରେସକୁ ସମାଲୋଚନା କରିଥିଲେ ଏବଂ ଦଳ ଭିତରେ ମଧ ଅସନ୍ତୋଷ ପ୍ରକାଶ ପାଇଥିଲା। ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ବିରୋଧରେ ୱାୟାନାଡରେ ଜିଲା କଂଗ୍ରେସ କାର୍ଯ୍ୟାଳୟ ନିକଟରେ ପୋଷ୍ଟର ଲଗାଯାଇଥିଲା।

## ଉତ୍ତରପ୍ରଦେଶରେ ଝଡ଼ବାତ୍ୟା: ୧୦୦ରୁ ଊର୍ଦ୍ଧ୍ୱ ମୃତାହତ

ଲକ୍ଷ୍ନୌ,୧୪।୫: ଉତ୍ତରପ୍ରଦେଶର ଭଦୋହି, ବୁଦାଉଁ, ଫତେପୁର ଏବଂ ସୋନଭଦ୍ରା ଜିଲାରେ ବୁଧବାର ପ୍ରବଳ ବର୍ଷା ସାଙ୍ଗକୁ ଝଡ଼ବାତ୍ୟା ହୋଇଛି। ଏହି ଝଡ଼ବାତ୍ୟାରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ଫତେପୁର, ଭଦୋହିରେ, ବଦାଉଁରେ, ଚନ୍ଦୌଲିରେ ଏବଂ ସୋନଭଦ୍ରା ଜିଲାରେ ମିଶି ୧୦୦ରୁ ଅଧିକ ମୃତାହତ ହୋଇଛନ୍ତି। ଅନେକ ଅଞ୍ଚଳରେ ବହୁସଂଖ୍ୟାରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିବା ସହ ଘର ଭାଙ୍ଗିଯାଇଥିବା ଭଦୋହି ଅତିରିକ୍ତ ଜିଲାପାଳ କୁନୱାର ବୀରେନ୍ଦ୍ର କୁମାର ମୌର୍ଯ୍ୟ କହିଛନ୍ତି। ଝଡ଼ ଯୋଗୁ ମୋବାଇଲ୍ ନେଟ୍‌ୱର୍କ ବ୍ୟାହତ ହୋଇଥିବାରୁ ପୁନରୁଦ୍ଧାର ଓ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଜିଲାର ୩ ତହସିଲ ଅଞ୍ଚଳରେ ରିଲିଫ କାର୍ଯ୍ୟ ପରିଚାଳନା ଦାୟିତ୍ୱ ଏସ୍‌ଡିଏମ୍, ତହସିଲାର, ଅନ୍ୟ ଜିଲା ଅଧିକାରୀ ଓ ପୋଲିସକୁ ଦିଆଯାଇଛି। ଏହି ସଂଖ୍ୟା ବଢ଼ିପାରେ ବୋଲି ମୌର୍ଯ୍ୟ କହିଛନ୍ତି।

## ନିଟ୍ ୟୁଜି-୨୦୨୬ ପେପର ଲିକ୍ ଘଟଣା: ଆଉ ୨ ଗିରଫ

ନୂଆଦିଲ୍ଲୀ,୧୪।୫: ନିଟ୍ ୟୁଜି-୨୦୨୬ ପରୀକ୍ଷାରେ ଅନିୟମିତତା ଓ ପେପର ଲିକ୍ ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଆଉ ୨ଜଣଙ୍କୁ ଗିରଫ କରିଛି। ମୋଟ ଗିରଫଦାରୀଙ୍କ ସଂଖ୍ୟା ୭କୁ ବଢ଼ିଲା। ଏହି ୨ଜଣଙ୍କୁ ମହାରାଷ୍ଟ୍ରରୁ ଉଠାଇ ନେଇଛି ସିବିଆଇ। ୨୪ ଘଣ୍ଟାଭିତରେ ସାରା ଦେଶରେ ୧୪ଟି ସ୍ଥାନରେ ରେଡ୍ କରିଛି । ଗତକାଲି ଏହି ଘଟଣାରେ ୫ଜଣଙ୍କୁ ଗିରଫ କରିଥିଲା ସିବିଆଇ। ଘଟଣାରେ ସମ୍ପୃକ୍ତ ରହିଥିବା ବ୍ୟକ୍ତିଙ୍କୁ ଗିରଫ କରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି ସିବିଆଇ। ଚଢ଼ାଉ ସମୟରେ ସମୟରେ ମୋବାଇଲ୍ ଫୋନ୍ ସମେତ ଅପରାଧିକ ସାମଗ୍ରୀ ଏବଂ ଇଲେକ୍ଟ୍ରୋନିକ୍ ଉପକରଣ ଜବତ କରିଛି। ତଦନ୍ତ ସମୟରେ ମିଳିଥିବା ସୁରାକକୁ ଆଧାର କରି ଅଧିକ ସନ୍ଧାନ ଜାରି ରଖିଛି ସିବିଆଇ। ଏହି ଚେର ଆନ୍ତ-ରାଜ୍ୟକୁ ବ୍ୟାପିଥିବା ଲିଙ୍କ ରହିଥିବା ସିବିଆଇ ସୁରାକ ପାଇଛି।

# ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ନିରାଡମ୍ବର ହେବ: ମୁଖ୍ୟମନ୍ତ୍ରୀ

- ୭ଟି ଥିମ୍‌ରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ
- ଲୋକାଭିମୁଖି କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ନିର୍ଦ୍ଦେଶ
- ଉପଲବ୍ଧି ଉପରେ ଅଧିକ ଫୋକସ କରିବାକୁ ଗୁରୁତ୍ୱ
- ଗଣମାଧ୍ୟମରେ ସରକାରଙ୍କ ଉପଲବ୍ଧିର ପ୍ରସାର ହେବ

ଭୁବନେଶ୍ୱର,୧୪।୫: ଜୁନ୍ ମାସରେ ରାଜ୍ୟରେ ଭାରତୀୟ ଜନତା ପାର୍ଟି (ବିଜେପି) ସରକାର ଗଠନ କରିବାର ଦୁଇ ବର୍ଷ ପୂର୍ତ୍ତି ହେଉଛି। ଏହି ଅବସରରେ ଜୁନ୍ ୧୨ରୁ ୨୧ ତାରିଖ ଯାଏଁ ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯିବ। ତେବେ ଏହି କାର୍ଯ୍ୟକ୍ରମ ସମସ୍ତକୁ ନିରାଡମ୍ବର ଭାବେ ପାଳନ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲୋକାଭିମୁଖି ଉନ୍ନୟନ କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇ ସଚେତନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପରାମର୍ଶ ଦେଇଛନ୍ତି। ଗୁରୁବାର ଏନେଇ ଲୋକସେବା ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତା କରିଥିଲେ। ବର୍ତ୍ତମାନ ପଶ୍ଚିମ-ଏସିଆ ପରିସ୍ଥିତି ଯୋଗୁ ସମଗ୍ର ଦେଶ ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଛି, ସେଥିପାଇଁ ଏହି ଉତ୍ସବକୁ ନିରାଡମ୍ବର ଭାବେ ପାଳନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବ୍ୟାପକ ଉତ୍ସବ ପାଳନ ବଦଳରେ ୨ ବର୍ଷର ଉପଲବ୍ଧି ଉପରେ ଅଧିକ ଫୋକସ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସରକାରଙ୍କ ଏହି ଉପଲବ୍ଧି ହେଉଛି ଲୋକଙ୍କ ପାଇଁ, ତେଣୁ ଏହି ସଫଳତା ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିପାଇଁ ପ୍ରିଣ୍ଟ, ଇଲୋକ୍ଟ୍ରୋନିକ୍ସ, ସାମାଜିକ ଗଣମାଧ୍ୟମରେ ସରକାରଙ୍କ ଉପଲବ୍ଧିର ପ୍ରସାର ସହିତ ପୁସ୍ତିକା ପ୍ରକାଶନ କରାଯିବ। ବୈଠକରୁ ଜଣାଯାଇଛି, ଆଗାମୀ ଜୁନ୍ ୧୨ ତାରିଖରେ ରାଜ୍ୟ ସରକାରଙ୍କର ୨ ବର୍ଷ ପୂର୍ତ୍ତି ପାଳନ କରାଯିବ। ଏଥିପାଇଁ ଜୁନ୍ ୧୨ରୁ ୨୧ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ବିଭାଗର ସଫଳତାକୁ ସନ୍ନିବେଶିତ କରି ଶକ୍ତି ଓଡିଶା, ସମୃଦ୍ଧ କୃଷି ଓଡିଶା, ସୁସ୍ଥ ଓଡିଶା, ନିର୍ମାଣ ଓଡିଶା, ଉତ୍କର୍ଷ ଓଡିଶା, ଜନଶକ୍ତି ଓଡିଶା ଏବଂ କୌଶଳ ଓଡିଶା ଆଦି ଏହି ୭ଟି ଥିମ୍‌ରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ। ଏଥିସହିତ ୨୦୨୬ରୁ ୨୦୩୬ ପର୍ଯ୍ୟନ୍ତ ସରକାରଙ୍କ ଲକ୍ଷ୍ୟ ଏବଂ ଆଭିମୁଖ୍ୟଗୁଡିକ ମଧ ଏହି କାର୍ଯ୍ୟକ୍ରମରେ ସାମିଲ୍ ରହିବ। ବିଭାଗୀୟ ମନ୍ତ୍ରୀମାନେ ୨ବର୍ଷ ମଧ୍ୟରେ ନିଜ ନିଜ ବିଭାଗରେ ହାସଲ ହୋଇଥିବା ସଫଳତା ବିଷୟରେ ସାମ୍ବାଦିକ ସମ୍ମିଳନୀ କରିବା ସହିତ ବିଭାଗଗୁଡିକର ସଫଳତା ସମ୍ପର୍କିତ ଲିଫଲେଟ୍, ପୁସ୍ତିକା ପ୍ରକାଶନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ମାଧ୍ୟମରେ ରାଜ୍ୟର ସମୃଦ୍ଧି ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ଆମର ଯେଉଁ ଆଭିମୁଖ୍ୟ ରହିଛି, ତାହା ଲୋକଙ୍କ ପାଖରେ ପହଞ୍ଚାଇବାରେ ଆମେ ସଫଳ ହେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



## ଓଡିଶା ଆସିବେ ମୋଦି


ଭୁବନେଶ୍ୱର: ଓଡ଼ିଶାରେ ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ରାଜନୀତିରେ ବଡ଼ ହଲଚଲ୍ ଦେଖିବାକୁ ମିଳିଛି। ଏହି ଅବସରରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସୁଥିବା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେପଟେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବିଜେପିର ନବନିର୍ବାଚିତ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ପ୍ରଥମ ଥର ପାଇଁ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଅଧ୍ୟକ୍ଷ ଦାୟିତ୍ୱ ନେବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ ହୋଇଥିବାରୁ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ତାଙ୍କ ଗସ୍ତର ରୂପରେଖ ପ୍ରସ୍ତୁତ କରିବା ପାଇଁ ଆସନ୍ତା ମଙ୍ଗଳବାର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ଏହି ବୈଠକରେ ରାଜ୍ୟର ବରିଷ୍ଠ ନେତା, ଜିଲ୍ଲା ପଦାଧିକାରୀ ଏବଂ ମଣ୍ଡଳ ସଭାପତିମାନେ ଯୋଗ ଦେବେ।

# ପ୍ରଶଂସା-ନିନ୍ଦା

ପୁଷ୍କର କ୍ଷେତ୍ରରେ ବାସ କରୁଥିଲେ ଜଣେ ସାଧୁ। ଦିନେ ଏକାନ୍ତ ଅନୁରକ୍ତ ଜଣେ ଭକ୍ତ ତାଙ୍କ ନିକଟକୁ ଆସି କହିଥିଲେ- 'ମହାତ୍ମନ୍! ମୁଁ ତୀର୍ଥ ଯାତ୍ରାରେ ଯାଉଛି। ସ୍ୱର୍ଣ୍ଣମୁଦ୍ରା ଥିବା ଏହି ଥଳିଟି ଆପଣଙ୍କ ନିକଟରେ ମୁଁ ଫେରିବା ପର୍ଯ୍ୟନ୍ତ ରଖନ୍ତୁ।' ସନ୍ଥ ଏହା ଶୁଣି କହିଥିଲେ- 'ବତ୍ସ! ମୁଁ ସଂସାର ବୈରାଗୀ ଜଣେ ସନ୍ଥ, ପାର୍ଥିବ ସମ୍ପଦରେ ଆମର ଯାଏ, ଆସେ କେତେ? ଏହାର ରକ୍ଷଣାବେକ୍ଷଣ ତ କେବଳ ସଂସାରୀ ଲୋକଙ୍କ ଦ୍ୱାରା ସମ୍ଭବ।' ଶିଷ୍ୟ ଏହା ଶୁଣି କହିଥିଲେ- 'ଆପଣଙ୍କ ବ୍ୟତିରେକ କୌଣସି ବି ବିଶ୍ୱସନୀୟ ସ୍ଥାନ ମୋତେ ଦିଶୁନାହିଁ। ଶଠତା, ପ୍ରବଞ୍ଚନା, ବିଶ୍ୱାସଘାତକତାରେ ଭରା ଏ ଦୁନିଆରେ କାହା ଉପରେ ଭରସା କରିବି?' ସନ୍ଥ ଏହା ଶୁଣି କୁଟୀରର ଏକ କୋଣକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଥିଲେ- ଯଦି ଏଭଳି ଭାବୁଛ ତା'ହେଲେ ତୁମ 'ଧନ' ସେଠାରେ ଗୋଟିଏ ଗାତ କରି ପୋତି ଦିଅ। ଶିଷ୍ୟ ଗୁରୁଙ୍କ ନିର୍ଦ୍ଦେଶ ମାନି ନିର୍ଦ୍ଦିଷ୍ଟ ସ୍ଥାନରେ ପୋତି ଦେଇ ତୀର୍ଥଯାତ୍ରାରେ ବାହାରି ଯାଇଥିଲେ। ତୀର୍ଥାଟନରୁ ଫେରି ତାଙ୍କର ତଥାକଥିତ 'ଧନ' ପୂର୍ବବତ୍ ଥିବା ଦେଖି



ସାଧୁଙ୍କୁ ଖୁବ୍ ପ୍ରଶଂସା କରିଥିଲେ। ସାଧୁ କିନ୍ତୁ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନଥିଲେ। ଘରକୁ ଯାଇ ପତ୍ନୀଙ୍କ ହାତରେ ଥଳିଟି ଧରାଇଦେଇ କାର୍ଯ୍ୟାପଲକ୍ଷେ ଦୁଇଦିନ ପାଇଁ ଅନ୍ୟତ୍ର ଚାଲି ଯାଇଥିଲେ। ପତିଙ୍କ ତୀର୍ଥ ଭ୍ରମଣଜନିତ ଖୁସିରେ ବିଶେଷ ଖାଦ୍ୟ ପ୍ରସ୍ତୁତ କରି ପଡ଼ୋଶୀଙ୍କୁ ବାଣ୍ଟିବା ନିମନ୍ତେ ଥଳିରୁ ଏକ ସ୍ୱର୍ଣ୍ଣ ମୁଦ୍ରା ନେଇ ଏହାକୁ ବିକ୍ରି କରି ପତ୍ନୀ ଆନୁଷଙ୍ଗିକ ଦ୍ରବ୍ୟ କିଣିଥିଲେ। ଗୃହସ୍ୱାମୀ ଦୁଇଦିନ ପରେ ପ୍ରତ୍ୟାବର୍ତ୍ତନ କରି ସ୍ୱର୍ଣ୍ଣମୋହର ସବୁକୁ ଗଣିବାରୁ ଏହା ଗୋଟିଏ କମ୍ ଥିବା ଜାଣି ନିଶ୍ଚିତ ହୋଇଯାଇଥିଲେ ଯେ ଏସବୁ ସନ୍ଥଙ୍କ କାରନାମା। ସେ ନିଶ୍ଚୟ ଚୋରି କରିଛନ୍ତି। କ୍ରୋଧ ଜର୍ଜରିତ ହୋଇ ତାଙ୍କ ନିକଟରେ ପହଞ୍ଚି ଗାଳି ଦେଇଥିଲେ ନାନା ଅପଶବ୍ଦ ପ୍ରୟୋଗ କରି। ଚୋରିର ଆରୋପ ଲଗାଇ ଭଣ୍ଡ ବୋଲି କହିବାକୁ କୁଣ୍ଠା କରି ନଥିଲେ। ଜଣେ ଶିଷ୍ୟଠାରୁ ଏଭଳି କଟୁକଥା ଶୁଣିବା ପରେ ନିର୍ବିକାର ଥିଲେ ସନ୍ଥ। ଘରେ ପହଞ୍ଚି ସାଧୁଙ୍କୁ ଚୋର ବୋଲି ଅଭିହିତ କରିଥିଲେ ପତ୍ନୀଙ୍କ ଆଗରେ। ସାଧୁଙ୍କୁ ଅଯଥା ଦୋଷାରୋପ କରାଯାଉଥିବା ଜାଣି ପତ୍ନୀ ସତକଥା କହିଥିଲେ। ସତ୍ୟ ଜାଣିବା ପରେ ଶିଷ୍ୟ ଲଜ୍ଜିତ ହୋଇ ସାଧୁଙ୍କ ନିକଟକୁ ଯାଇ ନିଜ ଆଚରଣ ନିମନ୍ତେ ତାଙ୍କ ପାଦତଳେ ପଡ଼ି କ୍ଷମା ପ୍ରାର୍ଥନା କରିଥିଲେ ବିନା କାରଣରେ ଦୁର୍ବ୍ୟବହାର କରିଥିବା ହେତୁ। ନିର୍ବିକାର ସାଧୁ ବାମ ଓ ଡାହାଣ ଦୁଇ ହାତରେ ଦୁଇମୁଠା ଧୂଳି ଧରି ଶିଷ୍ୟଙ୍କ ଉଦ୍ଦେଶ୍ୟରେ କହିଥିଲେ- 'ମୋ ପାଇଁ ପ୍ରଶଂସା ଓ ନିନ୍ଦା ଠିକ୍ ଏଇ ଧୂଳି ସଦୃଶ। ତୁମର ପ୍ରଶଂସା ଓ ନିନ୍ଦା ମୁଁ କିଛି ହେଲେ ଗ୍ରହଣ କରିନାହିଁ। ଏବେ ତୁମେ ଯାଇପାର।'




# ପ୍ରଭୁ ଶାଳଗ୍ରାମ କିଏ ?



କୁହାଯାଏ ଯେ ଏହି ବିବାହ କରିବା ଦ୍ୱାରା ଜୀବନରେ ସୁଖ ଏବଂ ସମୃଦ୍ଧି ଆସିଥାଏ । ଭଗବାନ ବିଷ୍ଣୁ ଏବଂ ଦେବୀ ଲକ୍ଷ୍ମୀଙ୍କ ବିଶେଷ ଆଶୀର୍ବାଦ ମଧ୍ୟ ମିଳିଥାଏ । ଆସନ୍ତୁ ଜାଣିବା ପ୍ରଭୁ ଶାଳଗ୍ରାମ କିଏ ଏବଂ ପ୍ରତିବର୍ଷ କାହିଁକି ପ୍ରଭୁ ଶାଳଗ୍ରାମ ମତ ତୁଳସୀଙ୍କ ସହିତ ବିବାହ କରନ୍ତି । ଭଗବାନ ଶାଳଗ୍ରାମକୁ ଭଗବାନ ବିଷ୍ଣୁଙ୍କର ଏକ ରୂପ ଭାବରେ ବିବେଚନା କରାଯାଏ । ଏହି ଶିଳା ପ୍ରାୟତଃ ନେପାଳର ଗଣ୍ଡକୀ ନଦୀର ତଳ ଭାଗରେ ମିଳିଥାଏ । ଏହା କୌଣସି ସାଧାରଣ ପଥର ନୁହେଁ ବରଂ ଏହାକୁ ଭଗବାନ ବିଷ୍ଣୁଙ୍କ ବାସସ୍ଥାନ ବୋଲି ବିବେଚନା କରାଯାଏ । ଏଥିରେ ଶଙ୍ଖ, ଚକ୍ର, ଗଦା ଏବଂ ପଦ୍ମ ଭଳି ପ୍ରତୀକ ଅଛି । ଏହା ସ୍ୱୟଂପ୍ରକାଶିତ ହୋଇଥିବାରୁ ଏଥିରେ ପ୍ରାଣ ପ୍ରତିଷ୍ଠା କରିବାର କୌଣସି ଆବଶ୍ୟକତା ନାହିଁ । ଏହାର ଅର୍ଥ ହେଉଛି ଭକ୍ତମାନେ ଏହାକୁ ଘରକୁ ଆଣି ସିଧାସଳଖ ପୂଜା କରିପାରିବେ । ଓଡ଼ିଆ ଘରର ସଂସ୍କୃତିରେ ଶାଳଗ୍ରାମକୁ ଶ୍ରୀ ବିଷ୍ଣୁଙ୍କ ପବିତ୍ରଶିଳା ଭାବରେ ବିବେଚନା କରାଯାଏ। ଶାଳଗ୍ରାମ ପୂଜାଦ୍ୱାରା ଦୁର୍ଘଟଣା ଆଶଙ୍କା ହ୍ରାସ ପାଇଥାଏ ବୋଲି ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶ୍ୱାସ ରହିଛି। ଚତୁର୍ଭୁଜ ନାରାୟଣଙ୍କ ରୂପରେ ଶାଳଗ୍ରାମଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ।

# ବ୍ରଜ ସଂସ୍କୃତିର ଜନନୀ ଯମୁନା ନଦୀ



ଭୁବନଭାସ୍କର ସୂର୍ଯ୍ୟ ତାଙ୍କ ପିତା, ମୃତ୍ୟୁର ଦେବତା ଯମ ଭାଇ ଓ ଭଗବାନ ଶ୍ରୀକୃଷ୍ଣଙ୍କୁ ତାଙ୍କ ସ୍ୱାମୀ ରୂପରେ ଅଭିହିତ କରାଯାଇଛି । ଭଗବାନ ଶ୍ରୀକୃଷ୍ଣ ବ୍ରଜ ସଂସ୍କୃତିର ପିତା ବୋଲି କୁହାଯାଉଥିବା ବେଳେ ଯମୁନା ନଦୀକୁ ମାତା କୁହାଯାଏ । ଏହିପରି ସେ ପ୍ରକୃତ ଅର୍ଥରେ ବ୍ରଜ ଲୋକଙ୍କ ମାତା । ତେଣୁ ବ୍ରଜରେ ଯମୁନାଙ୍କୁ ମା' କୁହାଯାଏ । ବ୍ରହ୍ମ ପୁରାଣରେ ଯମୁନାଙ୍କ ଆଧାତ୍ମିକ ରୂପ ବିଷୟରେ ବର୍ଣ୍ଣନା କରିବାବେଳେ ଏକ ବିବରଣ ଉପସ୍ଥାପିତ ହୋଇଛି -

**ପୁରାଣର ଅନେକ ସ୍ଥାନରେ ଏହାକୁ ବନ୍ଦନୀୟ କୁହାଯାଇଛି । ସ୍କନ୍ଧ ପୁରାଣରେ ଯମୁନା ନଦୀର ବନ୍ଦନା କରି କୁହାଯାଇଛି, ଯମୁନାରେ ସ୍ନାନ କରୁଥିବା ବ୍ୟକ୍ତିଙ୍କୁ ଭଗବାନ ବିଷ୍ଣୁଙ୍କର ଆଶୀର୍ବାଦ ପ୍ରାପ୍ତ ହେବା ସହ ସମସ୍ତ ପାପ କ୍ଷୟ ହୋଇଯାଏ । ସ୍କନ୍ଧ ପୁରାଣରେ ଯମୁନା ନଦୀକୁ ଗଙ୍ଗା ନଦୀ ଠାରୁ ଅଧିକ ପବିତ୍ର ମାନ୍ୟତା ଦିଆଯାଇଛି ।**

ସେ ସୃଷ୍ଟିର ଆଧାର ଅଟେ.. ଯାହାକୁ ସଚ୍ଚିଦାନନ୍ଦ ସ୍ୱରୂପ କୁହାଯାଏ. . ଉପନିଷଦରେ ଯାହାଙ୍କର ବ୍ରହ୍ମ ରୂପର ଗାୟନ କରାଯାଇଛି. . ସେହି ପରମତତ୍ତ୍ୱ ହେଉଛନ୍ତି ସାକ୍ଷାତ ଯମୁନା । ପଣ୍ଡିତ ଶ୍ରୀରୁପ ଗୋସ୍ୱାମୀ ଯମୁନାଙ୍କୁ ଚିଦାନନ୍ଦମୟୀ ବୋଲି ବର୍ଣ୍ଣନା କରିଛନ୍ତି । ଚିଦାନନ୍ଦମୟୀ ଅର୍ଥାତ ଯାହାଙ୍କ ଦର୍ଶନ ଦ୍ୱାରା ଆତ୍ମାକୁ ପ୍ରକୃତ ଆନନ୍ଦ ପ୍ରାପ୍ତ ହୋଇଥାଏ । ଯମୁନା ନଦୀକୁ ଗଙ୍ଗା ନଦୀ ସମାନ ମା'ର ମାନ୍ୟତା ପ୍ରଦାନ କରାଯାଇଛି । ଯେଉଁଭଳି ସ୍ନାନ, ସ୍ତୁତି ଓ ଆଚମନ ପାଇଁ ଗଙ୍ଗା ଜଳର ମହତ୍ତ୍ୱ ରହିଛି, ସେହିପରି ଯମୁନା ନଦୀର ମଧ ବିଶେଷ ଗୁରୁତ୍ୱ ରହିଛି । ଗଙ୍ଗା ପରି ଯମୁନା ମଧ ତୀର୍ଥଯାତ୍ରାର କେନ୍ଦ୍ର ପାଲଟିଛି । ଏହା ବ୍ୟତୀତ ବିଷ୍ଣୁଙ୍କ ଅବତାରର ଭଗବାନ କୃଷ୍ଣଙ୍କର ଲୀଳାର ସହଯୋଗୀ ଓ ସାକ୍ଷୀ ହୋଇଥିବାରୁ ଏହାର ଜଳ ହରି ଚରଣାମୃତ ସହିତ ସମାନ ବୋଲି ବିବେଚନା କରାଯାଏ । ପୁରାଣର ଅନେକ ସ୍ଥାନରେ ଏହାକୁ ବନ୍ଦନୀୟ କୁହାଯାଇଛି । ସ୍କନ୍ଧ ପୁରାଣରେ ଯମୁନା ନଦୀର ବନ୍ଦନା କରି କୁହାଯାଇଛି, ଯମୁନାରେ ସ୍ନାନ କରୁଥିବା ବ୍ୟକ୍ତିଙ୍କୁ ଭଗବାନ ବିଷ୍ଣୁଙ୍କର ଆଶୀର୍ବାଦ ପ୍ରାପ୍ତ ହେବା ସହ ସମସ୍ତ ପାପ କ୍ଷୟ ହୋଇଯାଏ । ସ୍କନ୍ଧ ପୁରାଣରେ ଯମୁନା ନଦୀକୁ ଗଙ୍ଗା ନଦୀ ଠାରୁ ଅଧିକ ପବିତ୍ର ମାନ୍ୟତା ଦିଆଯାଇଛି । ଏଥିରେ କୁହାଯାଇଛି ଗଙ୍ଗା ନଦୀର ଦର୍ଶନରେ ପାପ କ୍ଷୟ ଓ ଛୁଇଁଲେ ପାତକ ସମାପ୍ତ ହୋଇଯାଏ କିନ୍ତୁ ଯମୁନାରେ ସ୍ନାନ କରିବା ଦ୍ୱାରା ସିଧା ମୋକ୍ଷପ୍ରାପ୍ତ ହୋଇଯାଏ । ସେହିପରି ବ୍ରହ୍ମପୁରାଣରେ ଯମୁନା ନଦୀକୁ ପାପନାଶିନୀ, ଶୋକହାରିଣୀ ଓ କଲ୍ୟାଣୀ କୁହାଯାଇଛି । ଯମୁନା ନଦୀରେ ବୁଡ଼ ପକାଇଲେ ସମସ୍ତ ଦୁଃଖ ଧୋଇ ହୋଇଯିବା ସହ ପାପ ନାଶ ହୋଇଯାଏ ।



## ରାଧାଙ୍କର କୃଷ୍ଣଙ୍କୁ ଅପେକ୍ଷା



ରାଣୀ ଶିଶୁକନ୍ୟାକୁ ଉତ୍ତମରୂପେ ସ୍ନାନ କରାଇ ରତ୍ନଦୋଳିରେ ଝୁଲାଇଲେ। ମାତ୍ର କନ୍ୟା ଆଦୌ ଆଖି ଫିଟାଇ ଚାହିଁଲା ନାହିଁ। କିଛି ଖାଦ୍ୟପାନୀୟ ଗ୍ରହଣ କଲାନି। କେବଳ ନିଶ୍ଚିନ୍ତ ହୋଇ ଶୋଇ ରହିଲା। ଏହା ଦେଖି ରାଜା ରାଣୀ ବହୁତ ଦୁଃଖୀ ହେଲେ ଓ ବିଭିନ୍ନ ଉପଚାର କରାଇଲେ। ସେଦିନ ରାଜା ଦୁଃଖୀଦରିଦ୍ର,ବ୍ରାହ୍ମଣଙ୍କୁ ଡକାଇ ବହୁତ ଧନ ଦାନ କଲେ। ପ୍ରଜାମାନେ ପ୍ରତି ଘରେ ସୁବର୍ଣ୍ଣ କଳସ ବସାଇ ବ୍ରତ ପାଳନ କଲେ। ଏହିପରି ଭାବେ କିଛିଦିନ ବିତିଗଲା। କିନ୍ତୁ କନ୍ୟାର ନିଦ ଭାଙ୍ଗିଲା ନାହିଁ। ଦିନେ ଦେବର୍ଷି ନାରଦଙ୍କୁ ଦେଖି ରାଜା ବୃଷଭାନୁ ଆରମ୍ଭରୁ ସବୁକଥା କହି ନିଜର ଦୁଃଖ ଜଣାଇଲେ। ରାଜାଙ୍କ କଥା ଶୁଣି ନାରଦ ଆଶ୍ୱାସନା ଦେଇ କହିଲେ ତୁମେ ଅତ୍ୟନ୍ତ ଭାଗ୍ୟବାନ ରାଜା। ସ୍ୱୟଂ ଲକ୍ଷ୍ମୀ ତୁମ ଘରେ ସନ୍ତାନ ରୂପରେ ଅଛନ୍ତି। ଏବେ ସେ ପରଂବ୍ରହ୍ମଙ୍କୁ ଲୟ ରଖି ଶୋଇଛନ୍ତି । ଯେବେ ନାରାୟଣ ଜନ୍ମନେବେ ସେତେବେଳେ ତାଙ୍କର ଆଖି ଫିଟିବ।

# ରାଧା ଜନ୍ମର ଅଲୌକିକ କାହାଣୀ




*ପଦ୍ମବନରୁ ପାଇଥିବାରୁ କନ୍ୟାର ନାମ ରାଧିକା ଦେଲେ। ସେହିପରି ବିଭିନ୍ନ ଲୋକ ବିଭିନ୍ନ ନାଁ ଦେଲେ ଯେମିତି ବୃଷଭାନୁ ଦେଲେ ରସବତୀ, ମା କୀର୍ତ୍ତିଦା ଦେଲେ ବିନୋଦିନୀ, ଯୋଗମାୟାଙ୍କ ଅବତାର ପୂର୍ଣ୍ଣମାସୀ ଦେଲେ ଶ୍ରୀମତୀ, ବୃନ୍ଦାବନର ଗୋପୀ ଦେଲେ ବୃନ୍ଦାବନେଶ୍ୱରୀ। ରାଜା ଋଷି ଦୁର୍ବାସାଙ୍କୁ ଡକାଇ କନ୍ୟାର ଜାତକ ତିଆରି କରାଇଲେ...*

ରାଧା ହେଉଛନ୍ତି ପ୍ରେମ ଓ ଭକ୍ତିର ପ୍ରତୀକ। ସେ କୃଷ୍ଣଙ୍କର ଆଦି ଶକ୍ତି ଓ ଦିବ୍ୟସଙ୍ଗିନୀ। ରାଧା ହେଉଛନ୍ତି ଭକ୍ତିର ସର୍ବୋଚ୍ଚ ରୂପ।ରାଧାଙ୍କର ପ୍ରେମ ଓ ଭକ୍ତି ମାନବାତ୍ମାର ପରମାତ୍ମା ସହିତ ମିଳନର ପ୍ରତୀକ। କୁହାଯାଏ ରାଧାଙ୍କଠାରୁ ସବୁରି ସୃଷ୍ଟି ହୋଇଛି। ଜଳସ୍ଥଳ, ଆକାଶ, ପବନ, ନିଆଁ, ସୂର୍ଯ୍ୟ, ଚନ୍ଦ୍ର, ଇନ୍ଦ୍ର ଆଦି ସବୁ ଦେବତା ତଥା ମାନବ ଓ ପଞ୍ଚଭୂତ ରାଧାଙ୍କଠାରୁ ହିଁ ଉତ୍ପତ୍ତି ହୋଇଛି। ରାଧା ନିତ୍ୟଶ୍ୱରୀ, ରାସମଣ୍ଡଳର ଅଧିକାରିଣୀ। ରାଧାଙ୍କ ବିନା କୃଷ୍ଣ ଅଧୁରା। ରାଧା ଓ କୃଷ୍ଣ ଏକ ଓ ଅଭିନ୍ନ। ରାଧା ହେଉଛନ୍ତି ଆଯୋନୀସମ୍ଭୂତା। କିନ୍ତୁ ତାଙ୍କର ଆବିର୍ଭାବ ଦିବସ ଭାଦ୍ରବମାସ ଶୁକ୍ଳପକ୍ଷ ଅଷ୍ଟମୀକୁ ରାଧାଜନ୍ମୋତ୍ସବ ବା ରାଧାଷ୍ଟମୀ ଭାବେ ପାଳନ କରାଯାଏ।



ବୈଷ୍ଣବ ସମ୍ପ୍ରଦାୟ, ବିଶେଷତଃ ଗୌଡୀୟ ବୈଷ୍ଣବମାନେ ଏହି ପର୍ବକୁ ବହୁ ଭକ୍ତି ଓ ଉତ୍ସାହରେ ପାଳନ କରନ୍ତି। ପୁରାଣ କଥା ଅନୁସାରେ ରାଧା ଥିଲେ ଆଯୋନିସମ୍ଭୂତା । ସେଦିନ ଥାଏ ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି, ରାଜା ବୃଷଭାନୁ ସୈନ୍ୟ ସାମନ୍ତଙ୍କ ସହିତ ମୃଗୟାରେ ବନକୁ ଯାଉଥିଲେ। ବାଟରେ କାଳିନ୍ଦୀ ହ୍ରଦ ନିକଟରେ ପଦ୍ମଫୁଲର ବାସ୍ନା ଚହଟି ଯାଉଥିଲା। ପଦ୍ମଫୁଲର ବାସ୍ନାରେ ବୃଷଭାନୁ ଆକର୍ଷିତ ହୋଇ ହ୍ରଦ ନିକଟକୁ ଗଲେ। ଭାବିଲେ କିଛି ପଦ୍ମଫୁଲ ଆଣି ରାଣୀ କୀର୍ତ୍ତିଦାଙ୍କୁ ଦେବେ, ରାଣୀ ହେଉଛନ୍ତି ମା ଲକ୍ଷ୍ମୀଙ୍କ ଭକ୍ତ, ସେ ଏହି ପଦ୍ମଫୁଲ ଦେଇ ଲକ୍ଷ୍ମୀଙ୍କ ପୂଜା କରିବେ। ବୃଷାଭାନୁ ହ୍ରଦ ନିକଟକୁ ଯାଇ ଦେଖିଲେ ଯେ ନୀଳ ପଦ୍ମ ଫୁଲ ଉପରେ ଏକ ଶିଶୁ ନିଶ୍ଚିନ୍ତରେ ଶୋଇଚି। ସତେ ଯେପରି ଗୋଟିଏ ହୀରାର କଣ୍ଢେଇ। ଶିଶୁର ଦେହରୁ ଉଜ୍ଜ୍ୱଳ ନୀଳଜ୍ୟୋତି ପ୍ରକାଶ ପାଉଛି। ସେ ଶିଶୁର ରୂପଲାବଣ୍ୟ ପୂର୍ଣ୍ଣିମାର ଜହ୍ନଠୁ ବି ଆହୁରି ସୁନ୍ଦର। ରାଜା ବୃଷଭାନୁ ସେପର୍ଯ୍ୟନ୍ତ ନିଃସନ୍ତାନ ଥିଲେ। ଏ କନ୍ୟାକୁ ପାଇ ରାଜା ଦରିଦ୍ର କୋଟିନିଧି ପାଇବା ପରି ଅନୁଭବ କଲେ । ସେ ସେହି ଶିଶୁକୁ ଆଣି ନିଜର କନ୍ୟା ରୂପେ ଲାଳନପାଳନ କଲେ। ରାଣୀ ଶିଶୁକନ୍ୟାକୁ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲେ। ପଦ୍ମବନରୁ ପାଇଥିବାରୁ କନ୍ୟାର ନାମ ରାଧିକା ଦେଲେ। ସେହିପରି ବିଭିନ୍ନ ଲୋକ ବିଭିନ୍ନ ନାଁ ଦେଲେ ଯେମିତି ବୃଷଭାନୁ ଦେଲେ ରସବତୀ, ମା କୀର୍ତ୍ତିଦା ଦେଲେ ବିନୋଦିନୀ, ଯୋଗମାୟାଙ୍କ ଅବତାର ପୂର୍ଣ୍ଣମାସୀ ଦେଲେ ଶ୍ରୀମତୀ, ବୃନ୍ଦାବନର ଗୋପୀ ଦେଲେ ବୃନ୍ଦାବନେଶ୍ୱରୀ। ରାଜା ଋଷି ଦୁର୍ବାସାଙ୍କୁ ଡକାଇ କନ୍ୟାର ଜାତକ ତିଆରି କରାଇଲେ ।



## ଶ୍ରୀ ଓଁକାରେଶ୍ୱର

ନର୍ମଦା ନଦୀ ମଧ୍ୟରେ ଓଁ ଆକୃତିର ଗୋଟିଏ ଟାପୁରେ ଭଗବାନ ଶ୍ରୀ ଓଁକାରେଶ୍ୱର ସ୍ୱୟମ୍ଭୁ ଜ୍ୟୋତିର୍ଲିଙ୍ଗ ଭାବେ ବିରାଜିତ। ମଧ୍ୟପ୍ରଦେଶ ଖଣ୍ଡୱା ସ୍ଥିତ ଏହି ଟାପୁ ବା ଦ୍ୱୀପର ନାମ ମାନ୍ଧାତା ବା ଶିବପୁରୀ ଦ୍ୱୀପ । ଏହାର ବିପରୀତ ପାର୍ଶ୍ୱରେ ଶ୍ରୀ ମମଲେଶ୍ୱର ଶିବ ଲିଙ୍ଗ ମଧ ପୂଜା ପାଉଛନ୍ତି । ପୌରାଣିକ ବିଶ୍ୱାସ ଅନୁସାରେ ଇକ୍ଷାକୁ ବଂଶୀୟ ରାମଚନ୍ଦ୍ରଙ୍କ ପୂର୍ବବଂଶୀୟ ରାଜା ମାନ୍ଧାତା ଓଁକାରେଶ୍ୱର ଓ ମମଲେଶ୍ୱରଙ୍କୁ ସ୍ଥାପନା କରି ନିଜ ଦୁଇ ପୁଅ ଅମ୍ବରୀଶ ଏବଂ ମୁଚୁକୁନ୍ଦଙ୍କୁ ପୂଜା ଦାୟିତ୍ୱ ଅର୍ପଣ କରିଥିଲେ । ଦେବାସୁର ସଂଗ୍ରାମ ସମୟରେ ଓଙ୍କାରେଶ୍ୱର ସାକ୍ଷାତ ପ୍ରକଟ ହୋଇ ଦେବତାମାନଙ୍କୁ ରକ୍ଷା କରିଥିଲେ । ଆଦି ଶଙ୍କର ୮ ବର୍ଷ ବୟସରେ ସଦ୍‌ଗୁରୁ ସନ୍ଧାନରେ ଆସି ଏଠାରେ ଗୁରୁ ଗୋବିନ୍ଦ ପାଦଙ୍କ ଦର୍ଶନ ଲାଭ କରିଥିଲେ। ତେଣୁ ଏଠାରେ ଏକ ଗୁମ୍ଫାରେ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କର ଏକ ମୂର୍ତ୍ତି ସ୍ଥାପନ କରାଯାଇଛି ।

## ଢେଙ୍କିକୋଟ ଲ୍ୟାମ୍ପରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ

କେନ୍ଦୁଝର,(ନିପ୍ର): ଘଟଗାଁ ବ୍ଲକ ଢେଙ୍କିକୋଟ ଠାରେ ଥିବା ଲ୍ୟାମ୍ପରେ ସମବାୟ ବିଭାଗ ତରଫରୁ ନୂତନ ଭାବେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଖୋଲିଛି । ପ୍ରଥମେ ଏକ ମାହେନ୍ଦ୍ର ବେଳାରେ ପୂଜାପାଠ କରାଯାଇ ପରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜିଲ୍ଲା ସମବାୟ ବିଭାଗର ଉପ ନିବନ୍ଧକ ପର୍ଶୁରାମ ପାତ୍ର ଫିତାକାଟି ଉଦ୍‌ଘାଟନ କରିଥିଲେ । ତାଙ୍କ ସହିତ ସମବାୟ ବିଭାଗର ଇନ୍ସପେକ୍ଟର ସୀମାଶ୍ରୀ ଜେନା ଉପସ୍ଥିତ ଥିଲେ । ଢେଙ୍କିକୋଟ ଲ୍ୟାମ୍ପର ମୁଖ୍ୟ ପରିଚାଳକ କେଶବ ବାରିକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ




ହୋଇଥିଲା । ଲ୍ୟାମ୍ପର ଡାଇରେକ୍ଟରମାନଙ୍କ ମଧ୍ୟରେ ଏମଡି ତାହିର, ସେକ୍ ମୋବିନ, ସନ୍ତୋଷ କୁମାର ବେହେରା, ପାଣ୍ଡବ ଚାତମା,ପ୍ରଫୁଲ୍ଲ ମହାନ୍ତ,ବନମାଳୀ ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଆଖପାଖର ଲୋକମାନେ ଦୁଗ୍ଧ ଆଣି ଲ୍ୟାମ୍ପରେ ଦେଇଥିଲେ । ଦୁଗ୍ଧ ସବୁ ମପାଯାଇ ପରୀକ୍ଷା କରାଯାଇଥିଲା । ପ୍ରକୃତରେ କେତେ ପରିମାଣର ପାଣି ମିଶିଛି ଓ ପ୍ରକୃତ ଦୁଗ୍ଧ କି ନୁହଁ ଜଣାପଡ଼ିଥିଲା । ତେବେ ଲ୍ୟାମ୍ପରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଖୋଲିବାରୁ ଦୁଗ୍ଧ ବିକ୍ରି କରୁଥିବା ଲୋକଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି । ସେମାନେ ବୁଲିବୁଲି ଏଣେତେଣେ ଦୁଗ୍ଧ ବିକୁଥିଲେ ଦରକାର ହେଲେ ବାକିରେ ଦେଉଥିଲେ । ଦୁଗ୍ଧ ବି ଅନେକ ସମୟରେ ନଷ୍ଟ ହେଉଥିଲା । ସେ ସମସ୍ୟାରୁ କ୍ଷୀର ବେପାରୀମାନେ ଏବେ ମୁକ୍ତି ପାଇଛନ୍ତି ।

## ସଭାମଣ୍ଡପର ପୁର୍ନଉଦ୍ଧାର, ବିକାଶ ପାଇଁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ହାତକୁ ଗଲା



ଚାରିଛକ,(ନିପ୍ର): ପୁରୀଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ନିକଟସ୍ଥ ତୁଳସୀପୁର ପଂଚାୟତ ଐତିହାସିକ ସଭାମଣ୍ଡପରେ ପ୍ରତ୍ୟେକ ବର୍ଷ ପ୍ରସିଦ୍ଧ ଦୋଳ ପୂର୍ଣ୍ଣିମା ଅବସରରେ ଚାରି ଠାକୁର ମାଧବର ମାଧବାନନ୍ଦ ଜୀଉ, ଛଣିଜଙ୍ଗର ପ୍ରଭୁ ରାଧାକାନ୍ତ, ଅମରେଶ୍ୱରର ପ୍ରଭୁ ଅମରେଶ୍ୱର ଓ ବନ୍ଦେଶ୍ୱରର ପ୍ରଭୁ ବନ୍ଦେଶ୍ୱର ବଡ ସଭାମଣ୍ଡପ ଉପରେ ବିରାଜମାନ କରି ହଜାର ହଜାର ସଂଖ୍ୟାର ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ଏହି ଐତିହାସିକ ସଭାମଣ୍ଡପଟି ଏକାଦଶ ଶତାବ୍ଦୀର ହୋଇଥିବାରୁ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏହି ସ୍ଥାନଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିଲା । ଅବହେଳିତ ଅବସ୍ଥାରେ ଥିବା ଏହି ପୀଠର ପୁର୍ନଉଦ୍ଧାର ନିମନ୍ତେ ବିଭିନ୍ନ ଗଣମାଧ୍ୟରେ ବାରମ୍ବାର ଖବର ପ୍ରକାଶ ପରେ ଓଡିଶା ରାଜ୍ୟ ପ୍ରତ୍ନଉତ୍ୱ, ଓଡିଆ ଭାଷା,ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଓଡିଶା ସରକାର ଏହାର ବିକାଶ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏହି ସ୍ମାରକଟି ଓଡିଶା ପ୍ରାଚୀନ ସ୍ମାରକୀ ଅଟେ, ଉକ୍ତ ପୀଠର ପୁର୍ନଉଦ୍ଧାର ଓ ସଭାମଣ୍ଡପର ରକ୍ଷଣାବେକ୍ଷଣ କରିବାକୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏହାକୁ ହାତକୁ ନେଇଛନ୍ତି । ସଂରକ୍ଷଣ ଅଂଚଳ ମଧ୍ୟରେ ଯେ କୌଣସି ନିର୍ମାଣ ବେଆଇନ ଏବଂ ଆଇନର ଧାରା ୧୬ ଅନୁଯାୟୀ ଦଣ୍ଡନୀୟ, ଯାହା ସାତବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ,୫୦ହଜାର ପର୍ଯ୍ୟନ୍ତ ଜରିମାନା କିମ୍ବା ଉଭୟ ଲାଗୁ କରାଯିବା ପାଇଁ ସୂଚନା ଫଳକରେ ଉଲ୍ଲେଖ ରହିଛି । ଏହା ବ୍ୟତୀତ ଓଡିଶା ଉନ୍ନୟନ କର୍ତ୍ତୃପକ୍ଷ(ଯୋଜନା ଏବଂ ନିର୍ମାଣ ମାନଦଣ୍ଡ)ନିୟମ ୨୦୨୦ ଧାରା ୨୦ ଅନୁଯାୟୀ ଏହି ସ୍ମାରକୀର ବାହ୍ୟ ସୀମାର ଏକଶହ ମିଟର ମଧ୍ୟରେ କୌଣସି ନିର୍ମାଣ କାର୍ଯ୍ୟ କରାଯିବ ନାହିଁ ଉକ୍ତ ଫଳକରେ ଲିପିବଦ୍ଧ ହୋଇଛି । ରାଜ୍ୟ ସରକାର ଉକ୍ତ ପୀଠର ଉନ୍ନତିକରଣ ଓ ବିକାଶ ପାଇଁ ଉଦ୍ୟମ ଜାରି ରଖିଥିବାରୁ ଚାରିଠାକୁରଙ୍କ ସେବକ ତ୍ରିଲୋଚନ ପୁଷ୍ପାଳକ,ଲୋଚନ ପୁଷ୍ପାଳକ,ମହେନ୍ଦ୍ର ମହାପାତ୍ର,କୃଷ୍ଣଚନ୍ଦ୍ର ମହାପାତ୍ର,ଚକ୍ରଧର ପାଣି,ଗଙ୍ଗାଧର ପାଣୀ, ଚୈତନ ପାଣି,ପୂର୍ଣ୍ଣଚନ୍ଦ୍ର ପାଣି,ଗଙ୍ଗାଧର ପାଣି,ନରେନ୍ଦ୍ର ପୁଷ୍ପାଳକ,ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର,ପ୍ରାଚୀ ସାହିତ୍ୟ ସଂସଦର ସଭାପତି ପ୍ରଫେସର ଗୋପୀନାଥ କର,ସଂପାଦକ ଐତିହାସିକ ଡଃ ସନ୍ତୋଷ କୁମାର ମିତ୍ର,ବରିଷ୍ଠ ନାଗରୀକ ମଂଚର ସଂପାଦକ କାହ୍ନୁ ଚରଣ ବେହେରା,ଭଗବାନ ସାହୁ ଚାରିଟେବୁଲ ଟ୍ରଷ୍ଟର ସଂପାଦକ ପ୍ରଫୁଲ୍ଲ କୁମାର ସାହୁ,ଶିକ୍ଷାବିତ୍ ନିରଞ୍ଜନ କର,ଦ୍ୱିଜବର ମୁଦୁଲିଙ୍କ ସମେତ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀ ପ୍ରମୁଖ ରାଜ୍ୟ ସରକାର ଏବଂ ସ୍ଥାନୀୟ ବିଧାୟିକା ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ସାଧୁବାଦ ଜଣାଇଛନ୍ତି ।

## ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

ରାୟଗଡ଼ା,(ନିପ୍ର): ଜିଲ୍ଲାର ଅଧିକାଂଶ ସ୍ଥାନରେ ଖଣି ଓ ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ାଉ କରି ୧୧ ଟି ବାଲି ବୋଝେଇ ଟ୍ରାକ୍ଟର ଜବତ ଘଟଣାରେ ମାଲିକଙ୍କ ଠାରୁ ଜୋରିମାନା ଆଦାୟ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ଏଠାରେ ପ୍ରକାଶଯୋଗ୍ୟ ଯେ,ଜିଲ୍ଲାପାଳ ଆଶୁତୋଷ କୁଲକାର୍ଣିଙ୍କ ନିର୍ଦ୍ଦେଶ ପ୍ରକାରେ ରାଜସ୍ୱ ଏବଂ ଖଣି ବିଭାଗ ପକ୍ଷରୁ ଦୁଇଟି ଟିମ୍ ଗଠନ କରାଯାଇଥିଲା । ଏହି ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ଜିଲ୍ଲାର କେତେକ ସ୍ଥାନରେ ମାଲିଗାଁ, ଲାଢ଼ା, ପିତାମହଲ, ଓ ଜେମଆଦେଇପେଣ୍ଟୋ , ଆଦି ଅଞ୍ଚଳରେ ଚଢ଼ାଉ କରଯାଇଥିଲା । ଚଢ଼ାଉବେଳେ ୧୧ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରଯାଇଥିଲା । ତନ୍ମଧ୍ୟରୁ ୪ଟି ଟ୍ରାକ୍ଟର ରାୟଗଡ଼ା ତହସିଲ୍ କାର୍ଯ୍ୟାଳୟକୁ ଅଣାଯାଇଥିଲା । ୨ଟି ଟ୍ରାକ୍ଟରକୁ ଶେଷଖାଲ ଥାନା ଜିମା ଦେଇଥିବା ଜଣାପଡ଼ିଛି ।ଏହି ଦୁଇଟା ଟ୍ରାକ୍ଟର କୌଣସି କାଗଜପତ୍ର ନ ଥିବାରୁ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଜୋରିମାନା ବାବଦରେ ୨୭ ହଜାର ଟଙ୍କା ଚାଲାଣ କରାଯାଇଛି । ସେହିପରି ଜବତ ହେଇଥିବା ୫ଟି ଟ୍ରାକ୍ଟର ଅଧବାଟରୁ ଖସି ଯାଇଥିବା ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି ।

## ଧାମନଗର ଏସିଡିସି ବୈଠକ
## ବର୍ଷା ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାମନଗର ନିର୍ବାଚନ ମଣ୍ଡଳୀ ବିକାଶ କମିଟି (ଏସିଡିସି) ବୈଠକ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କ୍ରୀଡା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୈଠକରେ ଯୋଗଦେଇ ବିଗତ ବର୍ଷ ଓ ଚଳିତ ବର୍ଷରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ । ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳସେଚନ, ଖାଉଟି ଯୋଗାଣ, ମତ୍ସ୍ୟ, ଉଦ୍ୟାନ, ଗମନାଗମନ, ମିଶନ ଶକ୍ତି, ପ୍ରାଣୀ ସମ୍ପଦ, ଉଠା ଜଳସେଚନ,



ପୂର୍ତ୍ତ, ଗୃହ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ଓ ଜଳ ନିଷ୍କାସନ ବିଭାଗର ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ସଠିକ୍ ଭାବେ ଚାଲୁଛି କି ନାହିଁ, ସେ ନେଇ ଖୁବ୍ ତଥ୍ୟାତ୍ମକ ଆଲୋଚନା ହୋଇଥିଲା । ଆଗାମୀ ବର୍ଷା ଋତୁ ପୂର୍ବରୁ ସମସ୍ତ ଅପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏହାଛଡା ଧାନ ଚାଷ, ତୈଳବୀଜ ଫସଲ, ଝୋଟ, ମାଛ ଚାଷ, ଛତୁ ଚାଷ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ଥିକ ସ୍ୱାବଲମ୍ବନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିଜେ ପ୍ରସ୍ତୁତ କରୁଥିବା ସାମଗ୍ରୀର ବିକ୍ରୟ ବୃଦ୍ଧି କରି ଅଧିକ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ଭଦ୍ରକ ଜିଲ୍ଲାପାଳଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଶୌଚାଳୟରେ ଝୁଲୁଛି ତାଲା : ଅସୁବିଧାରେ ରୋଗୀ ଓ ପର୍ଯ୍ୟଟକ




ଚାରିଛକ,(ନିପ୍ର): ସରକାରଙ୍କ 'ବାହ୍ୟ ମଳମୁକ୍ତ' ଅଭିଯାନ ଚାରିଛକ ଅଞ୍ଚଳରେ ଏବେ ବାଟବଣା ହେଲା ଭଳି ମନେହେଉଛି ।

ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ଠାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଶୁଳଭ ଶୌଚାଳୟ ଦୀର୍ଘ ଦିନ ଧରି ବନ୍ଦ ହୋଇ ପଡ଼ିରହିଛି । ଉଦ୍‌ଘାଟନ ହେବାର ଅଳ୍ପ ଦିନ ପରେ ଏଥିରେ ତାଲା ପଡ଼ିଥିବାରୁ ଏହା ସାଧାରଣ ଲୋକଙ୍କ କୌଣସି କାମରେ ଆସୁନାହିଁ । ଅସୁବିଧାରେ ପର୍ଯ୍ୟଟକ ଓ ଜନସାଧାରଣ । ଚାରିଛକ ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ଓ ଯାତାୟାତର ମୁଖ୍ୟ ସ୍ଥଳ ହୋଇଥିବାରୁ ଏଠାକୁ ଦୈନିକ ହଜାର ହଜାର ଲୋକଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକମାନେ ଆସିଥାନ୍ତି । ମାତ୍ର ଶୌଚାଳୟରେ ତାଲା ପଡ଼ିଥିବାରୁ ବାହାରୁ ଆସୁଥିବା ଲୋକେ ଓ ପର୍ଯ୍ୟଟକମାନେ ଶୌଚ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ମହିଳାମାନେ ଶୋଚନୀୟ ପରିସ୍ଥିତି ଭୋଗୁଛନ୍ତି ।

ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ, ଶୌଚାଳୟଟି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରେ ହିଁ ନିର୍ମାଣ କରାଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ବାଧ୍ୟ ହୋଇ ରାସ୍ତା କଡ଼ରେ ଶୌଚ କରୁଛନ୍ତି । ଏହାଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି, ଯାହା ସଂକ୍ରମଣର ଭୟ ବଢ଼ାଉଛି । କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱଚ୍ଛତା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଠାରେ ପ୍ରଶାସନିକ ଅବହେଳା ସ୍ପଷ୍ଟ ବାରି ହୋଇପଡୁଛି । ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀମାନେ ନିମାପଡ଼ା ବିଧାୟିକା ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଅଞ୍ଚଳବାସୀଙ୍କ ସୁବିଧା ପାଇଁ ତୁରନ୍ତ ବନ୍ଦ ଥିବା ଶୌଚାଳୟକୁ କାର୍ଯ୍ୟକ୍ଷମ କରିବା ସହ ଆବଶ୍ୟକ ସ୍ଥଳେ ନୂତନ ଶୌଚାଳୟ ନିର୍ମାଣ କରିବାକୁ ଜନସାଧାରଣରେ ଦାବି ହୋଇଛି ।

## ରେଳଚାଳକଙ୍କ ସମୟପୋଯୋଗୀ କାର୍ଯ୍ୟ ପାଇଁ ଅଳ୍ପକେ ବର୍ତିଲେ ଗଜରାଜ

କେନ୍ଦୁଝର,(ନିପ୍ର): କେନ୍ଦୁଝର ଜିଲ୍ଲା କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ସିତାବିଞ୍ଜି ବସନ୍ତପୁର ରେଳଲାଇନରେ ଗୋଟିଏ ଦନ୍ତା ହାତୀ ରେଳ ଲାଇନ ଅତିକ୍ରମ କରୁଥିବା ବେଳେ ଏକ ମାଲବାହୀ ଟ୍ରେନ ଜଖପୁରାରୁ କେନ୍ଦୁଝର ଅଭିମିଖେ ଆସୁଥିଲା । କିଲୋମିଟର ନମ୍ବର ୮୦/୧୮-୧୬ ମଧ୍ୟରେ ଡାଉନ୍ ଲାଇନରେ ଏକ ବଡ଼ ପୁରୁଷ ଦନ୍ତା



ହାତୀ ଟ୍ରାକ୍ ପାର ହେଉଥିବାର ଦେଖି ଟ୍ରେନ ଚାଳକ ଦୀପକ କୁମାର ବାରିକ ଓ ସତ୍ୟରଞ୍ଜନ ସାହୁ ତୁରନ୍ତ ଟ୍ରେନର ହର୍ଣ୍ଣ ବଜାଇବା ସହିତ ଜରୁରୀ କାଳୀନ ବ୍ରେକ ଲଗାଇ ପ୍ରଥମେ ଟ୍ରେନକୁ ଠିଆ କରାଇଥିଲେ । ହାତୀଟି ନିରାପଦରେ ଜଙ୍ଗଲ ଭିତରକୁ ଯିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ । ପରବର୍ତ୍ତୀ ସମୟରେ ଏହି ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ଖୋର୍ଦ୍ଧା ରୋଡ଼ ମଣ୍ଡଳର ବସନ୍ତପୁର ଷ୍ଟେସନରେ ରେଳଚାଳକ ଦ୍ୱୟ ଲିଖିତ ଜଣାଇଥିଲେ ।

## ଲେଖିକା ଛାୟା ପୂରବୀଙ୍କ ଏକାଦଶାହଃରେ ସ୍ମୃତିସଭା

ନିଆଳି (ନିପ୍ର): ସ୍ଥାନୀୟ ସାହୁ ପ୍ୟାଲେସ୍ ଠାରେ ସାହିତ୍ୟିକ ଡଃ. ତ୍ରିନାଥ ପଟ୍ଟନାୟକଙ୍କ ସହଧର୍ମିଣୀ ସାହିତ୍ୟିକା ଛାୟା ପୂରବୀଙ୍କର ଏକାଦଶାହଃ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ନାରାୟଣ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନୀତ ଅତିଥି ଭାବେ ପ୍ରାଚୀ ଗବେଷକ ହଂସନାଥ ସାହୁ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ଅସିତ୍ ମହାନ୍ତି,ସାହିତ୍ୟିକ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି, ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ, ଡା.ଚିତ୍ତ ରଂଜନ ମିଶ୍ର,ଡାକ୍ତର ଅଧିରାଜ କୁମାର ପରିଡା, ସମେତ ଗ୍ରାମାଞ୍ଚଳର ବହୁ କବି ଓ କବୟତ୍ରୀ ପ୍ରମୁଖ ଯୋଗଦେଇଥିଲେ ।

## ସାବିତ୍ରୀ ଭାର ବଣ୍ଟନ କଲେ ମନ୍ତ୍ରୀ



ବୁଗୁଡ଼ା (ନିପ୍ର): ଆମ ହିନ୍ଦୁ ସଂସ୍କୃତି ଓ ପରମ୍ପରାରେ ସାବିତ୍ରୀ ଅମାବାସ୍ୟା ଏକ ଅତୁଟ ବନ୍ଧନ । ଏହି ପରିପ୍ରେକ୍ଷୀରେ ଆଜି ମଣ୍ଡଳୀ ବୁଗୁଡ଼ା ବ୍ଲକର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପ୍ରାଙ୍ଗଣରେ ଅନୁଷ୍ଠିତ ବିଶେଷ କାର୍ଯ୍ୟକ୍ରମରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଦଳର କାର୍ଯ୍ୟକର୍ତ୍ତା ଭଉଣୀ, ଏମ୍ ବି କେ,ସି ଆର ପି, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ବ୍ୟାଙ୍କ ମିତ୍ର ଭଉଣୀମାନଙ୍କୁ ସାବିତ୍ରୀ ଭେଟି ତାଙ୍କ ଶ୍ରମ ଓ ସେବାକୁ ନମନ କରି ଏକ ଖଣ୍ଡ ଲୁଗା, ସାବିତ୍ରୀ ଯୋଗାଡ଼ ସହିତ ୧୦୦ ଟଙ୍କା ପ୍ରଦାନ କରିଥିଲେ । ପବିତ୍ର ସାବିତ୍ରୀ ଅମାବାସ୍ୟା ଅବସରରେ ଭଉଣୀମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁଷ୍ୟ ନିମନ୍ତେ ଯେପରି ଉପବାସ ଓ ପୂଜା କରନ୍ତି, ତାହା ଏକ ଅଦ୍ୱିତୀୟ ଭକ୍ତିର ନିଦର୍ଶନ ।ଏହି ଅବସରରେ ଆଗାମୀ ସାବିତ୍ରୀ ବ୍ରତ ହେବାକୁ ନେଇ ଆଜି ସମସ୍ତ ଭଉଣୀମାନଙ୍କୁ ସାବିତ୍ରୀ ଭାର ବଣ୍ଟନ କରି ମୁଁ ଗର୍ବିତ ଅନୁଭବ କରିବା ସହ ଓଡ଼ିଆ ସାଂସ୍କୃତିକ ଅଗ୍ରାଧିକାର ଦେବା ପାଇଁ ଆମେ ସର୍ବଦା ତତ୍ପର ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରକାଶ କରିଥିଲେ ।

## ଶିବମନ୍ଦିର ପରିସରରେ ପକ୍ଷୀଙ୍କୁ ଜଳଦାନ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ କୁଟୁରାଚୁଆ ପଞ୍ଚାୟତର କିରାଶାସନ ସ୍ଥିତ ଶିବମନ୍ଦିର ପରିସରରେ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଗଛ ମାନଙ୍କରେ ପକ୍ଷୀଙ୍କୁ ଜଳ ବ୍ୟବସ୍ଥା କରିଛନ୍ତି କେତେକ ଆଗ୍ରହୀ ସ୍ୱେଚ୍ଛାସେବୀ ଯୁବକମାନେ । ମନ୍ଦିରଟି ଏକ ପାହାଡରେ ଥିବା ଓ ଭରପୁର ବୃକ୍ଷଲତା ଥିବା ଯୋଗୁଁ ପ୍ରତ୍ୟେହ ସେଠାରେ ବିଭିନ୍ନ ପ୍ରଜାତିର ପକ୍ଷୀ ଆଶି ଆଶ୍ରୟ ନେଇଥାନ୍ତି । ହେଲେ ସେଠାରେ ପାଣିର କୌଣସି ସ୍ୱାସ୍ଥା ନଥିବାରୁ ପକ୍ଷୀମାନେ ତହଳ ବିକଳ ହେଉଥିବା ଦେଖି ପ୍ରକୃତିବନ୍ଧୁ ସରୋଜ ମେହେର, ଯୋଗଶିକ୍ଷକ ଦୀପକ କୁମାର ପୁରୋହିତ,କୋଶଳ କମ୍ପୁଟର ଏକାଡେମୀ ଶିକ୍ଷକ ନରେନ୍ଦ୍ର କୁମାର ନାୟକ ପ୍ରମୁଖ ତୃଷାର୍ତ୍ତ ପକ୍ଷୀଙ୍କ ପାଇଁ ଗଛ ମାନଙ୍କରେ ଛୋଟ ଛୋଟ ମାଠିଆ ବାନ୍ଧି ସେଥିରେ ପାଣି ଭର୍ତ୍ତି କରି ପକ୍ଷୀଙ୍କୁ ସେବା ଯୋଗାଇଛନ୍ତି । ଏହାଛଡା ତାଙ୍କ ପାଇଁ ଚାଉଳ, ଖୁଦ ଆଦି ଦେଇ ଖାଦ୍ୟ ସ୍ୱାସ୍ଥା ମଧ୍ୟ କରିଛନ୍ତି । ଅନ୍ୟପକ୍ଷରେ ସ୍ୱେଚ୍ଛାସେବୀ ଯୁବକମାନେ 'ମାଠିଆ ନ ଭାଙ୍ଗି ପକ୍ଷୀଙ୍କ ପାଇଁ ଜଳ ଦାନ କର' ବୋଲି ଏକ ସୂଚନା ଫଳକ ଲଗାଇଥିବା ଦେଖିବାକୁ ମିଳିଛି ।

## ଫେଲୋସିପ୍ ସଭାଗୃହରେ ୧୫ ଦିନିଆ ଇଣ୍ଟରସିପ୍ କାର୍ଯ୍ୟକ୍ରମ


ଭଦ୍ରକ(ନିପ୍ର): ୧୫ ଦିବସୀୟ କାର୍ଯ୍ୟକ୍ରମର ୪ର୍ଥ ଦିବସରେ ପୋଷଣ, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମୀଣ ଯୋଜନା ଓ ଯୌତୁକ ପ୍ରଥା, ଖାଉଟି ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜିର ବିଷୟ ବିଶାରଦଭାବେ ବରିଷ୍ଠ ଅଧିବକ୍ତା ଶିବପ୍ରସାଦ ମହାନ୍ତି ଓ ଜିଲ୍ଲା ପୋଷଣ ସଂଯୋଜକ ଏସ୍.କେ. ସିରାଜଅକ୍ତର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଫେଲୋସିପ୍ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରୋଗ୍ରାମ କୋଅର୍ଡ଼ିନେଟର ଲିପ୍ସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଚରମ୍ପା କଲେଜ ଓ ପାଳିଆବିନ୍ଧା କଲେଜର ବହୁ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

## ଯୁକ୍ତ ୨ ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ କେରଳ ସ୍କୁଲର ସଫଳତା




ଚମ୍ପୁଆ,(ନିପ୍ର): ଚଳିତ ବର୍ଷ ଯୁକ୍ତ ୨ ସିବିଏସଇ ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇଛି । ଚମ୍ପୁଆ ସ୍ଥିତ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବିଜ୍ଞାନରେ ୭୨.୩ ପ୍ରତିଶତ ପାସ କରିଥିବା ବେଳେ ବାଣିଜ୍ୟରେ ୯୦ ପ୍ରତିଶତ ଛାତ୍ରଛାତ୍ରୀ ସଫଳ ହୋଇଛନ୍ତି । ଏହି ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନରେ ୧୧୨ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୮୧ ଜଣ ପାସ କରିଥିବା ବେଳେ ୨୨ ଜଣଙ୍କର କମ୍ପାର୍ଟମେଣ୍ଟାଲ ଓ ୯ ଜଣ ଫେଲ ହୋଇଥିବା ଜଣାଯାଇଛି । ଏଥି ମଧ୍ୟରୁ ପ୍ରଭାତ କୁମାର ସେଠୀ ୯୦ ପ୍ରତିଶତ ରଖି ପାସ କରିଥିବା ବେଳେ ୮୦ ରୁ ୯୦ ପ୍ରତିଶତ ଭିତରେ ୧୧ ଜଣ, ୭୦ ରୁ ୮୦ ପ୍ରତିଶତ ଭିତରେ ୩୧ ଜଣ ରହିଛନ୍ତି । ସେହିପରି ବାଣିଜ୍ୟରେ ୨୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିରୁ ୧୮ ଜଣ ପାସ କରିଥିବା ବେଳେ ଜଣେ କମ୍ପାର୍ଟମେଣ୍ଟାଲ ଓ ଜଣେ ଫେଲ ହୋଇଥିବା ଜଣାଯାଇଛି । ବାଣିଜ୍ୟ ବିଭାଗରେ ତେଜସ୍ୱୀ ଗୁପ୍ତା ୯୫.୬ ପ୍ରତିଶତ ପାସ କରିଥିବା ବେଳେ ୮୦ ରୁ ୯୦ ପ୍ରତିଶତ ଭିତରେ ୩ ଜଣ ଓ ୭୦ ରୁ ୮୦ ପ୍ରତିଶତ ଭିତରେ ୪ ଜଣ ରହିଥିବା ଜଣାଯାଇଛି ।

## ନିଆଳି ଓ ଅଡଶପୁର ଗୁରୁତର ଟ୍ରାଫିକ୍ ସମସ୍ୟା



ନିଆଳି (ନିପ୍ର): ନିଆଳି-ଫୁଲନଖରା ରାଜ୍ୟ ରାଜପଥର ଦୁଇ ପ୍ରମୁଖ ସ୍ଥାନର ଶିକ୍ଷା, ସ୍ୱାସ୍ଥ୍ୟ,ବ୍ୟବସାୟିକ ଓ ଗମନାଗମନର ପେଣ୍ଠସ୍ଥଳୀ ନିଆଳି ଓ ଅଡଶପୁର । ଦୁଇ ପ୍ରମୁଖ ବଜାରରେ ଗୁରୁତର ଟ୍ରାଫିକ୍ ସମସ୍ୟା ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି । ଟ୍ରାଫିକ୍ ସମସ୍ୟା ଯୋଗୁଁ ବଜାର ଅତିକ୍ରମ କରିବାକୁ ଦୁଇ ତିନି ମିନିଟ୍ ଯାଗାରେ ୪୦ରୁ ୫୦ ମିନିଟ୍ ସମୟ ଲାଗୁଥିବା ପ୍ରକାଶ । ଏଭଳି ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ବାଇପାସ୍ ରାସ୍ତା ଏକାନ୍ତ ଆବଶ୍ୟକ ଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ଏଥିପ୍ରତି ଦୃଷ୍ଟି ଦିଆଯାଉ ନଥିବା ସ୍ଥାନୀୟ ଲୋକେ କହିଛନ୍ତି । ଏଥିପ୍ରତି ତୁରନ୍ତ ଦୃଷ୍ଟି ଦିଆଯାଇ ବାଇପାସ୍ ରାସ୍ତା ନିର୍ମାଣ କରାଯିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି ।

### ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି
## ବିଜେଡି ପକ୍ଷରୁ ପୁଲିସ ମହାନିର୍ଦ୍ଦେଶକ ଅଫିସ ଘେରାଉ




କଟକ,(ନିପ୍ର): ଭାରତୀୟ ଜନତା ପାର୍ଟି ଶାସନରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ଆରମ୍ଭ ହୋଇଛି ଆନ୍ଦୋଳନ । ଶତାଧିକ ବିଜୁ ଜନତା ଦଳର କର୍ମୀମାନେ ଏକତ୍ରିତ ହୋଇ ମାତାମଠ ଛକରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଡିଜି ଅଫିସ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ପହଞ୍ଚିବା ପରେ ନେତୃତ୍ୱ ମଣ୍ଡଳୀ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରି ବକ୍ତବ୍ୟ ରଖିଥିଲେ । ଏହି ପ୍ରତିବାଦ ସଭାରେ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ଚନ୍ଦ୍ର ସାରଥୀ ବେହେରା, ଡ଼ ପ୍ରମୋଦ ମଲ୍ଲିକ, ମେୟର ସୁବାଷ ସିଂହ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁ ପ୍ରମୁଖ ବକ୍ତବ୍ୟ ରଖି ସରକାରଙ୍କୁ ସମାଲୋଚନା କରିଥିଲେ । ଏହି ସମୟ ମଧ୍ୟରେ ଡିଜି ଅଫିସ ଆଗରେ ଆଇନ ଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ସଶସ୍ତ୍ର ପୁଲିସ ମୁତୟନ କରାଯାଇଥିଲା ।

## ଆସିକା ସମବାୟ ଚିନିଶିଳ୍ପରେ ବାର୍ଷିକ ସାଧାରଣ ବୈଠକ

ଆସିକା,(ନିପ୍ର): ଆସିକା ସମବାୟ ଚିନିଶିଳ୍ପ କୃଷକ ଭବନ ଠାରେ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି । ସମବାୟ ଚିନିଶିଳ୍ପ ପରିଷଦ ସଭାପତି ରବିନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏମ.ଡି ଡ.ସୁଶାନ୍ତ କୁମାର ପଣ୍ଡା, ଆସିକା ଏ.ଆର.ସି.ଏସ ବିଜୟ କୁମାର ସାହୁ, ଚିନିଶିଳ୍ପ ପରିଚାଳନା ପରିଷଦ ଉପସଭାପତି ସ୍ନେହଲତା ତଣ୍ଡ, ଡାଇରେକ୍ଟର ପୂର୍ଣ୍ଣଚନ୍ଦ୍ର ବରାଡ, ବସନ୍ତ କୁମାର ଦଳାଇ, ଉଦୟ ନାଥ ପ୍ରଧାନ, ଧର୍ମୁ ପ୍ରଧାନ, ଶରିତ କୁମାର ପ୍ରଧାନ, ରତ୍ନାକର ସାହୁ, ନିରଞ୍ଜନ ପ୍ରଧାନ, ଆରାଲୁ ରେଡି, ଗିତା ପାତ୍ର, ଶତ୍ରୁଘ୍ନ ଭୂୟାଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମକୁ ଡି.ଆର.ସି.ଏସ ସେକ୍ରେଟାରୀ ସନ୍ତୋଷ କୁମାର ମଲ୍ଲିକ ସଂଯୋଜନା କରିଥିବା ବେଳେ ସଭାପତି ରବିନ୍ଦ୍ର କୁମାର ପଣ୍ଡା ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ କରିଥିଲେ । ଆସିକା ସମବାୟ ଚିନିଶିଳ୍ପ ଲିଃ ରାଜ୍ୟ ତଥା ଦେଶର ସର୍ବପୁରାତନ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠାନ । ସାମ୍ପ୍ରତିକ ସ୍ଥିତିରେ ଆଖୁଚାଷ ବହୁ ପରିମାଣରେ କମି ଥିବା ବେଳେ୨୦୨୪-୨୫ ରେ ମୋଟ ଆଖୁ ୩୦ ହଜାର ୩୦୯ ମେଟ୍ରିକ ଟନ ଆଖୁ ଉତ୍ପାଦନ ହୋଇ ମାତ୍ର ୨୨ ହଜାର ୮୩୯ କୁଇଣ୍ଟାଲ ଚିନି ଉତ୍ପାଦିତ ହୋଇଥିଲା । ଚଳିତବର୍ଷ ୨୦୨୫-୨୬ ରେ ମୋଟ ୨୧ ହଜାର ୩୮୭ ମେଟ୍ରିକ ଟନ ଉତ୍ପାଦନ ହୋଇ ସେଥିରେ ୧୩ ହଜାର ୦୨୮ କୁଇଟାଂଲ ଉତ୍ପାଦିତ ହୋଇଛି । ଦିନକୁ ଦିନ ଆଖୁ ଚାଷ ଦିଗରେ ଚାଷୀ ଆଗ୍ରହ କମିବା ଏବଂ ଚିନି ଉତ୍ପାଦନର ହାର କମିବା ନେଇ ଏବେ ପରିଚାଳନା ଦିଗରେ ବିରାଟ ପ୍ରଶ୍ନ ସୃଷ୍ଟି ହୋଇଛି । ୧୯୯୪ ମସିହାରେ ଜଳକର ବାବଦରେ ୧୨ ଲକ୍ଷ ଟଙ୍କା ଚିନିଶିଳ୍ପ ଉପରେ ବକେୟା କ୍ରମାଗତ ଭାବେ ଚକ୍ରବର୍ତ୍ତୀ ସୁଧ ହିସାବରେ ବୃଦ୍ଧି ହୋଇ ୨୦୨୫ ମସିହା ସୁଦ୍ଧା ମୋଟ ସତଚାଳିଶି କୋଟି ତିରିଶି ଲକ୍ଷ ଏକାନ ହଜାର ପାଞ୍ଚ ଶହ ଟଙ୍କା ହୋଇଛି ।

ତିଥି :(ଦ୍ୱାଦଶୀ): (ଅଶ୍ୱିନୀ ମେଷ)

ଅମୃତ ବେଳା: ଦିବା ଘ ୧୧ ।୩୪ ଗତେ ଘ ୧ ।୫୮ ମଧ୍ୟେ

## ଆଜିର ଅନୁଚିନ୍ତନ

ଅଶ୍ୱମାନଙ୍କ ମଧ୍ୟରେ ଅମୃତ ସହିତ ସମୁଦ୍ରରୁ ବାହାରିଥିବା ଉଚ୍ଚୈଃଶ୍ରବା ନାମକ ଅଶ୍ୱକୁ, ଶ୍ରେଷ୍ଠ ହସ୍ତୀମାନଙ୍କ ମଧ୍ୟରେ ଐରାବତ ନାମକ ହସ୍ତୀକୁ ଏବଂ ମନୁଷ୍ୟମାନଙ୍କ ମଧ୍ୟରେ ରାଜାଙ୍କୁ ମୋର ବିଭୂତି ବୋଲି ଜାଣ ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ଆତ୍ମସମୀକ୍ଷା କରୁ ବାଂଲାଦେଶ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବାଂଲାଦେଶ ସୀମାରେ ବାଡ଼ ସ୍ଥାପନ ପାଇଁ ରାଜ୍ୟ ସରକାର ସୀମା ସୁରକ୍ଷା ବାହିନୀକୁ ଜମି ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି । ପଶ୍ଚିମବଙ୍ଗରେ ନୂତନ ସରକାର ଗଠନ ହେବା ପରେ ଅନୁଷ୍ଠିତ ପ୍ରଥମ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ । ୪୫ ଦିନରେ ରାଜ୍ୟର ସୀମାରେ ବାଡ଼ ପାଇଁ ସୀମା ସୁରକ୍ଷା ବାହିନୀକୁ ଜମି ହସ୍ତାନ୍ତର ହେଉଥିବ ସୂଚନା ମିଳିଛି । ପୂର୍ବ ତୃଣମୂଳ କଂଗ୍ରେସ ସରକାର ଅନୁପ୍ରବେଶକୁ ଉତ୍ସାହିତ କରିବା ପାଇଁ ସୀମା ସୁରକ୍ଷା ବାହିନୀକୁ ଜମି ପ୍ରଦାନ ଅଟକାଇ ରଖିଥିଲେ ବୋଲି ଅଭିଯୋଗ ମଧ୍ୟ ଉଠିଛି ।

ଏହା ଜଣାଶୁଣା ଯେ ଅନୁପ୍ରବେଶ ପରବର୍ତ୍ତୀ ସମୟରେ ଅବୈଧ ପ୍ରବାସରେ ପରିଣତ ହୁଏ । ‘ଅବୈଧ ପ୍ରବାସ ଏକ ଆତଙ୍କବାଦୀ କାର୍ଯ୍ୟ ନୁହେଁ । କେବଳ ବୈଧ କାଗଜପତ୍ର କିମ୍ବା କୌଣସି କାଗଜପତ୍ର ବିନା ସୀମା ପାର କରାଯାଇଥାଏ । ତେବେ ଏହା ଏକ ଆତଙ୍କବାଦୀ କାର୍ଯ୍ୟ ହୋଇନଥାଏ ।’ ନିକଟରେ ସୁପ୍ରିମକୋର୍ଟ ଏପରି ମନ୍ତବ୍ୟ ପ୍ରକାଶ କରିଥିଲେ । କିନ୍ତୁ ଅନୁପ୍ରବେଶକାରୀ ଯେ ଆତଙ୍କବାଦୀ ପାଲଟିବେ ନାହିଁ ଏହାର କି ଗ୍ୟାରେଣ୍ଟି ରହିଛି ?ଏକଥା ସତ ଯେ ଭାରତ ବାଂଲାଦେଶ ସୀମା ଦେଇ ଆସି ବହୁ ବାଂଲାଦେଶୀ ବେଆଇନ ଭାବରେ ଭାରତରେ ରହୁଛନ୍ତି । ରବିବାର ଭାରତ-ବାଂଲାଦେଶ ସୀମାରେ ଦୁଇଜଣ ବାଂଲାଦେଶୀ ନାଗରିକଙ୍କୁ ହତ୍ୟା କରାଯାଇଛି । ଏହି ଘଟଣା ଉପରେ ଚିନ୍ତା ପ୍ରକାଶ କରିଛନ୍ତି ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ଜଣେ ବରିଷ୍ଠ ପରାମର୍ଶଦାତା । ତାଙ୍କ କହିବା କଥା ‘ଆମେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଚାହୁଁ; କିନ୍ତୁ, ଯଦି ସୀମା ବାରମ୍ବାର ରକ୍ତରଞ୍ଜିତ ହୁଏ, ତେବେ ଭଲ ସମ୍ପର୍କ ବଜାୟ ରହିପାରିବ ନାହିଁ ।’ଉଲ୍ଲେଖ କରାଯାଇପାରେ ଯେ ଶୁକ୍ରବାର ରାତିରେ, ସୀମା ସୁରକ୍ଷା ବଳ ତ୍ରିପୁରାର ସେପାହିଜାଲା ଜିଲାରେ ଦୁଇଜଣ ସନ୍ଦିଗ୍ଧ ବାଂଲାଦେଶୀ ଚୋରା ଚାଲାଣକାରୀଙ୍କୁ ଗୁଳି କରି ହତ୍ୟା କରିଥିଲା ।

ବାଂଲାଦେଶ ଏବେ ଭାରତ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଚାହୁଁଛି । ଉକ୍ତ ବରିଷ୍ଠ ପରାମର୍ଶଦାତାଙ୍କ ଏ ସଂକ୍ରାନ୍ତ ବିବୃତି ହେଉଛି, ଢାକା ନୂଆଦିଲ୍ଲୀ ସହିତ ସମ୍ପର୍କ ଉନ୍ନତ କରିବାକୁ ଚାହୁଁଛି ।

କିନ୍ତୁ ମନେ ରଖିବା ଦରକାର ଯେ ସଂପର୍କରେ ଉନ୍ନତି ଆଣିଲେ ହିଁ ସଂପର୍କରେ ଉନ୍ନତି ଘଟେ, ତାହା ଆପଣାଛାଏଁ ହୋଇଯାଏ ନାହିଁ । ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଅନ୍ତରୀଣ ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ, ଭାରତ-ବାଂଲାଦେଶ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଉତ୍ତେଜନା ଏବଂ ଅବନତି ଯେପରି ଉପୁଜିଥିଲା ତାହା ସାରା ବିଶ୍ୱ ଜାଣେ । ସାଧାରଣ ନିର୍ବାଚନ ପୂର୍ବରୁ ହିନ୍ଦୁ ବିରୋଧୀ ମାନସିକତା ଏପରି ବୃଦ୍ଧି ପାଇଲା ଯେ ଅଧିକାଂଶ ଦିନ ହିନ୍ଦୁ ହତ୍ୟାରେ ଉକ୍ତ ଦେଶ ରକ୍ତରଂଜିତ ହେଲା ।

ଶେଖ ହାସିନାଙ୍କ ପ୍ରଶାସନ ଅଧୀନରେ, ଦୁଇ ରାଷ୍ଟ୍ର ଗଭୀର ରଣନୈତିକ, ଆର୍ଥିକ ଏବଂ ସାଂସ୍କୃତିକ ସମ୍ପର୍କ ବାଣ୍ଟିଥିଲେ ।ମାତ୍ର ୟୁନୁସଙ୍କ କାର୍ଯ୍ୟକାଳରେ, ଏହି ସମ୍ପର୍କ ତିକ୍ତ ହୋଇଯିବା ପଛରେ ଅହେତୁକ ଭାରତ ବିରୋଧୀ ମାନସିକତା ଦାୟୀ । ଏବେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର କାର୍ଯ୍ୟକାଳ ମଧ୍ୟରେ ଭାରତ ସହିତ ସମ୍ପର୍କରେ ସୁଧାର ଆସିବା କଥା । ମାତ୍ର ସେନେଇ ସକାରାତ୍ମକ ମନୋଭାବ ବାଂଲାଦେଶ ରଖିପାରୁନାହିଁ । ଏନେଇ ଉକ୍ତ ଦେଶ ଆତ୍ମସମୀକ୍ଷା ପୂର୍ବକ ଭାରତ ପ୍ରତି ସହଯୋଗମୂଳକ ହାତ ବଢ଼ାଇବା ବ୍ୟତିରେକ ଅନ୍ୟ ପନ୍ଥା ନାହିଁ ।

# ୨୦୨୬ ନିଟ୍ ପ୍ରଶ୍ନପତ୍ର ଲିକ୍ ଏବଂ ଛାତ୍ରଛାତ୍ରୀଙ୍କ ଅନିଶ୍ଚିତ ଭବିଷ୍ୟତ

**ଡ. ଅମୂଲ୍ୟ କୁମାର ପଣ୍ଡା**

> **ଗୋଟିଏ କଥା ମନେ ରଖିବାକୁ ହେବ ଯେ ଅନ୍ୟାୟ ହେଲେ ମଧ୍ୟ କଠିନ ପରିଶ୍ରମ କେବେବି ବ୍ୟର୍ଥ ଯାଏ ନାହିଁ । ଗୋଟିଏ ପରୀକ୍ଷା ଜୀବନରେ ସବୁକିଛି ନୁହେଁ । ୨୦୨୬ ନିଟ୍‌ର ପ୍ରଶ୍ନପତ୍ର ଲିକ୍ ଘଟଣା ଦେଶକୁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି । ଏହା ଦେଖାଇଛି ଯେ କେବଳ କଠିନ ପରୀକ୍ଷା ଯଥେଷ୍ଟ ନୁହେଁ, ବରଂ ସ୍ୱଚ୍ଛତା ଏବଂ ନ୍ୟାୟ ସର୍ବୋପରି ଏବଂ ଶିକ୍ଷା ବ୍ୟବସ୍ଥାକୁ ଦୁର୍ନୀତିମୁକ୍ତ କରିବା ଆବଶ୍ୟକ । ନିଟ୍ ପ୍ରଶ୍ନପତ୍ର ଲିକ୍ ଭଳି ଘଟଣା କେବଳ ଗୋଟିଏ ପରୀକ୍ଷାରେ ଭୁଲ ନୁହେଁ, ଏହା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ, କଠିନ ପରିଶ୍ରମ ଏବଂ ଭବିଷ୍ୟତକୁ ଜଡିତ କରେ । ଏହିପରି ଘଟଣା ସେମାନଙ୍କ ପାଇଁ ଗଭୀର ମାନସିକ ଆଘାତ ସୃଷ୍ଟି କରେ ଯେଉଁମାନେ ଏହି ପରୀକ୍ଷାରେ ନିଜର ଯୌବନ, ସମୟ ଏବଂ ଆଶା ବିନିଯୋଗ କରନ୍ତି । ଦେଶର ଭବିଷ୍ୟତ ଯୁବପିଢ଼ିଙ୍କ ହାତରେ ଅଛି । ସେମାନଙ୍କର କଠିନ ପରିଶ୍ରମ, ସମର୍ପଣ ଏବଂ ସ୍ୱପ୍ନକୁ ସୁରକ୍ଷା ଦେବା ଦେଶର ଦାୟିତ୍ୱ । ଯଦି ଶିକ୍ଷା ବ୍ୟବସ୍ଥା ଉପରେ ବିଶ୍ୱାସ ଭାଙ୍ଗିଯାଏ, ତେବେ ସମାଜର ମୂଳଦୁଆ ମଧ୍ୟ ଦୁର୍ବଳ ହୋଇଯିବ ।**

ନିଟ୍/(ଜାତୀୟ ଯୋଗ୍ୟତା ସହ ପ୍ରବେଶିକା ପରୀକ୍ଷା) ହେଉଛି ଭାରତରେ ଡାକ୍ତରୀ ଶିକ୍ଷା ପାଇଁ ସବୁଠାରୁ ବଡ଼ ଏବଂ ସବୁଠାରୁ ପ୍ରତିଷ୍ଠିତ ପ୍ରବେଶିକା ପରୀକ୍ଷା । ପ୍ରତିବର୍ଷ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ସେମାନଙ୍କର ଭବିଷ୍ୟତ ସ୍ୱପ୍ନ ପୂରଣ କରିବା ପାଇଁ ଏହି ପରୀକ୍ଷା ଦିଅନ୍ତି । ଅନେକ ପରିବାର ସେମାନଙ୍କର ସମସ୍ତ ସଞ୍ଚୟ, ସମୟ ଏବଂ ଆଶା ସେମାନଙ୍କ ପିଲାର ଡାକ୍ତର ହେବାର ସ୍ୱପ୍ନରେ ବିନିଯୋଗ କରନ୍ତି । ତଥାପି, ଯେତେବେଳେ ଏହି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଭଳି ଘଟଣା ଘଟେ, ଏହା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ମନରେ ଅନିଶ୍ଚିତତା, ଭୟ, ଚିନ୍ତା ଏବଂ ନିରାଶା ସୃଷ୍ଟି କରେ ।

ଚଳିତ ବର୍ଷ ୨୦୨୬ ରେ ନିଟ୍ ପ୍ରଶ୍ନପତ୍ର ଲିକ୍ ସାରା ଦେଶରେ ଚିନ୍ତାର କାରଣ ହୋଇଛି । ଯଦିଓ ଅନେକ ତଦନ୍ତ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଚାଲିଛି, ଏହି ଘଟଣା ଛାତ୍ର ସମାଜର ମନୋବଳକୁ ଗୁରୁତର ଭାବରେ କ୍ଷତିଗ୍ରସ୍ତ କରିଛି । ଏହା କେବଳ ଏକ ପରୀକ୍ଷା ସହିତ ଜଡିତ ସମସ୍ୟା ନୁହେଁ, ଏହା ଦେଶର ଶିକ୍ଷା ବ୍ୟବସ୍ଥା, ପ୍ରଶାସନ ଏବଂ ନୀତିଶାସ୍ତ୍ର ଉପରେ ଏକ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିଟ୍ ପରୀକ୍ଷାକୁ ଦେଶର ବିଭିନ୍ନ ସରକାରୀ ଏବଂ ଘରୋଇ ମେଡିକାଲ କଲେଜରେ ଏବଂ ଏମ୍‌ବିବିଏସ୍, ବିଡିଏସ୍ ଏବଂ ଅନ୍ୟାନ୍ୟ ଡାକ୍ତରୀ ପାଠ୍ୟକ୍ରମରେ ପ୍ରବେଶ ପାଇଁ ବ୍ୟବହାର କରାଯାଏ । ଏହି ପରୀକ୍ଷାରେ ଭଲ ରାଙ୍କ୍ ହାସଲ କରିବା ପାଇଁ, ଛାତ୍ରଛାତ୍ରୀମାନେ ଦିନରାତି ପାଠପଢ଼ା କରନ୍ତି, କୋଚିଂ ସେଣ୍ଟରରେ ଯାଆନ୍ତି ଏବଂ ସେମାନଙ୍କ ଶୈଶବକୁ ବଳିଦାନ ଦିଅନ୍ତି । କିଛି ଛାତ୍ର କେବଳ ନିଟ୍ ପାଇଁ ପ୍ରସ୍ତୁତି କରିବା ପାଇଁ ୨-୩ ବର୍ଷ ପାଇଁ ପାଠପଢ଼ା ଛାଡି ଦିଅନ୍ତି । ଅନେକ ଗରିବ ପରିବାର ସେମାନଙ୍କ ପିଲାମାନଙ୍କୁ କୋଚିଂ ପଠାଇବା ପାଇଁ ଋଣ ନିଅନ୍ତି । ଏପରି ପରିସ୍ଥିତିରେ ପ୍ରଶ୍ନପତ୍ର ଲିକ୍ ହେବା ଏକ ସାଧାରଣ ଘଟଣା ନୁହେଁ, ଏହା ଲକ୍ଷ ଲକ୍ଷ ପରିଶ୍ରମୀ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଉପରେ ଆକ୍ରମଣ । ତେବେ ପ୍ରଶ୍ନପତ୍ର ଲିକ୍ କ'ଣ ଏବଂ କିପରି ହୁଏ ? ଯଦି ପରୀକ୍ଷା ପୂର୍ବରୁ କିଛି ଲୋକଙ୍କ ପାଖରେ ପ୍ରଶ୍ନପତ୍ର ପହଞ୍ଚିଯାଏ, ତେବେ ଏହାକୁ ପ୍ରଶ୍ନପତ୍ର ଲିକ୍ କୁହାଯାଏ । ଏହା କିଛି ଅସାଧୁ ଛାତ୍ର କିମ୍ବା ଗୋଷ୍ଠୀଙ୍କୁ ପୂର୍ବରୁ ଜାଣି ପ୍ରଶ୍ନଗୁଡ଼ିକୁ ଶୋଷଣ କରିବାକୁ ଅନୁମତି ଦିଏ । ଏପରି ଘଟଣା ବହୁତ କ୍ଷତି ପହଞ୍ଚାଏ । ଏହା ପରୀକ୍ଷାର ଅଖଣ୍ଡତାକୁ ନଷ୍ଟ କରେ, ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ଅନ୍ୟାୟର ଶିକାର କରାଏ, ଶିକ୍ଷା ବ୍ୟବସ୍ଥା ଉପରେ ବିଶ୍ୱାସକୁ ହ୍ରାସ କରେ, ଦୁର୍ନୀତିକୁ ପ୍ରୋତ୍ସାହିତ କରେ ଏବଂ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ ।

ବର୍ତ୍ତମାନ ଏହି ବର୍ଷ ନିଟ୍ ୨୦୨୬ ପ୍ରଶ୍ନପତ୍ର ଲିକ୍ ହୋଇଛି, ଯାହା ପରୀକ୍ଷାକୁ ବାତିଲ କରିଛି । ଏହା ସାରା ଭାରତରେ ବ୍ୟାପକ ଆଲୋଚନା ସୃଷ୍ଟି କରିଛି । ୨୦୨୬ ନିଟ୍ ପରୀକ୍ଷା ପରେ ଅନେକ ସ୍ଥାନରୁ ପ୍ରଶ୍ନପତ୍ର ଲିକ୍ ଏବଂ ଅନିୟମିତତାର ଅଭିଯୋଗ ଉଠିଛି । ସୋସିଆଲ ମିଡିଆରେ ଦାବି କରାଯାଇଥିଲା ଯେ ପରୀକ୍ଷା ପୂର୍ବରୁ ପ୍ରଶ୍ନ ପ୍ରସାରିତ ହୋଇଥିଲା । କିଛି ସ୍ଥାନରେ ଉଚ୍ଚ ନମ୍ବର ସନ୍ଦେହ କରାଯାଇଥିଲା । ଏହି ଘଟଣା ପରେ ଛାତ୍ରଛାତ୍ରୀମାନେ ରାସ୍ତାରେ ପ୍ରତିବାଦ କଲେ, ସୋସିଆଲ ମିଡିଆରେ ନ୍ୟାୟ ଦାବି କଲେ, ପୁନଃପରୀକ୍ଷା ପାଇଁ ଆବେଦନ କଲେ, କୋର୍ଟ ମାମଲା ଦାୟର କଲେ ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ମଧ୍ୟ ନିୟୋଜିତ କଲେ । ଏହା ଦର୍ଶାଏ ଯେ ଏକ ଛୋଟ ଭୁଲ ମଧ୍ୟ ସାରା ଦେଶରେ ଶିକ୍ଷା ପରିବେଶ ଉପରେ ଗଭୀର ପ୍ରଭାବ ପକାଇପାରେ । ଏହା ପିଲାଙ୍କ ମାନସିକ ସ୍ୱାସ୍ଥ୍ୟର କଥା ନୁହେଁ । ନିଟ୍ ପରୀକ୍ଷା ନିଜେ ଏକ ଅତ୍ୟନ୍ତ ଚାପପୂର୍ଣ୍ଣ ପରୀକ୍ଷା । ଯେତେବେଳେ ପ୍ରଶ୍ନପତ୍ର ଲିକ୍ ଭଳି ଘଟଣା ଘଟେ, ଛାତ୍ରଛାତ୍ରୀମାନେ ଗମ୍ଭୀର ମାନସିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଯେତେବେଳେ ଦିନରାତି କଠିନ ପରିଶ୍ରମ କରୁଥିବା ଜଣେ ଛାତ୍ର ଶୁଣେ ଯେ କେହି ପ୍ରଶ୍ନ କିଣିବା ପାଇଁ ଟଙ୍କା ଦେଇଛି, ସେମାନଙ୍କର ମନୋବଳ ଭାଙ୍ଗିଯାଏ । ପରୀକ୍ଷା ବାତିଲ ହେବ କି ? ପୁନଃପରୀକ୍ଷା ହେବ କି? ଏହି ପ୍ରଶ୍ନଗୁଡ଼ିକ ପିଲାମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରେ । ଅତ୍ୟଧିକ ଚାପ ଯୋଗୁଁ ଅନେକ ଛାତ୍ର ଅନିଦ୍ରା, ଭୟ, ଚିନ୍ତା ଏବଂ ମାନସିକ ଅବସାଦର ଶିକାର ହୁଅନ୍ତି । ପିଲାମାନଙ୍କର ଆତ୍ମବିଶ୍ୱାସ ଭାଙ୍ଗିଯାଏ । ସେମାନେ ଭାବିବାକୁ ଆରମ୍ଭ କରନ୍ତି, କଠିନ ପରିଶ୍ରମର ଅର୍ଥ କ'ଣ ? କେବଳ ଟଙ୍କା ଏବଂ ପ୍ରଭାବ ଥିବା ଲୋକମାନେ ଆଗକୁ ବଢ଼ିପାରିବେ । ଏହି ଚିନ୍ତାଧାରା ଦେଶର ଭବିଷ୍ୟତ ପାଇଁ ବହୁତ ଖରାପ । ଏହା ପରିବାରର ଚିନ୍ତାକୁ ମଧ୍ୟ ବୃଦ୍ଧି କରେ । ନିଟ୍ ପରୀକ୍ଷା କେବଳ ପିଲାଙ୍କ ସ୍ୱପ୍ନ ନୁହେଁ, ଏହା ସମଗ୍ର ପରିବାରର ଆଶା, ସମ୍ମାନ ଓ ବିଶ୍ୱାସ । ପିତାମାତାମାନେ ଏହି ନିଟ୍ ପାଇଁ ଓ ସେମାନଙ୍କ ପିଲାମାନଙ୍କ ପାଇଁ ଅତ୍ୟନ୍ତ ଅସୁବିଧାର ସମ୍ମୁଖୀନ ହୁଅନ୍ତି । କେତେକ ଅଭିଭାବକ କଷ୍ଟ ଅର୍ଜିତ ଜମି ବିକ୍ରୀ କରନ୍ତି, କେତେକ ଋଣ ନିଅନ୍ତି ଏବଂ କେତେକ ନିଜର ସ୍ୱପ୍ନ ଏବଂ ଆବଶ୍ୟକତାକୁ ମଧ୍ୟ ତ୍ୟାଗ କରନ୍ତି । ଏପରି ସମୟରେ ପ୍ରଶ୍ନପତ୍ର ଲିକ୍ ସେମାନଙ୍କୁ ଭାଙ୍ଗି ପକାଏ । ପିତାମାତାମାନେ ମଧ୍ୟ ଶିକ୍ଷା ବ୍ୟବସ୍ଥା ପ୍ରତି ଅବିଶ୍ୱାସ କରିଥାନ୍ତି ।

ଭାରତରେ ନିଟ୍ ପରୀକ୍ଷାକୁ ନେଇ ବିରାଟ ବିରାଟ କୋଚିଂ ଶିଳ୍ପ ବିକଶିତ ହେଉଛି । ଏଠାରେ ପିଲାମାନେ ଘଣ୍ଟା ଘଣ୍ଟା ଧରି କଠିନ ପଢ଼ିଥାନ୍ତି, ପରିବାର ଠାରୁ ଦୂରରେ ରୁହନ୍ତି, କଠିନ ପ୍ରତିଯୋଗିତାରେ ଅଂଶଗ୍ରହଣ କରନ୍ତି ଏବଂ ତୀବ୍ର ମାନସିକ ଚାପ ସହ୍ୟ କରନ୍ତି । ଏହି ପରିବେଶରେ ଯଦି ପ୍ରଶ୍ନପତ୍ର ଲିକ୍ ହୁଏ, ତେବେ ଏହା ସେମାନଙ୍କ ପାଇଁ ଅସହ୍ୟ ହୋଇଯାଏ । ଆଜିର ଦୁନିଆରେ ସୋସିଆଲ ମିଡିଆରେ ଖବର ଦ୍ରୁତ ଗତିରେ ବ୍ୟାପିଥାଏ । ବର୍ତ୍ତମାନ ନିଟ୍ ପ୍ରଶ୍ନପତ୍ର ଲିକ୍ ସହିତ ଜଡିତ ସତ୍ୟ ଏବଂ ମିଥ୍ୟା ଉଭୟ ଖବର ଭାଇରାଲ ହେବାରେ ଲାଗିଛି । ଏହା ପିଲା ଏବଂ ଅଭିଭାବକଙ୍କ ମଧ୍ୟରେ ଭୟ ବୃଦ୍ଧି କରିଛି , ସତ୍ୟ ହେଉ କି ମିଥ୍ୟା, ବିଭିନ୍ନ ଗୁଜବ ପ୍ରଚାର କରେ ଏବଂ ଛାତ୍ରମାନଙ୍କୁ ଆହୁରି ଅସ୍ଥିର କରିଥାଏ । ସୋସିଆଲ ମିଡିଆର ଅତ୍ୟଧିକ ଚାପରେ କିଛି ପିଲା ମାନସିକ ଭାଙ୍ଗିପଡ଼ିବାର ଶିକାର ହୁଅନ୍ତି । ବର୍ତ୍ତମାନ ୨୦୨୬ ରେ ପ୍ରଶ୍ନପତ୍ର ଲିକ୍ ଦେଶର ଶିକ୍ଷା ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି । ପ୍ରଥମତଃ, ଆମର ସୁରକ୍ଷା ବ୍ୟବସ୍ଥା କେତେ ମଜବୁତ ? ଯଦି ଦେଶର ସବୁଠାରୁ ବଡ଼ ପରୀକ୍ଷାର ପ୍ରଶ୍ନପତ୍ର ମଧ୍ୟ ସୁରକ୍ଷିତ ନୁହେଁ, ତେବେ ଅନ୍ୟ ପରୀକ୍ଷାର ଅବସ୍ଥା କ'ଣ ? ପ୍ରଶ୍ନପତ୍ର ଲିକ୍ ପ୍ରାୟତଃ ଧନୀ ବ୍ୟକ୍ତି, ଦଲାଲ ଏବଂ ଅସାଧୁ ବ୍ୟକ୍ତିଙ୍କୁ ସାମିଲ କରେ । ଏହା ଦୁର୍ନୀତିର ପ୍ରମାଣ । ଯଦି କେହି ଜାଲିଆତି କରି ମେଡିକାଲ କଲେଜରେ ପ୍ରବେଶ କରାଏ ତେବେ ଭବିଷ୍ୟତରେ ସେମାନେ କିପରି ଡାକ୍ତର ହୋଇପାରିବେ ? ଏହା ପିଲାଙ୍କ ଭବିଷ୍ୟତ ଉପରେ ଗୁରୁତର ପ୍ରଭାବ ପକାଏ । କିଛି ଛାତ୍ର ଧୀରେ ଧୀରେ ପାଠପଢ଼ାରେ ଆଗ୍ରହ ହରାଇ ଦିଅନ୍ତି । କିଛି ଲୋକ ଭାବନ୍ତି ଯେ ଭାରତରେ କୌଣସି ନିରପେକ୍ଷ ପ୍ରତିଯୋଗିତା ନାହିଁ, ତେଣୁ ବିଦେଶ ଯିବା ଭଲ । ଯଦି ପିଲାମାନେ ଦେଖନ୍ତି ଯେ ଅସତ୍ତା ଦ୍ୱାରା ସଫଳତା ହାସଲ ହୁଏ, ତେବେ ସେମାନେ ମଧ୍ୟ ଭ୍ରମିତ ହୋଇପାରନ୍ତି । ପୁନଃପରୀକ୍ଷା କିମ୍ବା ତଦନ୍ତ ପ୍ରବେଶ ପ୍ରକ୍ରିୟାକୁ ବିଳମ୍ବ କରେ, ଯାହା ଛାତ୍ରଙ୍କ ଶିକ୍ଷାର ଏକ ବର୍ଷ ପର୍ଯ୍ୟନ୍ତ ନଷ୍ଟ କରେ । ଏହା ସମାଜ ଉପରେ ଗୁରୁତର ପ୍ରଭାବ ପକାଏ । ନିଟ୍ ପ୍ରଶ୍ନପତ୍ର ଲିକ୍ କେବଳ ଛାତ୍ରମାନଙ୍କ ପାଇଁ ଏକ ସମସ୍ୟା ନୁହେଁ, ଏହା ସମଗ୍ର ସମାଜ ପାଇଁ ଚିନ୍ତାର ବିଷୟ । ଉଦାହରଣ ସ୍ୱରୂପ, ଯଦି ଜଣେ ଅଯୋଗ୍ୟ ବ୍ୟକ୍ତି ଡାକ୍ତର ହୁଅନ୍ତି, ତେବେ ରୋଗୀଙ୍କ ଜୀବନ ବିପଦରେ ପଡ଼ିବ । ଯଦି ଛାତ୍ରମାନେ ଶିକ୍ଷା ବ୍ୟବସ୍ଥା ଉପରେ ବିଶ୍ୱାସ ହରାଇ ଦିଅନ୍ତି, ତେବେ ଦେଶର ଭବିଷ୍ୟତ ବିପଦରେ ପଡ଼ିବ । ଏପରି ଘଟଣା ଦୁର୍ନୀତିକୁ ମଜବୁତ କରେ ।

ସରକାର ଏବଂ ପରୀକ୍ଷା ପରିଚାଳନାକାରୀ ସଂସ୍ଥାଗୁଡ଼ିକୁ ଏପରି ଘଟଣା ରୋକିବା ପାଇଁ କଠୋର ପଦକ୍ଷେପ ନେବା ଆବଶ୍ୟକ । ପ୍ରଶ୍ନପତ୍ର ସୁରକ୍ଷା ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯିବା ଉଚିତ । ପ୍ରଶ୍ନପତ୍ର ଲିକ୍ ସହିତ ଜଡିତ ଲୋକଙ୍କୁ କଠୋର ଦଣ୍ଡ ଦିଆଯିବା ଉଚିତ । ଏକ ଦ୍ରୁତ ଏବଂ ନିରପେକ୍ଷ ତଦନ୍ତ ସତ୍ୟ ଉନ୍ମୋଚନ କରିବା ଉଚିତ । ପିଲାମାନଙ୍କ ପାଇଁ ପରାମର୍ଶ ଯୋଗାଇ ଦିଆଯିବା ଉଚିତ । ଏହି ସମୟରେ ପିତାମାତାମାନେ ସେମାନଙ୍କ ପିଲାମାନଙ୍କ ସହିତ ରହିବା ଉଚିତ ଏବଂ ସେମାନଙ୍କୁ ଉତ୍ସାହିତ କରିବା ଉଚିତ । ପିଲାମାନଙ୍କ ଉପରେ ଅତ୍ୟଧିକ ଚାପ ପକାଇବା ଏଡାଇବା, ସେମାନଙ୍କୁ ମାନସିକ ସମର୍ଥନ ଯୋଗାଇବା, ବିଫଳତାକୁ ଜୀବନର ଶେଷ ମନେ ନକରିବା ଏବଂ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି କରିବା ଗୁରୁତ୍ୱପୂର୍ଣ୍ଣ । ଆଗକୁ ବଢ଼ିବା ଏବଂ ସଫଳତା ହାସଲ କରିବା ପାଇଁ ପିଲାମାନଙ୍କ ନିଜ ଉପରେ ଆତ୍ମବିଶ୍ୱାସ ରହିବା ଆବଶ୍ୟକ ।

ଗୋଟିଏ କଥା ମନେ ରଖିବାକୁ ହେବ ଯେ ଅନ୍ୟାୟ ହେଲେ ମଧ୍ୟ କଠିନ ପରିଶ୍ରମ କେବେବି ବ୍ୟର୍ଥ ଯାଏ ନାହିଁ । ଗୋଟିଏ ପରୀକ୍ଷା ଜୀବନରେ ସବୁକିଛି ନୁହେଁ । ୨୦୨୬ ନିଟ୍‌ର ପ୍ରଶ୍ନପତ୍ର ଲିକ୍ ଘଟଣା ଦେଶକୁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି । ଏହା ଦେଖାଇଛି ଯେ କେବଳ କଠିନ ପରୀକ୍ଷା ଯଥେଷ୍ଟ ନୁହେଁ, ବରଂ ସ୍ୱଚ୍ଛତା ଏବଂ ନ୍ୟାୟ ସର୍ବୋପରି ଏବଂ ଶିକ୍ଷା ବ୍ୟବସ୍ଥାକୁ ଦୁର୍ନୀତିମୁକ୍ତ କରିବା ଆବଶ୍ୟକ । ନିଟ୍ ପ୍ରଶ୍ନପତ୍ର ଲିକ୍ ଭଳି ଘଟଣା କେବଳ ଗୋଟିଏ ପରୀକ୍ଷାରେ ଭୁଲ ନୁହେଁ, ଏହା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ, କଠିନ ପରିଶ୍ରମ ଏବଂ ଭବିଷ୍ୟତକୁ ଜଡିତ କରେ । ଏହିପରି ଘଟଣା ସେମାନଙ୍କ ପାଇଁ ଗଭୀର ମାନସିକ ଆଘାତ ସୃଷ୍ଟି କରେ ଯେଉଁମାନେ ଏହି ପରୀକ୍ଷାରେ ନିଜର ଯୌବନ, ସମୟ ଏବଂ ଆଶା ବିନିଯୋଗ କରନ୍ତି । ଦେଶର ଭବିଷ୍ୟତ ଯୁବପିଢ଼ିଙ୍କ ହାତରେ ଅଛି । ସେମାନଙ୍କର କଠିନ ପରିଶ୍ରମ, ସମର୍ପଣ ଏବଂ ସ୍ୱପ୍ନକୁ ସୁରକ୍ଷା ଦେବା ଦେଶର ଦାୟିତ୍ୱ । ଯଦି ଶିକ୍ଷା ବ୍ୟବସ୍ଥା ଉପରେ ବିଶ୍ୱାସ ଭାଙ୍ଗିଯାଏ, ତେବେ ସମାଜର ମୂଳଦୁଆ ମଧ୍ୟ ଦୁର୍ବଳ ହୋଇଯିବ ।

ତେଣୁ ସରକାର, ପ୍ରଶାସନ, ଶିକ୍ଷାନୁଷ୍ଠାନ, ଅଭିଭାବକ ଏବଂ ସମାଜକୁ ଏକ ସ୍ୱଚ୍ଛ ନିରପେକ୍ଷ ଏବଂ ଦୁର୍ନୀତିମୁକ୍ତ ପରୀକ୍ଷା ବ୍ୟବସ୍ଥା ଗଠନ ପାଇଁ ମିଳିତ ଭାବରେ କାର୍ଯ୍ୟ କରିବାକୁ ପଡିବ । ତେବେ ହିଁ ପିଲାମାନେ ସେମାନଙ୍କର ଭବିଷ୍ୟତ ପାଇଁ ଆଶା ରଖିପାରିବେ ଏବଂ ଦେଶ ଏକ ସୁସ୍ଥ ଶିକ୍ଷିତ ଏବଂ ନୈତିକ ଭବିଷ୍ୟତ ଆଡ଼କୁ ଆଗକୁ ବଢ଼ିପାରିବ ।

ଅରଙ୍ଗାବାଦ ବରୀ ଯାଜପୁର
ମୋ - ୮୨୪୯୫୦୨୭୭୬

# ଡିଜିଟାଲ ସାକ୍ଷରତା ଏବଂ ନୈତିକ ଶୂନ୍ୟତା

**ଗୋପାଳ ମହାପାତ୍ର**

କୌଣସି ରାଷ୍ଟ୍ରର ନିୟତି ତାର ଶିକ୍ଷା ବ୍ୟବସ୍ଥାରୁ ଜଣାପଡିଥାଏ । ଭାରତ ଏକଦା ବିଶ୍ୱଗୁରୁ ଭାବେ ନିଜର ପରିଚୟ ସୃଷ୍ଟି କରିଥିଲା । କିନ୍ତୁ ଏବେ କିମ୍ଭୁତ କିମାକାର ବିରୋଧାଭାଷାର ସମୟ ଦେଇ ଗତି କରୁଛି । ଗୋଟିଏ ପଟେ ଆମେ ବିଶ୍ୱର ପ୍ରମୁଖ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛେ ବୋଲି କହୁଛେ କିନ୍ତୁ ଅନ୍ୟ ପଟରେ ଆମର ରାଷ୍ଟ୍ରୀୟ ଚରିତ୍ର ଏବଂ ଶିକ୍ଷାର ମୂଲ୍ୟରେ ଅନେକ ପାର୍ଥକ୍ୟ ଦେଖିବାକୁ ମିଳୁଛି । ଯେତେବେଳେ ଆମ ପାଖରେ ସଂସାଧନ ସୀମିତ ଥିଲା ସେତେବେଳେ ଶିକ୍ଷାର ଉଦ୍ଦେଶ୍ୟ ଥିଲା ଜ୍ଞାନ ଆହରଣ କରିବା ଏବଂ ଚରିତ୍ରବାନ ହେବା । କିନ୍ତୁ ଆଜିର ସମୟରେ ସଂସାଧନ ଅଧିକ ରହିଛି ହେଲେ ଶିକ୍ଷା ଏକ ଉପଭୋକ୍ତା ବସ୍ତୁରେ ପରିଣତ ହୋଇଯାଇଛି । ଇତିହାସ ସାକ୍ଷୀ ରହିଛି ଯେତେବେଳେ ଭାରତ ଆର୍ଥିକସ୍ତରରେ ଦୁର୍ବଳ ଥିଲା ସେତେବେଳେ ସମାଜରେ ଶିକ୍ଷା ପ୍ରତି ଏକ ପବିତ୍ର ଦୃଷ୍ଟିକୋଣ ଥିଲା । ସେ ସମୟରେ ମନୋରଞ୍ଜନର ସାଧନ ସୀମିତ ଥିଲା । ରୋଜଗାରର ଅବସର ଅଧିକ ନ ଥିଲା । ଏଣୁ ଶିକ୍ଷାକୁ ଜୀବନର ଏକମାତ୍ର ଉଦ୍ଧାରର ମାର୍ଗ ଭାବେ ବିବେଚନା କରାଯାଉଥିଲା । ସେ ସମୟରେ ଧନୀ-ଗରୀବ ସବୁ ପିଲାଏ ଗୋଟିଏ କକ୍ଷରେ ଶିକ୍ଷା ଗ୍ରହଣ କରୁଥିଲେ । ଶିକ୍ଷା ସାମାଜିକ ମାନ୍ୟତାର ଆଧାର ଥିଲା ।

ସେ ସମୟରେ ଶିକ୍ଷକ କେବଳ ମାତ୍ର କର୍ମଚାରୀ ନ ଥିଲେ ବରଂ ସମାଜର ନୈତିକ ମାର୍ଗଦର୍ଶକ ଥିଲେ । ତାଙ୍କର ଧନ ସମ୍ପତ୍ତିକୁ ନେଇ ନୁହେଁ ବରଂ ତାଙ୍କର ଜ୍ଞାନ ଏବଂ ଚରିତ୍ର ପାଇଁ ତାଙ୍କୁ (ଶିକ୍ଷକଙ୍କୁ) ସମ୍ମାନ ଦିଆଯାଉଥିଲା । ଆର୍ଥିକ ଉଦାରୀକରଣ ଏବଂ ବୈଷୟିକ ଜ୍ଞାନ କୌଶଳ (ଟେକନିକ୍)ର ବିସ୍ତାର ସମାଜର ଏକ ବଡ଼ ବର୍ଗଙ୍କ ପାଇଁ ଏବେ ବିନା ଔପଚାରିକ ଶିକ୍ଷାରେ ଆଜୀବିକାର ରାସ୍ତା ଖୋଲିଦେଇଛି । ଏବେ ଓଲା- ଉବେର, ଜମାଟୋ- ସ୍ୱିଗି ଭଳି ସଂସ୍ଥା ଏବଂ ହଜାର ହଜାର ସୋରୁମ୍‌ରେ ସେଲସମ୍ୟାନ୍ ବା ଡ଼େଲିଭରି ବୟ ଭାବରେ କାର୍ଯ୍ୟକରି ରୋଜଗାର କରିବା ସହଜ ହୋଇଯାଇଛି । ଯୁବବର୍ଗ ଭାବିଲେଣି ଯଦି ସେମାନେ ୧୦ମ ବା ଯୁକ୍ତ ଦୁଇ ପାଠ ସରିବା ପରେ ୧୫ରୁ ୨୦ ହଜାର ମାସିକ ରୋଜଗାର କରିବା ପାଇଁ ସକ୍ଷମ ତେବେ ଉଚ୍ଚଶିକ୍ଷା ଏବଂ ଚରିତ୍ର ନିର୍ମାଣର ଜଟିଳ ପ୍ରକ୍ରିୟାରେ ସମୟ ନଷ୍ଟ କରିବେ କାହିଁକି ? ସାମାଜିକ ଗଣମାଧ୍ୟମ (ଫେସବୁକ୍, ଇନଷ୍ଟାଗ୍ରାମ ଏବଂ ହ୍ୱାଟସଆପ୍) ଭଳି ମଧ୍ୟ ଏଭଳି କଥାକୁ ପ୍ରସାରିତ କରୁଛନ୍ତି । ଲୋକେ ରିଲ୍ ଏବଂ ପୋଷ୍ଟକୁ ଅନ୍ତିମ ସତ୍ୟ ବୋଲି ମାନ ନେଉଛନ୍ତି ଫଳରେ ସେମାନଙ୍କର ଆଲୋଚନାତ୍ମକ ବିଚାର ବା ଚିନ୍ତା ସମାପ୍ତ ହୋଇଯାଇଛି ।

ଶିକ୍ଷାର ବ୍ୟବସାୟୀ କରଣ ଏବଂ ଆର୍ଥିକ ସମ୍ପନ୍ନତା ଶିକ୍ଷାକୁ ଦୁଇ ଭାଗରେ ବାଣ୍ଟିଦେଇଛି । ଧନୀକ ବର୍ଗଙ୍କ ପାଇଁ ଶିକ୍ଷା ଏକ ଆଡ଼ମ୍ବରର ବସ୍ତୁ ପାଲଟିଯାଇଛି । ଉଚ୍ଚହାରର ଫିସ୍ ଦେଇ ଡ଼ିଗ୍ରୀ କିଣାଯାଇପାରେ କିନ୍ତୁ ସଂସ୍କାର, ଅନୁଶାସନ ଏବଂ ବାସ୍ତବିକ ଜ୍ଞାନର ଅଭାବ ରହିଯାଇଥାଏ । ଶିକ୍ଷାର ଉଦ୍ଦେଶ୍ୟ ଏକ ଆଭିଜାତ୍ୟର ସିମ୍ବଲ ହୋଇଗଲାଣି । ସରକାରୀ ସ୍କୁଲ ସବୁର ଅବ୍ୟବସ୍ଥା ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କର ମହଙ୍ଗା ଫିସ୍ ମଧ୍ୟରେ ଗରୀବ ପିଲାମାନେ କେବଳ କାମଚଳା ସାକ୍ଷରତା ପର୍ଯ୍ୟନ୍ତ ସୀମିତ ହୋଇ ରହିଯାଉଛନ୍ତି । ଟେକ୍‌ନିକର ବିକାଶ କାରଣରୁ ଗୁରୁ ଶିଷ୍ୟ ପରମ୍ପରାର ଅନ୍ତ ଘଟିଛି । ଅନ୍‌ଲାଇନ୍ ଶିକ୍ଷା ଏବଂ ଗୁଗୁଲ ଏବଂ ଜିଜ୍ଞାସା ବା ଜାଣିବାର ଇଚ୍ଛାକୁ ସୁଗମ ଓ ସୁଲଭ କରିଦେଇଛି । କିନ୍ତୁ ଜ୍ଞାନ ଏବଂ ବୋଧକୁ ଛଡାଇ ନେଇଛି । ଅନଲାଇନରେ ପରୀକ୍ଷା କରାଯାଉଛି । ଡ଼ିଗ୍ରୀ ମଧ୍ୟ ପ୍ରଦାନ କରାଯାଉଛି । ମିଳୁଥିବା ଏହି ଡିଗ୍ରୀ ଖଣ୍ଡେ କାଗଜ ଠାରୁ ଅଧିକ କିଛି ନୁହେଁ । ଏଥିରେ ଶିକ୍ଷାଲାଭ କରିବାର ତପସ୍ୟା ଏବଂ ଅନୁଶାସନ ନ ଥାଏ ଯାହା ଗୁରୁଙ୍କ ସାନିଧ୍ୟରୁ ପ୍ରାପ୍ତ ହୋଇଥାଏ ।

ଏବେ ଶିକ୍ଷକ (ଗୁରୁ)ଙ୍କୁ ସର୍ଭିସ ପ୍ରୋଭାଇଡ଼ର ବା ସେବା ପ୍ରଦାନକାରୀ ବୋଲି ମାନ ନିଆଯାଉଛି । ଶିକ୍ଷକମାନଙ୍କୁ ଶିକ୍ଷା ଦାନ ପରିବର୍ତ୍ତେ ଅନେକ କାର୍ଯ୍ୟରେ ନିୟୋଜିତ କରାଯାଉଛି । ଯେତେବେଳେ ଶିକ୍ଷାର ଉଦ୍ଦେଶ୍ୟ କେବଳ ରୋଜଗାର ବା ଗୁଜୁରାଣ ମେଣ୍ଟାଇବା ଭିତରେ ରହିଯାଏ ସେତେବେଳେ ରାଷ୍ଟ୍ରୀୟ ଚରିତ୍ରର ପତନ ସୁନିଶ୍ଚିତ ହୋଇଥାଏ । ଆଜିକାଲି ସବୁଠି ଅନୁଶାସନହୀନତା ଦେଖିବାକୁ ମିଳୁଛି । ଏକ ତୁଳନାତ୍ମକ ଅଧ୍ୟୟନରୁ ସ୍ପଷ୍ଟ ଯେ ଜାପାନ, ଜର୍ମାନ ଏବଂ ଚୀନ ଭଳି ଦେଶ ଆମଠାରୁ ଆଗରେ ରହିବାର କାରଣ କେବଳ ଧନ ବା ଆର୍ଥିକ ବ୍ୟବସ୍ଥା ନୁହେଁ ବରଂ ଅନୁଶାସନ ଏବଂ ରାଷ୍ଟ୍ରୀୟ ଗୌରବ ସେମାନଙ୍କ ଶିକ୍ଷାର ମୂଳ ଆଧାର ଯେଉଁଥିପାଇଁ ସେମାନେ ଆମ ଆଗରେ ଅଛନ୍ତି । ଆମ ଦେଶରେ କିନ୍ତୁ ଭିନ୍ନ କଥା ରହିଛି । ବ୍ୟକ୍ତିଗତ ସ୍ୱାର୍ଥକୁ ରାଷ୍ଟ୍ରୀୟହିତର ଉପରେ ରଖାଯାଉଛି ।

ମୋ:୯୪୩୮୪୮୫୦୯୪

# ଜମି ରେକର୍ଡର ଅନିଶ୍ଚିତତା ଦୂର ହେବ କେବେ ?

**ସୌମ୍ୟ ରଞ୍ଜନ ଦାଶ**

> **ସେଟଲମେଣ୍ଟ ବା ବନ୍ଦୋବସ୍ତ ପ୍ରକ୍ରିୟା ହେଉଛି ଏକ ବ୍ୟାପକ ପ୍ରଶାସନିକ ଅଭିଯାନ । ଏହା ମାଧ୍ୟମରେ ସେଟଲମେଣ୍ଟ ଅଧିକାରୀମାନେ ଗ୍ରାମାଞ୍ଚଳକୁ ଯାଇ ଜମିର ସୀମା ନିର୍ଦ୍ଧାରଣ କରନ୍ତି, ନକ୍ସା ଅଙ୍କନ କରନ୍ତି ଏବଂ ପ୍ରତ୍ୟେକ ପ୍ଲଟ୍ କିସମ ଓ ମାଲିକାନା ଯାଞ୍ଚ କରନ୍ତି । ଏହି ପ୍ରକ୍ରିୟା ପରେ ଏକ ଚିଠା ପଟ୍ଟା ପ୍ରକାଶ ପାଇଥାଏ, ଯେଉଁଥିରେ ଅଭିଯୋଗ ଶୁଣାଣି ପାଇଁ ସୁଯୋଗ ଥାଏ । ସମସ୍ତ ଆପତ୍ତି ଓ ଅଭିଯୋଗର ସମାଧାନ ହେବା ପରେ ଯାଇ ‘ଫାଇନାଲ୍ ପବ୍ଲିକେସନ୍’ ବା ଚୂଡ଼ାନ୍ତ ପ୍ରକାଶନ କରାଯାଏ ।**

ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ଜୀବନରେ ଜମିର ଗୁରୁତ୍ୱ ଅପୂର୍ବ । ଜଣେ ଓଡ଼ିଆ ପାଇଁ ତା'ର ଭୂମି କେବଳ ଏକ ସ୍ଥାବର ସମ୍ପତ୍ତି ନୁହେଁ, ବରଂ ତା'ର ଅସ୍ତିତ୍ୱ, ସମ୍ମାନ ଏବଂ ଭବିଷ୍ୟତର ଆଧାର । ଏହି ଭୂମିର ମାଲିକାନାକୁ ସୁରକ୍ଷିତ କରିବା ପାଇଁ ଇତିହାସର ବିଭିନ୍ନ ସମୟରେ ଅନେକ ଆଇନ ପ୍ରଣୀତ ହୋଇଛି । ବ୍ରିଟିଶ ଶାସନ ସମୟରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ଭିନ୍ନ ଭିନ୍ନ ପ୍ରଶାସନିକ ବ୍ୟବସ୍ଥା ଅଧୀନରେ ଥିବାରୁ ଏକ ଜଟିଳ ଭୂମି ବ୍ୟବସ୍ଥା ପ୍ରଚଳିତ ଥିଲା । ଓଡ଼ିଶାରେ ‘ଓଡ଼ିଶା ଟେନାନ୍ସି ଆକ୍ଟ, ୧୯୧୩’ ଜମିଦାର ଓ ପ୍ରଜାଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଏକ ଆଇନଗତ ରୂପ ଦେଇଥିଲା । ଏହି ଆଇନ ମାଧ୍ୟମରେ ରୟତଙ୍କ ସୁରକ୍ଷା ଓ ଭୂମି ସ୍ୱତ୍ୱର କିଛି ମୌଳିକ ନିୟମ ପ୍ରସ୍ତୁତ କରାଯାଇଥିଲା । କିନ୍ତୁ ସ୍ୱାଧୀନତା ପରେ ସମଗ୍ର ରାଜ୍ୟ ପାଇଁ ଏକ ସମାନ ଏବଂ ବୈଜ୍ଞାନିକ ଭୂମି ସର୍ଭେ ପ୍ରଣାଳୀର ଆବଶ୍ୟକତା ଅନୁଭୂତ ହେଲା । ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ‘ଓଡ଼ିଶା ସର୍ଭେ ଏବଂ ସେଟଲମେଣ୍ଟ ଆକ୍ଟ, ୧୯୫୮’ ପ୍ରଣୀତ ହେଲା, ଯାହା ଓଡ଼ିଶାର ଆଧୁନିକ ଭୂମି ପ୍ରଶାସନର ମୂଳଦୁଆ ସାଜିଲା । ଏହି ଆଇନର ମୂଳ ଲକ୍ଷ୍ୟ ଥିଲା ପ୍ରତ୍ୟେକ ଜମିର ସଠିକ ମାପଚୁପ କରି ଏକ ସ୍ୱଚ୍ଛ ‘ରେକର୍ଡ ଅଫ୍ ରାଇଟ୍ସ’ ବା ପଟ୍ଟା ପ୍ରସ୍ତୁତ କରିବା, ଯାହା ଦ୍ୱାରା ଜମିର ମାଲିକାନାକୁ ନେଇ କୌଣସି ସନ୍ଦେହ ରହିବ ନାହିଁ ।

ସେଟଲମେଣ୍ଟ ବା ବନ୍ଦୋବସ୍ତ ପ୍ରକ୍ରିୟା ହେଉଛି ଏକ ବ୍ୟାପକ ପ୍ରଶାସନିକ ଅଭିଯାନ । ଏହା ମାଧ୍ୟମରେ ସେଟଲମେଣ୍ଟ ଅଧିକାରୀମାନେ ଗ୍ରାମାଞ୍ଚଳକୁ ଯାଇ ଜମିର ସୀମା ନିର୍ଦ୍ଧାରଣ କରନ୍ତି, ନକ୍ସା ଅଙ୍କନ କରନ୍ତି ଏବଂ ପ୍ରତ୍ୟେକ ପ୍ଲଟ୍ କିସମ ଓ ମାଲିକାନା ଯାଞ୍ଚ କରନ୍ତି । ଏହି ପ୍ରକ୍ରିୟା ପରେ ଏକ ଚିଠା ପଟ୍ଟା ପ୍ରକାଶ ପାଇଥାଏ, ଯେଉଁଥିରେ ଅଭିଯୋଗ ଶୁଣାଣି ପାଇଁ ସୁଯୋଗ ଥାଏ । ସମସ୍ତ ଆପତ୍ତି ଓ ଅଭିଯୋଗର ସମାଧାନ ହେବା ପରେ ଯାଇ ‘ଫାଇନାଲ୍ ପବ୍ଲିକେସନ୍’ ବା ଚୂଡ଼ାନ୍ତ ପ୍ରକାଶନ କରାଯାଏ । ଜଣେ ସାଧାରଣ ନାଗରିକ ପାଇଁ ଏହି ଚୂଡ଼ାନ୍ତ ପଟ୍ଟା ହିଁ ସର୍ବସ୍ୱ । ବ୍ୟାଙ୍କରୁ କୃଷି ଋଣ ନେବା ହେଉ, ଜମି ବିକ୍ରୟ କରିବା ହେଉ କିମ୍ବା ପୈତୃକ ସମ୍ପତ୍ତିର ଭାଗବଣ୍ଟା କରିବା ହେଉ—ସବୁ କ୍ଷେତ୍ରରେ ଚୂଡ଼ାନ୍ତ ପଟ୍ଟା ଏକ ଅପରିହାର୍ଯ୍ୟ ଦଲିଲ । ଯେଉଁ ଅଞ୍ଚଳରେ ସେଟଲମେଣ୍ଟ ପ୍ରକ୍ରିୟା ସଫଳତାର ସହ ଶେଷ ହୋଇଛି, ସେଠାରେ ଗ୍ରାମୀଣ ଅର୍ଥନୀତି ଗତିଶୀଳ ହୋଇଛି । କିନ୍ତୁ ଯେଉଁଠାରେ ଏହି ପ୍ରକ୍ରିୟା ଅଧାପନ୍ତରିଆ ହୋଇ ରହିଛି, ସେଠାରେ ଜୀବନ ଓ ଜୀବିକା ଅନିଶ୍ଚିତତାର କଳାବାଦଲ ଘେରରେ ରହିବା ସ୍ୱାଭାବିକ ।

ଆଜି ପ୍ରାୟ ସାତ ଦଶନ୍ଧି ପରେ ଓଡ଼ିଶା ସରକାର ଭୂମି ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ୨୦୨୫ ଓ ୨୦୨୬ ମସିହା ପାଇଁ ପ୍ରସ୍ତୁତ ହୋଇଥିବା ରୋଡମ୍ୟାପ୍ ଅନୁସାରେ, ଓଡ଼ିଶା ସର୍ଭେ ଏବଂ ସେଟଲମେଣ୍ଟ ଆକ୍ଟ, ୧୯୫୮ ଏବଂ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆକ୍ଟ, ୧୯୬୨ ଭଳି ପୁରୁଣା ଆଇନଗୁଡ଼ିକୁ ସମ୍ମିଶ୍ରଣ କରି ଏକ ‘ଏକତ୍ରିକୃତ ଭୂମି ପରିଚାଳନା ଆଇନ’ ଆଣିବାକୁ ସରକାର ଯୋଜନା କରିଛନ୍ତି । ଏହି ନୂତନ ବ୍ୟବସ୍ଥାରେ ଜମିର ୭,୦୦୦ରୁ ଅଧିକ ଜଟିଳ କିସମକୁ ମାତ୍ର ୨୭ଟି ସରଳ ଶ୍ରେଣୀରେ ବିଭକ୍ତ କରାଯିବ । ସବୁଠାରୁ ଆଶାଜନକ ବିଷୟ ହେଉଛି, ପ୍ରତି ୫୦ ବର୍ଷରେ ଥରେ ହେଉଥିବା ‘ମେଜର ସେଟଲମେଣ୍ଟ’ ପରିବର୍ତ୍ତେ ‘କଣ୍ଟିନ୍ୟୁଅସ୍ ସେଟଲମେଣ୍ଟ’ ବା ନିରନ୍ତର ବନ୍ଦୋବସ୍ତ ପ୍ରକ୍ରିୟା ଆରମ୍ଭ ହେବ । ଏଥିପାଇଁ ନଭେମ୍ବର ୨୦୨୫ରେ ସରକାର କେତେକ ନିୟମରେ ସଂଶୋଧନ ଆଣି ତହସିଲଦାରମାନଙ୍କୁ ସଶକ୍ତ କରିଛନ୍ତି । ଏବେ ତହସିଲଦାରମାନେ ସେଟଲମେଣ୍ଟ ପୂର୍ବରୁ ହୋଇଥିବା ପୁରୁଣା ଦଲିଲ ଆଧାରରେ ମଧ୍ୟ ରେକର୍ଡ ସଂଶୋଧନ କରିପାରିବେ । ଏହା ନିଶ୍ଚିତ ଭାବେ ଏକ ପ୍ରଶଂସନୀୟ ପଦକ୍ଷେପ, କିନ୍ତୁ ପ୍ରଶ୍ନ ଉଠୁଛି—ନୂତନ ଆଇନର ଚମକଦାର ପ୍ରଲେପ ପୁରୁଣା ଅମୀମାଂସିତ କ୍ଷତଗୁଡ଼ିକୁ ଶୁଖାଇ ପାରିବ କି ?

ଏହି ପ୍ରଶ୍ନର ଗୁରୁତ୍ୱ ବୁଝିବା ପାଇଁ ବ୍ୟାସନଗର ଅଞ୍ଚଳର ଏକ କରୁଣ ବାସ୍ତବତାକୁ ଅନୁଧ୍ୟାନ କରିବା ଆବଶ୍ୟକ । ୧୯୭୮ ମସିହାରେ ଯେତେବେଳେ ବ୍ୟାସନଗର ଅଞ୍ଚଳରେ ସେଟଲମେଣ୍ଟ କ୍ୟାମ୍ପ ବସିଲା, ଲୋକଙ୍କ ମନରେ ଆଶା ଥିଲା ଯେ ସେମାନେ ସ୍ୱଚ୍ଛ ପଟ୍ଟା ପାଇବେ । ସର୍ଭେ ହେଲା, ନକ୍ସା ଅଙ୍କାଗଲା ଏବଂ ଚିଠା ପଟ୍ଟା ମଧ୍ୟ ପ୍ରକାଶ ପାଇଲା । ପାଖାପାଖି ଅନେକ ଗାଁର ଚୂଡ଼ାନ୍ତ ପ୍ରକାଶନ ମଧ୍ୟ ହେଲା । କିନ୍ତୁ ଉମାପଦା, ଚୋର୍ଦ୍ଦା, ରମପାସ ଏବଂ ମୁଣ୍ଡମାଳ ଭଳି ଚାରିଟି ଗୁରୁତ୍ୱପୂର୍ଣ୍ଣ ଗାଁର ‘ଫାଇନାଲ୍ ପବ୍ଲିକେସନ୍’ ଆଜି ଏତେ ଦଶନ୍ଧି ପରେ ବି ହୋଇପାରିଲା ନାହିଁ । ପ୍ରଶାସନିକ ଯୁକ୍ତି ହେଉଛି ଯେ କିଛି ମାମଲା ରିଭିଜନ କୋର୍ଟରେ ଲମ୍ବିତ ଅଛି । କିନ୍ତୁ ଜଣେ ସାଧାରଣ ଚାଷୀ ବା ଭୂମି ମାଲିକ ପାଇଁ ସେଟଲମେଣ୍ଟ କ୍ୟାମ୍ପ ପରେ ୪୫ ବର୍ଷରୁ ଅଧିକ ସମୟର ଅପେକ୍ଷା କେବଳ ଏକ ସମୟସୀମା ନୁହେଁ, ବରଂ ଏହା ଏକ ପିଢ଼ିର ଯନ୍ତ୍ରଣା । ଏହି ଗାଁର ଲୋକମାନେ ନିଜ ଜମିର ମାଲିକ ହୋଇ ମଧ୍ୟ ପରଘର ପରି ରହୁଛନ୍ତି । ପାଖ ଗାଁର ଚାଷୀ ସରକାରୀ ସବ୍‌ସିଡି ଓ କୃଷି ଋଣ ପାଉଥିବା ବେଳେ, ଏହି ଚାରି ଗାଁର ବାସିନ୍ଦା କେବଳ ରେକର୍ଡ ଅଭାବରୁ ବଞ୍ଚିତ ରହୁଛନ୍ତି । ସରକାରୀ ପ୍ରଶାସନର ମନ୍ଥରତା ଯୋଗୁଁ ଆଜି ସେମାନଙ୍କ ପାଇଁ ନିଜ ଜମିକୁ ସଂଶୋଧନ କରିବା ବା ବିକ୍ରୟ କରିବା ଏକ ଦୁଃସ୍ୱପ୍ନ ପାଲଟିଛି ।

ସରକାର ଯେତେବେଳେ ୨୦୨୬ରେ ‘ଏକତ୍ରିକୃତ ଭୂମି ପରିଚାଳନା ଆଇନ’ ଆଣିବାକୁ ଯାଉଛନ୍ତି, ସେତେବେଳେ ପ୍ରଥମ ପ୍ରାଥମିକତା ହେବା ଉଚିତ ଏହି ଅଧୁରା ରହିଥିବା ସେଟଲମେଣ୍ଟଗୁଡ଼ିକର ସମାପ୍ତି । ଯେଉଁଠାରେ ୧୯୫୮ ଆଇନର ମୌଳିକ କାର୍ଯ୍ୟ ଶେଷ ହୋଇନାହିଁ, ସେଠାରେ ୨୦୨୬ ଆଇନର ଆଧୁନିକ ବ୍ୟବସ୍ଥା କିପରି ଲାଗୁ ହେବ ? ଯଦି ତହସିଲଦାରଙ୍କୁ କ୍ଷମତା ଦିଆଯାଉଛି, ତେବେ ବ୍ୟାସନଗରର ଏହି ଚାରି ଗାଁ ପରି ଓଡ଼ିଶାର ଶତାଧିକ ଗାଁ ପାଇଁ ଏକ ‘ଫାଷ୍ଟ-ଟ୍ରାକ୍’ ମିଶନ ଆରମ୍ଭ ହେବା ଦରକାର । ରାଜସ୍ୱ ବିଭାଗ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରି ଏହି ଲମ୍ବିତ ମାମଲାଗୁଡ଼ିକୁ ମାସେ କିମ୍ବା ଦୁଇ ମାସ ମଧ୍ୟରେ ସମାଧାନ କରି ଚୂଡ଼ାନ୍ତ ପଟ୍ଟା ପ୍ରଦାନ କରିବା ଆବଶ୍ୟକ । ନୂତନ ବ୍ୟବସ୍ଥାର ସଫଳତା ପାଇଁ ପୁରୁଣା ଭୁଲର ସଂଶୋଧନ ଅପରିହାର୍ଯ୍ୟ । ନଚେତ୍, ହାଇଟେକ୍ ସର୍ଭେ କିମ୍ବା ଡ୍ରୋନ୍ ମାପଚୁପ କେବଳ ଫାଇଲ୍ ଭିତରେ ସୀମିତ ରହିଯିବ, ବାସ୍ତବରେ ଜମି ମାଲିକଙ୍କ ସମସ୍ୟା ପୂର୍ବପରି ଜଟିଳ ହୋଇ ରହିଥିବ ।

ଜମି ରେକର୍ଡର ଅନିଶ୍ଚିତତା କେବଳ ଏକ ବୈଷୟିକ ତ୍ରୁଟି ନୁହେଁ, ଏହା ଏକ ସାମାଜିକ ଅନ୍ୟାୟ । ଯେତେବେଳେ ଜଣେ ବ୍ୟକ୍ତି ନିଜ ଜମିର ସ୍ପଷ୍ଟ ପ୍ରମାଣପତ୍ର ପାଇପାରେ ନାହିଁ, ସେତେବେଳେ ଗ୍ରାମାଞ୍ଚଳରେ ବିବାଦ, ହିଂସା ଏବଂ ମାମଲାବରୀ ବୃଦ୍ଧି ପାଇଥାଏ । ଭୂମି ସଂସ୍କାରର ପ୍ରକୃତ ଅର୍ଥ ହେଉଛି ଶେଷ ଧାଡ଼ିରେ ଥିବା ଚାଷୀଟିକୁ ତା'ର ଜମିର ସଠିକ ଅଧିକାର ଦେବା । ଓଡ଼ିଶା ସରକାରଙ୍କ ଆଧୁନିକୀକରଣ ଯୋଜନା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ, କିନ୍ତୁ ବ୍ୟାସନଗରର ସେହି ଅବହେଳିତ ଚାରି ଗାଁ ପରି ଗାଁ ମାନଙ୍କ ଦୁଃଖ ସରକାର ପ୍ରଥମେ ଦୂର କରିବା ଉଚିତ । ଇତିହାସରୁ ଶିକ୍ଷା ନେଇ ଆମକୁ ଏପରି ଏକ ବ୍ୟବସ୍ଥା ଗଢ଼ିବାକୁ ହେବ, ଯେଉଁଠାରେ ଜଣେ ରୟତକୁ ପଟ୍ଟା ପାଇଁ ଚାରି ଦଶନ୍ଧି ଅପେକ୍ଷା କରିବାକୁ ପଡ଼ିବ ନାହିଁ । ପୁରୁଣା ଆଇନର ଜଞ୍ଜିରରୁ ମୁକ୍ତ ହୋଇ ନୂଆ ଆଇନର ସୂର୍ଯ୍ୟୋଦୟ ସେତେବେଳେ ସାର୍ଥକ ହେବ, ଯେତେବେଳେ ଉମାପଦା, ଚୋର୍ଦ୍ଦା, ରାମପାସ ଓ ମୁଣ୍ଡାମାଳ ପରି ଗାଁର ପ୍ରତ୍ୟେକ ଚାଷୀଙ୍କ ହାତରେ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାର ପତ୍ର ଥିବ । ଜମିର ନ୍ୟାୟ କେବଳ ଶବ୍ଦର ମାୟାଜାଲରେ ନୁହେଁ, ବରଂ ପ୍ରଶାସନିକ ଇଚ୍ଛାଶକ୍ତି ଓ ପ୍ରୟୋଗର ସତ୍ୟତାରେ ପ୍ରତିଫଳିତ ହେବା ଉଚିତ ।

ଅଧ୍ୟାପକ, ବିରଜା ଆଇନ ମହାବିଦ୍ୟାଳୟ
ମୋ -୮୮୯୫୯୫୨୩୧୫

# ପାରଳା ସହରରେ ଜଳଛତ୍ର ଅବ୍ୟବସ୍ଥା ?

ପାରଳାଖେମୁଣ୍ଡି, ୧୪।୫ (ନିପ୍ର); ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ଚଳିତ ଗ୍ରୀଷ୍ମ ଋତୁରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରତେକ ବର୍ଷ ଭଳି ଚଳିତ ବର୍ଷ ସମସ୍ତ ୧୬ ଗୋଟି ୱାର୍ଡରେ ୧୬ଟି ଜଳଛତ୍ର ଖୋଲା ଯାଇଛି । ସାଧାରଣ ଲୋକଙ୍କୁ ପିଇବା ପାଣି ସୁବିଧା ଯୋଗାଇବା ପାଇଁ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଛି। କିନ୍ତୁ ଦୁଃଖର ବିଷୟ, ଅଧିକାଂଶ ଜଳଛତ୍ର ଏବେ କେବଳ ନାମକୁ ମାତ୍ର ରହିଯାଇଥିବା ବେଳେ ପ୍ରକୃତରେ ସାଧାରଣ ଲୋକଙ୍କ କୌଣସି ଉପକାରରେ ଆସୁନଥିବା ଅଭିଯୋଗ ହେଉଛି। ସହରର ବିଭିନ୍ନ ଛକ ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଲଗାଯାଇଥିବା ଅନେକ ଜଳଛତ୍ରରେ ପାଣି ନଥିବା ବେଳେ କେତେକ ସ୍ଥାନରେ ସହାୟକ କର୍ମଚାରୀ ମଧ୍ୟ ନଥିବା ଦେଖାଯାଇଛି। ଫଳରେ ପ୍ରବଳ




ଖରାରେ ଲୋକମାନେ ଜଳଛତ୍ର ନିକଟକୁ ଆସି ନିରାଶ ହୋଇ ଫେରୁଥିବା ଦେଖାଯାଉଛି । ଦିନକୁ ଦିନ ତାପମାତ୍ରା ବଢୁଥିବା ବେଳେ ସହରରେ ପିଇବା ପାଣିର ଏପରି ଅବ୍ୟବସ୍ଥା ସାଧାରଣ ଲୋକଙ୍କ ଅସନ୍ତୋଷକୁ ବଢ଼ାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ପ୍ରତିବର୍ଷ ଗ୍ରୀଷ୍ମ ଋତୁ ଆସିଲେ ପ୍ରଶାସନ ପକ୍ଷରୁ ଜଳଛତ୍ର ଖୋଲିବାକୁ ବଡ଼ ବଡ଼ ଘୋଷଣା କରାଯାଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହାର ସଠିକ୍ ପରିଚାଳନା ହେଉନାହିଁ। କେତେକ ସ୍ଥାନରେ କେବଳ ବ୍ୟାନର ଓ ଟେଷ୍ଟ ଲଗାଇବାରେ ଦାୟିତ୍ୱ ସରିଯାଉଥିବା ବେଳେ ପାଣି ଯୋଗାଣ ଓ ସଫାସୁତୁରା ପ୍ରତି କୌଣସି ଧ୍ୟାନ ଦିଆ ଯାଉନଥିବା ଲୋକମାନେ କହିଛନ୍ତି। ଅନ୍ୟପଟେ କିଛି ସାମାଜିକ ସଂଗଠନ ଓ ସଚେତନ ନାଗରିକ ଏହାକୁ ସରକାରୀ ଅର୍ଥର ଅପବ୍ୟୟ ବୋଲି ଅଭିହିତ କରିଛନ୍ତି। ସେମାନଙ୍କ ମତରେ, ଯଦି ଜଳଛତ୍ରରେ ନିୟମିତ ପାଣି ଓ କର୍ମଚାରୀ ବ୍ୟବସ୍ଥା ହେବ ନାହିଁ, ତେବେ ଏଭଳି ବ୍ୟବସ୍ଥା କେବଳ କାଗଜକଲମରେ ସୀମିତ ରହିଯିବ। ସରକାର ଲୋକଙ୍କ ସୁବିଧା ପାଇଁ ଅର୍ଥ ବ୍ୟୟ କରୁଥିବା ବେଳେ ତାହାର ସଠିକ୍ କାର୍ଯ୍ୟାନ୍ୱୟନ ନ ହେବା ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଛନ୍ତି। ଖରାର ପ୍ରକୋପ ଦିନକୁ ଦିନ ବଢୁଥିବା ବେଳେ ସହରରେ ପିଇବା ପାଣି ସୁବିଧାକୁ ନେଇ ପ୍ରଶାସନ ତତ୍ପରତା ଦେଖାଇବାକୁ ସାଧାରଣ ଲୋକ ଦାବି କରିଛନ୍ତି। ସମସ୍ତ ଜଳଛତ୍ରରେ ନିୟମିତ ପାଣି ଯୋଗାଣ, ପରିଷ୍କାର ପରିବେଶ ଓ କର୍ମଚାରୀ ନିଯୁକ୍ତି ସହ ତଦାରଖ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି ହେଉଛି । ତେବେ ଏନେଇ ପାରଳା ପୌରପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ କହିଛନ୍ତି ଏଥିପାଇଁ ସରକାରଙ୍କ ନିର୍ଦ୍ଦିଷ୍ଟ ଗାଇଡ ଲାଇନ ରହିଛି ସେହିଅନୁସରେ ସମସ୍ତ ୱାର୍ଡରେ ଜଳ ଛାତ୍ର ଖୋଲା ଯାଇଛି ଏବଂ ଭିନ୍ନ ଭିନ୍ନ ମହିଳା ଗୋଷ୍ଠୀ ମାନଙ୍କୁ ଏହାର ପରିଚାଳନା ଦାୟୀତ୍ୱ ବଣ୍ଟନ କରାଯାଇଛି । ଏଥିପାଇଁ ଗୋଟିଏ ଜଳଛତ୍ର ପିଛା ପୁରା ଗ୍ରୀଷ୍ମଋତୁ ପାଇଁ ୩୦ ହଜାର ଲେଖାଏଁ ଖରଚ ହେଉଛି । କାର୍ଯ୍ୟରେ ବ୍ୟତିକ୍ରମ ହେଉଥିବା ନେଇ ଅଭିଯୋଗ ଆସିଛି, ଆବଶ୍ୟକ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ।

## ନିଟ୍ ୟୁଜି ପ୍ରଶ୍ନ ପ୍ରଘଟ ଓ ପରୀକ୍ଷା ବାତିଲ ପ୍ରସଙ୍ଗ କଳାହାଣ୍ଡି ଯୁବ-ଛାତ୍ର ବିଜେଡିର ବିକ୍ଷୋଭ

ଭବାନୀପାଟଣା, ୧୪/୫ (ନି.ପ୍ର)- ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍) ୟୁଜି ପରିକ୍ଷାର ପ୍ରଶ୍ନ ପତ୍ର ପ୍ରଘଟ ଓ ପରୀକ୍ଷା ବାତିଲ ପ୍ରସଙ୍ଗକୁ ନେଇ ଆଜି କଳାହାଣ୍ଡି ଜିଲ୍ଲା ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ସ୍ଥାନୀୟ ଗାନ୍ଧି ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କେନ୍ଦ୍ର ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ରାଷ୍ଟ୍ରୀୟ ପରୀକ୍ଷା ଏଜେନ୍ସି ଏହି ନିଟ୍ ପରୀକ୍ଷାର ଦାୟିତ୍ୱ ନେଇଥିବା ବେଳେ ବାରମ୍ବାର ପ୍ରଶ୍ନ ପତ୍ର ଲିକ୍ ହେବା ସହ ଅନିୟମିତତା ସାମନାକୁ ଆସିବା ପରିକ୍ଷାର ସ୍ୱଚ୍ଛତା ଓ ପାରଦର୍ଶିତା ଉପରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ଚଳିତ ବର୍ଷ ଗତ ମେ ୩ ରେ ପରୀକ୍ଷା ଦେଇଥିବା ପ୍ରାୟ ୨୨ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଏବେ ଅନିଶ୍ଚିତତା ଭିତରେ ରହିଥିବାରୁ ଏହି ଘଟଣାରେ କେନ୍ଦ୍ର ଉଚ୍ଚ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଯୁବ ଓ ଛାତ୍ର ବିଜେଡି ଦାବି କରିଛି। ଦୋଷୀ ମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ, ନିଟ୍ ପରିକ୍ଷାରେ ସ୍ୱଚ୍ଛତା ଓ ଜବାବଦେହିତା ଆଣିବା, ନିଷ୍ପକ୍ଷ ତଦନ୍ତ କରି ପେପର ଲିକ୍ ଘଟଣାରେ ରହି ଥିବା ଅଧିକାରୀ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆଜି ଦାବି କରାଯାଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଗୋବର୍ଦ୍ଧନ ଦାସ, ରାଜ୍ୟ ବିଜେଡି ସମ୍ପାଦକ ଆଦିତ୍ୟ ନନ୍ଦ,ଜିଲ୍ଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପସଭାପତି ମନିନ୍ଦ୍ର ମହାନ୍ତି, ମହିଳା ସଭାନେତ୍ରୀ ସବିତା ପ୍ରଧାନ, ଦୀନେଶ ବଗର୍ତି, ଶିବା ସାହୁ, ଗୋବିନ୍ଦ ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ।

## ଦାୟିତ୍ୱ ସହ ଶିକ୍ଷାର ସାଧନା ଇତିହାସରେ ଡକ୍ଟରେଟ୍ ହାସଲ କଲେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ

ଭଦ୍ରକ,୧୪।୫ (ନିପ୍ର): ପ୍ରଶାସନିକ ଦାୟିତ୍ୱର ଭିଡ଼ ମଧ୍ୟରେ ମଧ୍ୟ ଜ୍ଞାନର ସାଧନା କେବେ ଥମେ ନାହିଁ—ଏହାକୁ ପୁଣିଥରେ ସାବ୍ୟସ୍ତ କରିଛନ୍ତି ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ। ନିଜର କଠିନ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇତିହାସ ବିଷୟରେ ପିଏଚଡି ଡିଗ୍ରୀ ହାସଲ କରି ଏକ ପ୍ରେରଣାଦାୟକଦୃଷ୍ଟାନ୍ତସୃଷ୍ଟିକରିଛନ୍ତିସାଧାରଣତଃ ଜିଲ୍ଲାପାଳଙ୍କ ଦୈନନ୍ଦିନ କାର୍ଯ୍ୟଭାର ଅତ୍ୟନ୍ତ ଚାପପୂର୍ଣ୍ଣ ଥାଏ। ଲୋକସେବା, ବିକାଶମୂଳକ କାର୍ଯ୍ୟ, ବିପର୍ଯ୍ୟୟ ପରିଚାଳନା ଓ ପ୍ରଶାସନିକ ସମନ୍ୱୟରେ ବ୍ୟସ୍ତ ରହିବା ସତ୍ତ୍ୱେ ଜିଲ୍ଲାପାଳ ନିଜ ଶିକ୍ଷାଗତ ଲକ୍ଷ୍ୟକୁ ଅବହେଳା କରିନଥିଲେ। ଅନବରତ ପରିଶ୍ରମ, ଅଧ୍ୟବସାୟ ଓ ଗବେଷଣା ପ୍ରତି ଆଗ୍ରହ ତାଙ୍କୁ ଏହି ସଫଳତାର ଶୀର୍ଷରେ ପହଞ୍ଚାଇଛି।ତାଙ୍କର ଗବେଷଣା ପ୍ରବନ୍ଧର ବିଷୟ ଥିଲା — "Occupational Stress, Job Satisfaction & Employee Loyalty in Hospitality Industry: A Comparative Analysis of Hotels in Odisha"। ଓଡ଼ିଶାର ହୋଟେଲ୍ ଶିଳ୍ପରେ କାର୍ଯ୍ୟରତ କର୍ମଚାରୀଙ୍କ ମାନସିକ ଚାପ, କାର୍ଯ୍ୟ ସନ୍ତୁଷ୍ଟି ଓ ସଂସ୍ଥାପ୍ରତି ନିଷ୍ଠାକୁ ନେଇ ସେ କରିଥିବା ଗବେଷଣା ଶିକ୍ଷାଜଗତରେ ଗୁରୁତ୍ୱ ପାଇଛି।ଜିଲ୍ଲାପାଳ ଭାବେ ଲୋକସେବା ଓ ଗବେଷକ ଭାବେ ଜ୍ଞାନର ସନ୍ଧାନ—ଏହି ଦୁଇଟି ଭୂମିକାକୁ ସଫଳତାର ସହ ପାଳନ କରିଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି। ତାଙ୍କର ଏହି ସଫଳତା ଯୁବପିଢ଼ୀଙ୍କୁ ଏକ ସନ୍ଦେଶ ଦେଇଛି—"ପରିସ୍ଥିତି ଯେତେ କଠିନ ହେଉ, ଇଚ୍ଛାଶକ୍ତି ଓ ଅଧ୍ୟବସାୟ ଥିଲେ ସ୍ୱପ୍ନ ସାକାର ହୁଏ।

## ଛାତ୍ର ଓ ଯୁବ ଗୋଷ୍ଠୀଙ୍କ ଗହଣରେ 'ଗାନ୍ଧୀକଥା'

କେନ୍ଦୁଝର,୧୪।୫ (ନିପ୍ର): ଓଡ଼ିଶା ଗାନ୍ଧୀ ବିଚାର ପରିଷଦ, କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ଓ ଧରଣୀଧର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ମିଳିତ ସହଯୋଗ 'ଗାନ୍ଧୀକଥା' କେନ୍ଦୁଝରଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ଭକ୍ତ ବତ୍ସଳ ମହାନ୍ତି କହିଲେ ବିଶ୍ୱରେ ଭାରତବର୍ଷରେ ଓ ଓଡିଶାରେ ଶାନ୍ତି, ମୈତ୍ରୀ, ସଦ୍‌ଭାବନା,ସଂହତି ଓ ଭାତୃଭାବ ପ୍ରତିଷ୍ଠା କରିବା ପାଇଁ ଗାନ୍ଧୀକଥାର ଚର୍ଚ୍ଚା କରାଯାଉଛି। ଯୁବଗୋଷ୍ଠୀ ମାନଙ୍କୁ ଅହିଂସା ମାର୍ଗରେ ଯାଇ ଶାନ୍ତି ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ପୋଗ୍ରାମ ଅଫିସର ଦିନେଶ କୁମାର ମହାରଣା, ମୁଖ୍ୟବକ୍ତାଭାବେ କେଡ଼ି ଟ୍ରଷ୍ଟର ଡକ୍ଟର ବିମ୍ବାଧର ବେହେରା, ସମ୍ମାନିୟ ଅତିଥି ଭାବେ ଓଡିଶା ଗାନ୍ଧୀ ବିଚାର ପରିଷଦ ଉପାଧ୍ୟକ୍ଷ କର୍ଣ୍ଣାଟ କିଶୋର ଜେନା ପ୍ରମୁଖ କହିଲେ ବର୍ତ୍ତମାନର ଯୁବ ଗୋଷ୍ଠୀ ବେଳେ ବେଳେ ଅତି ନିଷ୍ଠୁର,ବର୍ବରତା ରାସ୍ତା ଯିବାରୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଉଛି। ହିଂସା ଯୋଗୁଁ ଅକାଳରେ ରାଷ୍ଟ୍ରର ଭବିଷ୍ୟତ ଯୁବକ ମାନଙ୍କର ଜୀବନ ଦୀପ ଲିଭି ଯାଉଛି। ବର୍ତ୍ତମାନ ଓଡିଶାରେ ବିଭିନ୍ନ ସ୍ଥାନରେ ନିର୍ଦ୍ଦିଷ୍ଟ ଯୁବଗୋଷ୍ଠୀ ମାନେ ହିଂସା ସୃଷ୍ଟି କରୁଛନ୍ତି। ଯୁବ ଗୋଷ୍ଠୀ ଓ ଛାତ୍ର ସମାଜକୁ ଅହିଂସା ମାର୍ଗରେ ଯିବା ପାଇଁ ଅତିଥିମାନେ ବିନମ୍ର ନିବେଦନ କରିଛନ୍ତି।

## ଏ- ୧ ଛାତ୍ରଛାତ୍ରୀଙ୍କୁ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧନା

ବେତନଟୀ,୧୪।୫ (ନିପ୍ର): ବେତନଟୀ ବ୍ଲକ ଓଷ୍ଟା ସଂଘ ପକ୍ଷରୁ ଚଳିତ ବର୍ଷ ମେଟ୍ରିକ୍ ପରୀକ୍ଷାରେ ଏ- ୧ ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ବେତନଟୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଓଷ୍ଟା ବ୍ଲକ୍ ସଭାପତି ଶିଶିର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ସୁନାଗରିକ ହୋଇ ଦେଶ ମାତୃକାର ସେବା କରିବା ପାଇଁ ଉପଦେଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ବିପ୍ଳବ କର ଛାତ୍ର ଛାତ୍ରଛାତ୍ରୀ ମାନଙ୍କୁ ପରିଶ୍ରମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଅପର୍ଣ୍ଣା ସାହୁ, ଓଷ୍ଟା ସଂଘର ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ପୂର୍ବତନ ଏବିଇଓ ରମାକାନ୍ତ ମହାନ୍ତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଓଷ୍ଟା ସଂଘ ବ୍ଲକ୍ ସଂପାଦକ ସୁର୍ଯ୍ୟାନନ୍ଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ- ୧ ରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ଦିବ୍ୟପ୍ରଜ୍ଞା ନାଥ, ଆଦ୍ୟାଶା ସାହୁ, ରୋଜାଲିନ ମହାନ୍ତ, ଜୟସ୍ମିତା ପୃଷ୍ଟି, ଜ୍ୟୋସ୍ନା ଧଳ ଙ୍କୁ ମୂଖ୍ୟ ଅତିଥି ଉତ୍ତରୀୟ,ଟ୍ରଫି, ଫଳ ବୃକ୍ଷ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ଅଭିଭାବକ, ଶିକ୍ଷକ ଯୋଗଦାନ କରିଥିଲେ।

## ଛତ୍ରପଡ଼ା ଶ୍ରୀରାମଲୀଳା ଯାତ୍ରା ଉଦ୍‌ଯାପିତ

ନିରାକାରପୁର,୧୪।୫ (ନିପ୍ର): ପାରମ୍ପରିକ ରୀତିନୀତି ଓ ପ୍ରଥା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ବୋତଲମା ଗ୍ରାମପଞ୍ଚାୟତର ଛତ୍ରପଡ଼ା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି ପ୍ରସିଦ୍ଧ ଶ୍ରୀରାମଲୀଳା ଯାତ୍ରା। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପାରମ୍ପରିକ ଯାତ୍ରା ବୁଧବାର (୧୩ ତାରିଖ) ମଧ୍ୟାହ୍ନରେ ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ସହ ଉଦ୍‌ଯାପିତ ହୋଇଛି।ସ୍ୱର୍ଗତ କବି ଅନଙ୍ଗ ନରେନ୍ଦ୍ରଙ୍କ ବିରଚିତ ଶ୍ରୀରାମଲୀଳା ପୁସ୍ତକକୁ ଆଧାର କରି ଏହି ଯାତ୍ରା ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅତ୍ୟନ୍ତ ଆଡ଼ମ୍ବର ସହକାରେ ପାଳିତ ହୋଇଥିଲା। ସପ୍ତମ ରଜନୀ ବ୍ୟାପୀ ଚାଲିଥିବା ଏହି ମଞ୍ଚାୟନରେ ଶ୍ରଦ୍ଧାଳୁମାନେ ରାମାୟଣର ବିଭିନ୍ନ ପର୍ଯ୍ୟାୟକୁ ଉପଭୋଗ କରିଥିଲେ। ଶେଷ ରଜନୀରେ ରାବଣ ବଦ୍ଧ ପରେ ଆଜି ୧୩ ତାରିଖ ମଧ୍ୟାହ୍ନରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ରାଜ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ 'ରଘୁନାଥ କଳା ପରିଷଦ' ର କର୍ମକର୍ତ୍ତା ଓ ସମସ୍ତ ଛତ୍ରପଡ଼ା ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ସୂଚାରୁରୂପେ ପରିଚାଳନା କରାଯାଇଥିଲା।

## ୪ ଲେନ୍ ହେବ ଭବାନୀପାଟଣା -ଖରିଆର ରାସ୍ତା, ଖର୍ଚ୍ଚ ହେବ ୬୪୦ କୋଟି

ଭବାନୀପାଟଣା, ୧୪/୫ (ନି.ପ୍ର)- କଳାହାଣ୍ଡି ବିକାଶରେ ଯୋଡି ହେବ ଆଉ ଏକ ଫର୍ଦ୍ଦ। କାରଣ ଖୁବ ଶୀଘ୍ର ବଦଳିବାକୁ ଯାଉଛି ଭବାନୀପାଟଣା - ଖରିଆର ମୁଖ୍ୟ ରାସ୍ତା । ପୂର୍ତ୍ତ ବିଭାଗ ଭବାନୀପାଟଣା -ଖରିଆର ରାସ୍ତାକୁ ଦୁଇ ଲେନ୍‌ରୁ ୪ ଲେନ୍ ବିଶିଷ୍ଟ କରିବାକୁ ଯାଉଛି। ଏହି ରାସ୍ତା ନିର୍ମାଣ ଦ୍ୱାରା ସ୍ଥାନୀୟ ଲୋକମାନଙ୍କ ଗମନାଗମନ ସୁବିଧା ହେବା ସହିତ କ୍ଷୁଦ୍ର ଚାଷୀ ଓ ବ୍ୟବସାୟୀମାନେ ବିଶେଷ ଭାବେ ଉପକୃତ ହେବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଭାଗୀୟ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନଙ୍କୁ ଧନ୍ୟବାଦ ଜଣାଇଛି କଳାହାଣ୍ଡି ବିଜେପି। ଏ ନେଇଁ ବୁଧବାର ପୂର୍ବାହ୍ନରେ ଭବାନୀପାଟଣା ସ୍ଥିତ ସାର୍କିଟ ହାଉସରେ ବିଜେପି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ ହୋଇଯାଇଛି। ଭବାନୀପାଟଣା - ଖରିଆର ୭୦ କିମି ନୂତନ ୪ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ପ୍ରାୟ ୬୪୦ କୋଟି ଟଙ୍କା ବ୍ୟୟବରାଦ ରହିଥିବାବେଳେ ସେତୁ ନିର୍ମାଣ ପାଇଁ ପ୍ରାୟ ୯୧ କୋଟି ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି।ଏହି ରାସ୍ତା ମଧ୍ୟରେ ଥିବା ୫ଟି ମୁଖ୍ୟ ସେତୁ ଓ ୧୫ଟି ଛୋଟ ସେତୁର ମଧ୍ୟ ନିର୍ମାଣ କରାଯିବ। ଏହି ରାସ୍ତା ପାଇଁ ଟେଣ୍ଡର ଶେଷ ହୋଇଥିବାବେଳେ ଏହାକୁ ଓଡିଶା ସେତୁ ଓ ନିର୍ମାଣ ନିଗମ ଲି (ଓବିସିସି) ପରିଚାଳନା କରିବ। ସେହିପରି ପିଡବ୍ଲୁଡି ବିଭାଗ ପକ୍ଷରୁ ତୁର୍କେଲ ବ୍ରିଜ ମରାମତି ପାଇଁ ୧୬.୭୫ କୋଟି ଖର୍ଚ୍ଚ ହେବ। ଯାହା ପାଇଁ ମଧ୍ୟ ମଞ୍ଜୁରୀ ମିଳିସାରିଛି। ଏଇ ଭିତରେ ଟେଣ୍ଡର ଡ଼କାଯାଇ କାମ ଆରମ୍ଭ ହେବ। ନୂତନ ଭବାନୀପାଟଣା -ଖରିଆର ୪ ଲେନ ରାସ୍ତା ଲୋକମାନଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି କରିବ। କଳାହାଣ୍ଡି ଓ ନୂଆପଡ଼ା ଜିଲା ମଧ୍ୟରେ ଯୋଗାଯୋଗ ତ୍ୱରିତ ଓ ସୁଗମ ହେବା ସହ ସଂଯୁକ୍ତ ଗ୍ରାମଗୁଡ଼ିକର ଜନସାଧାରଣ ସହର ଏବଂ ବଜାରକୁ ମଧ୍ୟ ସହଜରେ ପହଞ୍ଚାଇପାରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ଜିଲା ସଭାପତି ଯୁଗୋଲ କିଶୋର ପୋଦ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଲୋକସଭା ଏମ ପି ମାଳବିକା ଦେବୀ,ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ,ଜିଲା ଉପସଭାପତି ମୁକେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## କନିଷ୍ଠ ଯନ୍ତ୍ରୀ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ

ପାରଳାଖେମୁଣ୍ଡି,୧୪।୫(ନିପ୍ର): ଡୁମ୍ବଡା ଗ୍ରାମପଞ୍ଚାୟତର ସମିତି ସଭ୍ୟ ଦମନ ଗମାଙ୍ଗଙ୍କ ନେତୃତ୍ୱରେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଅଭିଯୋଗ କରିଛନ୍ତି । ଅଭିଯୋଗ ପ୍ରକାରେ ଡୁମ୍ବଡା ପଞ୍ଚାୟତ ଅନ୍ତର୍ଗତ ଅମରସିଂ, ଉଡାସିଂ, ବିସୁଆ ସାହି, ଦାରୁଦିପଦର ଆଦି ଗ୍ରାମାଞ୍ଚଳରେ ୭ ଗୋଟି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଥିଲା । ଏହାର କାର୍ଯ୍ୟାଦେଶ ଖୋଦ୍ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ରହିଥିଲା । ତେବେ ଏହି କାର୍ଯ୍ୟଗୁଡିକରେ ନିୟୋଜିତ ଶ୍ରମିକ ମାନଙ୍କ ପାଉଣା, କାମରେ ବ୍ୟବହୃତ ବିଭିନ୍ନ ନିର୍ମାଣ ସାମଗ୍ରୀର ଅର୍ଥ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ପୈଠ କରିନଥିବା ଅଭିଯୋଗ ହୋଇଛି। ଏପରି ମୋଟ ୧୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ କେବଳ କନିଷ୍ଠ ଯନ୍ତ୍ରୀ ଜଣକ ୧ଲକ୍ଷ ଟଙ୍କା ପ୍ରଦାନ କରି ଅବଶିଷ୍ଟ ୧୩ ଲକ୍ଷ ଟଙ୍କା ପ୍ରଦାନ କରିନଥିବା ପ୍ରକାଶ କରିଛନ୍ତି । ବକେୟା ୧୩ ଲକ୍ଷ ଟଙ୍କା ମାଗିବାରୁ ୪ ମାସରୁ ଉର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ଆଳଦେଖାଇ ପ୍ରଦାନ କରୁନାହାନ୍ତି । ଏପରିକି ବକେୟା ଟଙ୍କା ମାଗିବାରୁ ଗତ ୦୩ .୩.୨୦୨୬ ତାରିଖ ଦିନ ୧ଲକ୍ଷ ୭୯ ହଜାର ୪୦୦, ୨ଲକ୍ଷ ୩୧୮୭୪ , ୧ଲକ୍ଷ ୮୦ ହଜାର ୨୦ ଏବଂ ୧ଲକ୍ଷ ୭୮ ହଜାର ୯୭୮ ଟଙ୍କାର ଚାରିଗୋଟି ଚେକ୍ ପ୍ରଦାନ କରିଥିଲେ । ଯାହାକି ବ୍ୟାଙ୍କରେ ଡିପୋଜିଟ୍ କରିବା ପରେ ତାଙ୍କ ଆକାଉଣ୍ଟ୍ ରେ ଟଙ୍କା ନଥିବାର ଜାଣିବାକୁ ପାଇଥିଲେ ଚେକ୍ ଭରିଥିବା ଜମାକାରୀ ମାନେ । ଏହା ସହ ଉକ୍ତ ଯନ୍ତ୍ରୀ ସମସ୍ତ ଟଙ୍କା ପ୍ରଦାନ କରିବି ବୋଲି ପ୍ରତିଶ୍ରୁତି ପତ୍ର ଲେଖି ଭୂଆଁ ବୁଲାଇଥିବାର ମଧ୍ୟ ପ୍ରକାଶ କରିଛନ୍ତି । ଏପରି ଯନ୍ତ୍ରୀଙ୍କ ଉପରେ ଆଉ ବିଶ୍ୱାନକରି ଆଜି ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ।

## ଟାଙ୍ଗିଆ ଚୋଟରେ ଭାଉଜଙ୍କୁ ହତ୍ୟା ଘଟଣା, ଶ୍ୱଶୁର ଗିରଫ

ହିଞ୍ଜିଳିକାଟୁ, ୧୪।୫(ନି.ପ୍ର ): ହିଞ୍ଜିଳି ଥାନା ଖରିଡା ଗ୍ରାମରେ ସ୍ୱାମୀ ଘର ବାରଣ୍ଡାରେ ସ୍ତ୍ରୀର ଅଧିକାର ଦାବିରେ ଧାରଣା ଦେଇଥିବା ଜଣେ ଗର୍ଭବତୀ ମହିଳାଙ୍କୁ ତାଙ୍କ ନାବାଳକ ଦିଅର ଓ ଜଣେ ସହଯୋଗୀ ମିଶି ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ହତ୍ୟାର ଶୀକାର ପାଲଟିଥିବା ମହିଳା ଜଣଙ୍କ ହେଲେ ଗଞ୍ଜାମ ଥାନା ଅଗସ୍ତି ନୂଆଗାଁର ପୂଜା ସ୍ୱାଇଁ (୨୧) । ସଂପୃକ୍ତ ହତ୍ୟା ଘଟଣାରେ ହିଞ୍ଜିଳି ପୁଲିସ କେସ ନଂ -୨୯୭/୨୬ ରେ ଏକ ମାମଲା ରୁଜୁ କରି ମଙ୍ଗଳବାର ମୃତା ମହିଳାଙ୍କ ଶଶୁର ପାଣ ଗୌଡ (୬୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସଂପୃକ୍ତ ହତ୍ୟା ଘଟଣାରେ ଗିରଫ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ପୂର୍ବରୁ ହତ୍ୟାକାରୀ ନାବାଳକ ଦିଅରଙ୍କ ସମେତ ଜଣେ ସହଯୋଗୀ ନାବାଳକଙ୍କୁ ଗିରଫ କରି ଗତ ବୁଧବାର ଜୁଭେନାଲ ଜଷ୍ଟିସ ବୋର୍ଡ଼କୁ ପଠାଯାଇଥିଲା । ପ୍ରକାଶ ଯେ, ଗତ ଅଢ଼େଇ ବର୍ଷ ପୂର୍ବେ ହିଞ୍ଜିଳି ଥାନା ଖରିଡା ଗ୍ରାମର ଚିଣ୍ଟୁ ଗୌଡ (୨୪) ଅଗସ୍ତି ନୂଆଗାଁର ପୂଜା ସହ ସାମାଜିକ ଗଣମାଧ୍ୟମରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ସମ୍ପର୍କ ନିବିଡ ହେବା ପରେ ଚିଣ୍ଟୁ ପୂଜାଙ୍କୁ ନେଇ ଫେରାର ହୋଇଯାଇଥିଲେ। ? ପରବର୍ତ୍ତୀ ସମୟରେ ପୁରୀ ଜିଲ୍ଲା ଡେଲାଙ୍ଗର ଏକ ଶିବ ମନ୍ଦିରରେ ବିବାହ କରିଥିଲେ। ଗତ ୧୮ ତାରିଖରେ ଚିଣ୍ଟୁ ଗ୍ରାମକୁ ଯିବାକୁ କହି ବ୍ରହ୍ମପୁରରେ ପହଞ୍ଚିବା ପରେ ରେଳଷ୍ଟେସନ ରେ ପୂଜାଙ୍କୁ ଛାଡି କେଉଁଆଡେ ଫେରାର ହୋଇଯାଇଥିଲେ। ଘଟଣା ନେଇ ପୂଜା ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ -୨୪୧/୨୬ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରିବା ସହ ପୂଜାଙ୍କ ଶାଶୁ, ଶଶୁର ଓ ନଣନ୍ଦଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ୪୧ ନୋଟିସ ଆଧାରରେ ସମସ୍ତଙ୍କୁ ଥାନାରୁ ଛାଡି ଦେଇଥିଲା। ପୂଜା ନିରୁପାୟ ହୋଇ ୩ ତାରିଖରେ ଘଟଣା ନେଇ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ସୋମବାର ସନ୍ଧ୍ୟାରେ ଖରିଡା ଗ୍ରାମର କିଛି ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ପୂଜା ଚିଣ୍ଟୁଙ୍କ ଘର ବାରଣ୍ଡାରେ ସ୍ତ୍ରୀର ଅଧିକାର ଦାବିରେ ଧାରଣା ଦେଇଥିଲେ। ମଙ୍ଗଳବାର ବ୍ରହ୍ମପୁର ମହିଳା ଥାନା ପୁଲିସ ଓ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପୂଜାଙ୍କୁ ବୁଝାସୁଝା କରିଥିଲେ। ପୁଲିସ କର୍ମଚାରୀ ପୂଜାଙ୍କୁ ବୁଝାମଣା କରି ଫେରୁଥିବା ସମୟରେ ଚିଣ୍ଟୁଙ୍କ ସାନଭାଇ ଏକ ଧାରୁଆ ଟାଙ୍ଗିଆରେ ପୂଜାଙ୍କ ହାତ, ବେକ, ମୁଣ୍ଡ, ପେଟକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ପୂଜାଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ଆସିକା ଏସଡିପିଓ, ହିଞ୍ଜିଳି ଥାନା ଆଇଆଇସି ଓ ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଥିଲା। ମା'ର ମୃତଦେହ ନିକଟରେ କାନ୍ଦୁଥିବା ପୂଜାଙ୍କ ୨ ବର୍ଷର ଝିଅକୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଥିଲା। ଘଟଣା ସ୍ଥଳରୁ ହତ୍ୟାକାରୀ ନାବାଳକ ଦିଅର ଓ ଶଶୁରଙ୍କୁ ପୁଲିସ କାବୁ କରି ଥାନାରେ ଅଟକ ରଖି ପଚରାଉଚରା କରିଥିଲା।

## ଖଣି ମାଫିଆଙ୍କ ଦ୍ୱାରା ହତ୍ୟାକାଣ୍ଡରେ ଅଭିଯୁକ୍ତଙ୍କୁ ଆଣି ଘଟଣା ସ୍ଥଳରେ କ୍ରାଇମସିନ ରିକ୍ରିଏସନ

ନୟାଗଡ,୧୪।୫ (ନିପ୍ର): ନୟାଗଡ ଜିଲ୍ଲା ଓଡଗାଁରେ ଯୁବକଙ୍କୁ ବିଭତ୍ସ ହତ୍ୟା ମାମଲାରେ କ୍ରାଇମ ସିନ ରିକ୍ରିଏସନ । ଚାରି ଅଭିଯୁକ୍ତଙ୍କ ମଧ୍ୟରୁ ମାନସ ଓ ମହନ୍ତକୁ ନେଇ ହତ୍ୟାକାଣ୍ଡ ଘଟଣା ସ୍ଥଳରେ କ୍ରାଇମସିନ ରିକ୍ରିଏସନ କଲା ଓଡ଼ଗାଁ ପୋଲିସ । କେମିତି ହୋଇଥିଲା ହତ୍ୟାକାଣ୍ଡ ଗୋଟି ଗୋଟି କରି ସମସ୍ତ ଘଟଣା କହିଲା ଅଭିଯୁକ୍ତ । କ୍ରାଇମ ସିନ ରିକ୍ରିଏସନ ପରେ ଓଡ଼ଗାଁ କୋର୍ଟରେ ଅଭିଯୁକ୍ତ ମାନଙ୍କୁ ହାଜର କରାଇଲା ପୋଲିସ । ଖୁବ ଶୀଘ୍ର ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ ବୋଲି କହିଲେ ଓଡ଼ଗାଁ ଏସଡିପିଓ ଦୀପ୍ତିକାନ୍ତ ପ୍ରଧାନ । ସୂଚନା ଅନୁଯାୟୀ ଓଡଗାଁ ଥାନା ଶିଙ୍ଖାନଗର



ଅଂଚଳର ଜଣେ ଯୁବକ ବିରୋଧ କରିବା ସହ ଚାନ୍ଦା ମାଗିବାରୁ ୬ରୁ ୭ଜଣ ଯୁବକ ମିଶି ଅତି ନିର୍ମମ ଭାବେ ହାତ ଗୋଡ଼ କାଟି ଓଡ଼ଗାଁ କଦଳୀ ବନ୍ଧ ଛକ ଠାରେ ହତ୍ୟା କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ , ମୃତକ ଜଣକ ହେଲେ ଅଜିତ ସାହୁ । ଏପଟେ ମୃତକଙ୍କ ପରିବାର ପକ୍ଷରୁ ରାସ୍ତା ରୋକ କରାଯାଇଥିଲା, ଫଳରେ ଉତେଜନା ଦେଖା ଯାଇଥିବା ବେଳେ ଖବର ପାଇ ଘଟଣା ସ୍ଥଳରେ ଓଡଗାଁ ପୋଲିସ, ଏସଡିପିଓ, ଉପ ଆରକ୍ଷୀ ଅଧୀକ୍ଷକ ପହଂଚି ଘଟଣା ତଦନ୍ତ କରିବା,ବୁଝା ସୁଝା କରିବା ସହିତ ପରିବାର ଲୋକଙ୍କ ଦାବି ଅନୁସାରେ ଲିଖିତ ଦେବା ପରେ ରାସ୍ତା ରୋକ ହଟି ଥିଲା, ପରେ ଓଡ଼ଗାଁ ପୋଲିସ ଶବ ଜବତ କରି ନୟାଗଡ଼ ମୁଖ୍ୟ ଚିକିତ୍ସା ଳୟ ରଶବଗୃହ କୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଥିବା ବେଳେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଏପଟେ ବିଭିନ୍ନ ଦିଗ ରୁ ପୋଲିସ ତଦନ୍ତ କରି ୪ଜଣଙ୍କୁ ଗିରଫ କରି ଘଟଣାର ବ୍ୟବହୃତ ମରାଣାସ୍ତ୍ର ଏକ ଖଣ୍ଡାସହ ୪୦୭ ଟ୍ରକ, ଏକ କାର ଜବତ କରିଥିଲା। ଏହି ଘଟଣାରେ ନେଇ କ୍ରାଇମ ସିନ ରିକ୍ରିଏସନ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଫେରାର ଅଛନ୍ତି। ଅନ୍ୟ ମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଚଳାଇଛି।

## ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି

କୃଷ୍ଣପ୍ରସାଦ,୧୪।୫ (ନିପ୍ର): ପୁରୀ ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅଞ୍ଚଳବାସୀଙ୍କ ବିଭିନ ସମସ୍ୟା ନେଇ ୩୬ ଟି ଅଭିଯୋଗ ହୋଇଥିଲା । ୨୮ ଅଭିଯୋଗ ବ୍ୟକ୍ତିଗତ ,୮ ଗୋଟି ଅଭିଯୋଗ ଗ୍ରାମବାସୀଙ୍କ ତରଫରୁ ହୋଇଥିଲା । ୨ଟି ଅଭିଯୋଗର ତତ୍କାଳୀନ ସମସ୍ୟା ସମାଧାନ ହୋଇଥିବା ବେଳେ ପୂର୍ବରୁ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗର ମାସ ମାସ ବିତିଯାଇଥିଲେ ସୁଧା ଆବେଦନକାରୀଙ୍କୁ ସହାୟତା ମିଳିନଥିବା କେତେକ ଅଭିଯୋଗରେ ଉଲ୍ଲେଖ ରହିଥିଲା । କୃଷ୍ଣପ୍ରସାଦ ଗ୍ରାମପଞ୍ଚାୟତ ଅଧୀନ ଇପିଙ୍ଗ ବାଉରିପଲ୍ଲୀ ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେବାରୁ ଗ୍ରାମ୍ୟ କମିଟି ସଭାପତି ନାଲୁ ପାହାଣ, ସମ୍ପାଦକ ବିପିନୀ ନାୟକ , ହଜାରି ପାହାଣ, ନିରଞ୍ଜନ ନାୟକ, ,ଉମାକାନ୍ତ ନାୟକ,ଅଶୋକ କୁମାର ପାହାଣ ପ୍ରମୁଖ ଗ୍ରାମବାସୀ ଅଭିଯୋଗ ପରେ ବିଭାଗୀୟ ଜଳଯୋଗାଣ ଅଧିକାରୀଙ୍କୁ ସମାଧାନ ଦିଗରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଅନେକ ବାସହରା ବେସାହାରା ଯୋଗ୍ୟ ଅନ୍ତ୍ୟୋଦୟ ଗୃହ ଯୋଜନାରୁ ବଞ୍ଚିତ ନେଇ ଅଭିଯୋଗ ପରେ ତଦନ୍ତ ଅନୁଯାୟୀ ସାମିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

## ଜନଜାତି ଐତିହ୍ୟ ସଂରକ୍ଷଣ ପାଇଁ 'ସମ୍ବାଦ ଫେଲୋସିପ୍'ର ଶୁଭାରମ୍ଭ

ଯାଜପୁର,୧୪।୫ (ନିପ୍ର): ସ୍ଥାନୀୟ ସଂସ୍କୃତିର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ ଗୋବରଘାଟି ଫେଜ୍-୨ ସ୍ଥିତ ଆଦିବାସୀ ୟୁଥ କ୍ଲବ୍‌ଠାରେ 'ସଂବାଦ ଫେଲୋସିପ୍'ର ୧୦ମ ସଂସ୍କରଣ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଯାଜପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ରାଜେନ୍ଦ୍ର କାଲୁଣ୍ଡିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ପରମ୍ପରାକୁ ସୁରକ୍ଷିତ ରଖିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ପୁନର୍ବାସ ଓ ଥଇଥାନ ବିଭାଗ ମୁଖ୍ୟ ରଶ୍ମିରଞ୍ଜନ ନାୟକ ଏବଂ ଟିଏସଏଫ କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀଙ୍କ ସମେତ ଟାଟା ଷ୍ଟିଲ୍ ଓ ଟିଏସଏଫର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜନଜାତି ଭାଷା ଶିକ୍ଷକ, ସଂବାଦ ଫେଲୋ ଏବଂ ପୂର୍ବତନ ସଦସ୍ୟ, ନୀଳାଚଳ ଇସ୍ପାତ ନିଗମ ର ପ୍ରତିନିଧି ଏବଂ କଳିଙ୍ଗନଗର ୱାର୍କିଂ କମିଟିର ସଦସ୍ୟଙ୍କ ସମେତ ପ୍ରାୟ ୧୨୦ ଜଣ କମ୍ୟୁନିଟି ମେମ୍ବର ଅଂଶଗ୍ରହଣ କରିଥିଲେ। ଏହି ଶୁଭାରମ୍ଭର ଅଂଶବିଶେଷ ସ୍ୱରୂପ, ଦାନଗଦି, ବ୍ରାହ୍ମଣୀପାଳ ଏବଂ ସୁକିନ୍ଦା ଅଞ୍ଚଳର ୨୪ଟି ପଞ୍ଚାୟତରୁ ୧୮ ରୁ ୩୫ ବର୍ଷ ବୟସ୍କ ଜନଜାତି ଯୁବବର୍ଗ ଏକତ୍ରିତ ହୋଇ ନିଜର ସମୃଦ୍ଧ ଐତିହ୍ୟକୁ ଆଗାମୀ ପିଢ଼ି ପାଇଁ ଏକ ଜୀବନ୍ତ ପରମ୍ପରା ଭାବେ ବଞ୍ଚାଇ ରଖିବାର ଚିନ୍ତାଧାରା ବିଷୟରେ ଆଲୋଚନା କରିବା ସହ କାର୍ଯ୍ୟ ପ୍ରଣାଳୀ ପ୍ରସ୍ତୁତ କରିଥିଲେ । ୨୦୧୭ ମସିହାରେ ଆରମ୍ଭ ହୋଇଥିବା 'ସଂବାଦ ଫେଲୋସିପ୍', ବିଲୁପ୍ତ ହେବାର ଆଶଙ୍କା ଥିବା ଜନଜାତି ଭାଷା, ପରମ୍ପରା ଏବଂ ସାଂସ୍କୃତିକ ପ୍ରଥାଗୁଡ଼ିକର ଦସ୍ତାବିଜ୍ ପ୍ରସ୍ତୁତ ତଥା ସୁରକ୍ଷା ପାଇଁ ଜନଜାତି ଯୁବବର୍ଗଙ୍କୁ ସହାୟତା ପ୍ରଦାନ କରିଆସୁଛି । ଏହି ଫେଲୋସିପ୍ ଆର୍ଥିକ ସହାୟତା, ମାର୍ଗଦର୍ଶନ ଏବଂ କମ୍ୟୁନିଟି - ଭିତ୍ତିକ ଗବେଷଣା ତଥା ଦସ୍ତାବିଜ୍ ପ୍ରସ୍ତୁତି ପାଇଁ ସୁଯୋଗ ପ୍ରଦାନ କରିଆସୁଛି । ବିଗତ ନଅଟି



ସଂସ୍କରଣ ମଧ୍ୟରେ ସଂବାଦ ଫେଲୋସିପ୍ ସମଗ୍ର ଭାରତରେ ଅନେକ ପ୍ରଭାବଶାଳୀ ପଦକ୍ଷେପ ନେବାରେ ସକ୍ଷମ ହୋଇଛି, ଯେଉଁଥିରେ ବିଲୁପ୍ତପ୍ରାୟ ଜନଜାତି ଭାଷାଗୁଡ଼ିକର ସଂରକ୍ଷଣ, ଲୋକଗୀତ, ନୃତ୍ୟ, ପାରମ୍ପରିକ ଖେଳ, ଔଷଧୀୟ ଜ୍ଞାନ, ପାରମ୍ପରିକ ଖାଦ୍ୟ ପ୍ରଣାଳୀର ଦସ୍ତାବିଜ୍ ପ୍ରସ୍ତୁତି ଏବଂ ଜନଜାତି ଲୋକକଥା ଉପରେ ଆଧାରିତ ଶିଶୁ ସାହିତ୍ୟର ସୃଷ୍ଟି ଅନ୍ତର୍ଭୁକ୍ତ । ଗତ ୧୦ ବର୍ଷ ମଧ୍ୟରେ, ଏହି ଫେଲୋସିପ୍ ୬୪ ଜଣ ଫେଲୋଙ୍କୁ ସହାୟତା ପ୍ରଦାନ କରିବା ସହ ୩୪ ଟି ସାହିତ୍ୟିକ ରଚନା, ୩୨ ଟି ସଙ୍ଗୀତ, ୧୧ ଟି ପ୍ରାମାଣିକ ଚଳଚ୍ଚିତ୍ର ଏବଂ ଦୁଇଟି ସ୍ଥାନୀୟ ଅଞ୍ଚଳର ଐତିହ୍ୟ ଅନୁଷ୍ଠାନ ଗଠନରେ ସହାୟକ ହୋଇଛି, ଯାହା ଭାରତର ବିଭିନ୍ନ ଜନଜାତି ଐତିହ୍ୟର ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି ।

# ବ୍ରିକ୍ସ ବୈଦେଶିକ ମନ୍ତ୍ରୀ ସମ୍ମିଳନୀ

## ଆରାଘଚି ଏବଂ ଲାଭରୋଭଙ୍କୁ ଭେଟିଲେ ମୋଦି



ନୂଆଦିଲ୍ଲୀ,୧୪।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଦିନ ନୂଆଦିଲ୍ଲୀରେ ବ୍ରିକ୍ସ ବୈଦେଶିକ ମନ୍ତ୍ରୀ ସମ୍ମିଳନୀ ଅବସରରେ ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଏବଂ ରୁଷ ବୈଦେଶିକ ମନ୍ତ୍ରୀ ସର୍ଗେ ଲାଭରୋଭଙ୍କୁ ଭେଟିଛନ୍ତି। ଏହି ବୈଠକ ୧୪ ମଇ ରୁ ୧୫ ମଇ ପର୍ଯ୍ୟନ୍ତ ଜାତୀୟ ରାଜଧାନୀରେ ଆୟୋଜିତ ବ୍ରିକ୍ସ ବୈଦେଶିକ ମନ୍ତ୍ରୀ ଏବଂ ବରିଷ୍ଠ ପ୍ରତିନିଧିଙ୍କ ଦୁଇ ଦିନିଆ ସମାବେଶ ଅବସରରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ମଧ୍ୟ ବ୍ରିକ୍ସ ପରିବାରର ଆନୁଷ୍ଠାନିକ ଫଟୋଗ୍ରାଫ ପାଇଁ ପରିଦର୍ଶକ ପ୍ରତିନିଧିମାନଙ୍କ ସହିତ ଯୋଗ ଦେଇଥିଲେ, ଯେଉଁଥିରେ ସଦସ୍ୟ ଏବଂ ଅଂଶୀଦାର ରାଷ୍ଟ୍ରଗୁଡ଼ିକର ମନ୍ତ୍ରୀ ଏବଂ ପ୍ରତିନିଧିମାନେ ଯୋଗ ଦେଇଥିଲେ। ପୂର୍ବରୁ, ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଶିଖର ସମ୍ମିଳନୀ ସ୍ଥାନ ଭାରତ ମଣ୍ଡପମରେ ଅନେକ ବୈଦେଶିକ ମନ୍ତ୍ରୀ ଏବଂ ବରିଷ୍ଠ କୂଟନୀତିଜ୍ଞଙ୍କୁ ସ୍ୱାଗତ କରିଥିଲେ।

## ଭାରତ ଦୁଇ ରାଷ୍ଟ୍ର ସମାଧାନକୁ ସମର୍ଥନ କରେ: ଜୟଶଙ୍କର




ନୂଆଦିଲ୍ଲୀ,୧୪।୫: ବ୍ରିକ୍ସ ଦେଶମାନଙ୍କ ବିଦେଶ ମନ୍ତ୍ରୀଙ୍କ ବୈଠକ ନୂଆଦିଲ୍ଲୀଠାରେ ଗୁରୁବାରଠାରୁ ଆରମ୍ଭ ହୋଇଛି। ଗୁରୁବାର ଓ ଶୁକ୍ରବାର ଚାଲିବାକୁ ଥିବା ଏହି ବୈଠକରେ ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ପଶ୍ଚିମ ଏସିଆ ଲାଗିରହିଥିବା ବିବାଦ ପରେ ଚିନ୍ତାପ୍ରକଟ କରିଛନ୍ତି। ଜୟଶଙ୍କର କହିଛନ୍ତି ଯେ, ଭାରତ ପାଲେଷ୍ଟାଇନ ପ୍ରସଙ୍ଗରେ ଦୁଇ ରାଷ୍ଟ୍ର ସମାଧାନକୁ ସମର୍ଥନ କରେ। ଜୟଶଙ୍କର ଫେବ୍ରୁଆରି ୨୮ରୁ ଆରମ୍ଭ ହୋଇଥିବା ଉତ୍ତେଜନାମୂଳକ ସ୍ଥିତି ଉପରେ ଜୋର ଦେଇ କହିଛନ୍ତି ଯେ, ପଶ୍ଚିମ ଏସିଆ ବିବାଦ ଉପରେ ଧ୍ୟାନ ଦେବା ଜରୁରୀ। ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିବା, ହର୍ମୁଜ ପ୍ରଣାଳୀ ବନ୍ଦ ରହିବା ଯୋଗୁ ସାମୁଦ୍ରିକ ପରିବହନ ଓ ଶକ୍ତି ଭିତ୍ତିଭୂମି ପ୍ରତି ବିପଦ ରହିଛି। ଏହା ଦୁର୍ବଳ ସୁରକ୍ଷାଗତ ପରିବେଶକୁ ସୂଚିତ କରୁଛି। ଲେବାନନ୍, ସିରିୟା, ସୁଦାନ, ୟେମେନ୍ ଓ ଲିବ୍ୟା ପରି ଦେଶରେ ଅସ୍ଥିରତା ଲାଗି ରହିଛି। ଲେବାନନ୍ ଓ ସିରିୟାରେ ନିରନ୍ତର ଆହ୍ୱାନପୂର୍ଣ୍ଣ ସ୍ଥିତି ଲାଗି ରହିଛି। ସୁଦାନର ସଂଘର୍ଷ ଲୋକଙ୍କ ପାଇଁ ପ୍ରତିକୂଳ ପରିବେଶ ସୃଷ୍ଟି କରୁଛି। ୟେମେନରେ ମାନବିକ ସଙ୍କଟ ଓ ସାମୁଦ୍ରିକ ବିପଦ ରହିଛି। ଲିବ୍ୟାରେ ସ୍ଥିରତା ବିପଦରେ ରହିଛି। ଜୟଶଙ୍କର କହିଛନ୍ତି ଯେ, ଏହି ସଙ୍କଟ ପାଇଁ ଏକ ନିରନ୍ତର ଅନ୍ତର୍ଜାତୀୟ ସହଯୋଗ ଏବଂ କୂଟନୈତିକ ସମ୍ପର୍କ ଆବଶ୍ୟକ। ବିଦେଶ ମନ୍ତ୍ରୀ ଜୟଶଙ୍କର କହିଥିଲେ ଯେ, ଏହା ମିଳିତ ଭାବେ ଦର୍ଶାଉଛି ଯେ, ସ୍ଥିରତା ଚୟନଯୋଗ୍ୟ ହୋଇପାରିବ ନାହିଁ। ଶାନ୍ତି ଖଣ୍ଡ ଖଣ୍ଡ ହୋଇପାରିବ ନାହିଁ। ଅନ୍ତର୍ଜାତୀୟ ଆଇନକୁ ବଜାୟ ରଖିବା, ନାଗରିକମାନଙ୍କୁ ସୁରକ୍ଷା ଦେବା ଓ ସାର୍ବଜନୀନ ଭିତ୍ତିଭୂମିକୁ ଟାର୍ଗେଟ କରିବାରୁ ଏଡାଇବା ଅତ୍ୟନ୍ତ ଜରୁରୀ। ଭାରତ ଉତ୍ତେଜନା ହ୍ରାସ ପ୍ରୟାସରେ ଗଠନମୂଳକ ଭାବରେ ଯୋଗଦାନ ଦେବାକୁ ଓ ସ୍ଥିରତା ଫେରାଇ ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପଦକ୍ଷେପକୁ ସମର୍ଥନ କରିବାକୁ ପ୍ରସ୍ତୁତ ଅଛି ବୋଲି ଜୟଶଙ୍କର କହିଛନ୍ତି।

## ବିଦେଶକୁ ହେବନି ଚିନି ରପ୍ତାନି, ରୋକ୍ ଲଗାଇଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ,୧୪।୫ : ଦେଶରେ ଚିନି ସଙ୍କଟ । ବିଦେଶକୁ ହେବନି ଚିନି ରପ୍ତାନି । ଚିନି ରପ୍ତାନି ଉପରେ ରୋକ୍ ଲଗାଇଲେ କେନ୍ଦ୍ର ସରକାର । ଦେଶରେ ଚିନିର ଅଭାବ ଦୂର କରିବା ଓ ଦରବୃଦ୍ଧିକୁ ରୋକିବା ପାଇଁ କେନ୍ଦ୍ର ସରକାର ଚିନି ରପ୍ତାନି ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଛନ୍ତି । ଡିଜିଏଫଟି ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ଏହି କଟକଣା ୩୦ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ଯାଏଁ ବଳବତ୍ତର ରହିବ। ଗତବର୍ଷ ଚିନି ଉତ୍ପାଦନ କମ୍ ହୋଇଛି । ୨୦୨୫-୨୬ ସିଜିନରେ ଚିନି ଉତ୍ପାଦନ ପ୍ରାୟ ୨୭୫ ଲକ୍ଷ ଟନ୍ ହେବାର ଅନୁମାନ କରାଯାଉଛି । ଯାହାକି ଦେଶର ଚାହିଦା ୨୮୦ଲକ୍ଷ ଟନ୍ ତୁଳନାରେ କମ୍ । ଚଳିତବର୍ଷ ମୌସୁମୀ ବର୍ଷା କମ ହେବା ସହ ସାର ଅଭାବର ଆଶଙ୍କା ରହିଛି । ଫଳରେ ଆଖୁ ଚାଷ ମଧ୍ୟ ପ୍ରଭାବିତ ହୋଇପାରେ । ସାଧାରଣ ଉପଭୋକ୍ତାଙ୍କୁ ଶସ୍ତାରେ ଚିନି ଯୋଗାଇବା ଓ ବଜାରରେ ଚିନିର ସ୍ଥିରତା ବଜାୟ ରଖିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ସବୁ ଦିଗକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ବିଦେଶକୁ ଚିନି ରପ୍ତାନି ଉପରେ ରୋକ ଲଗାଇଛନ୍ତି । ଭାରତ ବିଶ୍ୱର ଅନ୍ୟତମ ବଡ଼ ରପ୍ତାନିକାରୀ ବଜାର । ଏହି ନିଷ୍ପତ୍ତି ପରେ ନ୍ୟୁୟର୍କ ଓ ଲଣ୍ଡନ ବଜାରରେ ଚିନି ଦର ୨ରୁ ୩ ପ୍ରତିଶତ ବୃଦ୍ଧି ପାଇଛି ।

## ପଶ୍ଚିମବଙ୍ଗ ସବୁ ସ୍କୁଲରେ ଗାନ ହେବ 'ବନ୍ଦେ ମାତରମ୍'

ନୂଆଦିଲ୍ଲୀ,୧୪।୫: ପଶ୍ଚିମବଙ୍ଗର ନୂଆ ସରକାର ଲଗାତାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉଛନ୍ତି। ଏବେ, ରାଜ୍ୟର ସ୍କୁଲଗୁଡ଼ିକୁ ପ୍ରତିଦିନ ସକାଳେ ଶ୍ରେଣୀ ଆରମ୍ଭ ହେବା ପୂର୍ବରୁ 'ବନ୍ଦେ ମାତରମ୍' ଗାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ ଶିକ୍ଷା ବିଭାଗ ଦ୍ୱାରା ସ୍କୁଲ ମୁଖ୍ୟମାନଙ୍କୁ ଜାରି କରାଯାଇଥିବା ଏକ ନୋଟିସ୍‌ରେ କୁହାଯାଇଛି, ଶ୍ରେଣୀ ଆରମ୍ଭ ହେବା ପୂର୍ବରୁ ସକାଳ ପ୍ରାର୍ଥନା ସମୟରେ ବନ୍ଦେ ମାତରମ୍ ଗାନ କରିବା ବାଧ୍ୟତାମୂଳକ କରାଯିବା ଉଚିତ ଯାହା ଦ୍ୱାରା ରାଜ୍ୟର ସମସ୍ତ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ବନ୍ଦେ ମାତରମ୍ ଗାନ କରିପାରିବେ। ଶୁକ୍ରବାର ଠାରୁ ତୁରନ୍ତ କାର୍ଯ୍ୟକାରୀ ପାଇଁ ନୋଟିସ୍ ଜାରି କରାଯାଇଛି। ପୂର୍ବ ସରକାର ରାଜ୍ୟ ସ୍କୁଲଗୁଡ଼ିକରେ ସକାଳ ସଭା ସମୟରେ ରାଜ୍ୟ ଗୀତ, ବାଙ୍ଗଲାର ମାଟି ବାଙ୍ଗଲାର ଜଳକୁ ବାଧ୍ୟତାମୂଳକ କରିଥିଲେ। ତେବେ ନୂତନ ଆଦେଶ ସ୍କୁଲ ମୁଖ୍ୟମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଛି।

## ସରକାରୀ କର୍ମଚାରୀ ଏବଂ ଶିକ୍ଷକଙ୍କ ପାଇଁ ମହଙ୍ଗା ଭତ୍ତା ୨% ବୃଦ୍ଧି କଲେ ତାମିଲନାଡୁ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୧୪।୫ : ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଜୋସେଫ ବିଜୟ ସରକାରୀ କର୍ମଚାରୀ ଏବଂ ଶିକ୍ଷକଙ୍କ ପାଇଁ ମହଙ୍ଗା ଭତ୍ତା (ଡିଏ) ରେ ୨ ପ୍ରତିଶତ ବୃଦ୍ଧି ଘୋଷଣା କରିଛନ୍ତି। ଏକ ସରକାରୀ ବିଜ୍ଞପ୍ତି ଅନୁଯାୟୀ, ନୂତନ ଡିଏ ୧ ଜାନୁଆରୀ, ୨୦୨୬ ରୁ କାର୍ଯ୍ୟକାରୀ ହେବ। ସଦ୍ୟତମ ସଂଶୋଧନ ସହିତ, ଭତ୍ତା ୫୮ ପ୍ରତିଶତରୁ ୬୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଡିଏ ବୃଦ୍ଧି ଫଳରେ ରାଜ୍ୟ ସରକାରଙ୍କ ପାଇଁ ବାର୍ଷିକ ୧,୨୩୦ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହେବ। "ତାମିଲନାଡୁର ମାନ୍ୟବର ମୁଖ୍ୟମନ୍ତ୍ରୀ ଯୋଶେଫ ବିଜୟ ଘୋଷଣା କରିଛନ୍ତି ଯେ ସରକାରୀ ଅଧିକାରୀ ଏବଂ ଶିକ୍ଷକଙ୍କ ପାଇଁ ବର୍ତ୍ତମାନ ୫୮ ପ୍ରତିଶତ ମହଙ୍ଗା ଭତ୍ତା, ୦୧.୦୧.୨୦୨୬ ରୁ ୬୦ ପ୍ରତିଶତକୁ ବୃଦ୍ଧି କରାଯିବ।

## ଏୟାର ଇଣ୍ଡିଆର ୨୬,୮୦୦ କୋଟି କ୍ଷତି

ମୁମ୍ବାଇ,୧୪।୫: ଟାଟା ଗ୍ରୁପ୍ ଅଧୀନରେ ପରିଚାଳିତ ହେଉଥିବା ଏୟାର ଇଣ୍ଡିଆ ୨୦୨୫-୨୬ ଆର୍ଥିକ ବର୍ଷରେ ରେକର୍ଡ ୨୬,୮୦୦ କୋଟି ଟଙ୍କା (୨୮୦ କୋଟି ଡଲାର)ର କ୍ଷତି ସହିଛି। ୨୦୨୨ରେ ସରକାରଙ୍କଠାରୁ କମ୍ପାନିକୁ ଅଧିଗ୍ରହଣ କରିବା ପରଠାରୁ ଏହା ହେଉଛି ଏୟାର ଇଣ୍ଡିଆର ସର୍ବାଧିକ କ୍ଷତି। ଏହି ବର୍ଷ ଗୁଜରାଟର ଅହମଦାବାଦରେ କମ୍ପାନିର ଏକ ବିମାନ ମର୍ମନ୍ତୁଦ ଦୁର୍ଘଟଣାର ଶିକାର ହୋଇଥିଲା। ଟାଟା ଗ୍ରୁପର ଅନ୍ୟତମ ସହଯୋଗୀ ସିଙ୍ଗାପୁର ଏୟାରଲାଇନ୍ସ ପ୍ରକାଶ କରିଥିବା ଆର୍ଥିକ ଫଳାଫଳରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଟାଟା ଓ ସିଙ୍ଗାପୁର ଏୟାରଲାଇନ୍ସ ମିଳିତ ଭାବେ ଏୟାର ଇଣ୍ଡିଆର ଦେଖାଶୁଣା କରୁଛନ୍ତି। ୨୦୨୨ରେ କେନ୍ଦ୍ର ସରକାରଙ୍କଠାରୁ ୧୮ ହଜାର କୋଟି ଟଙ୍କାରେ ଏୟାର ଇଣ୍ଡିଆକୁ ଟାଟା ଗ୍ରୁପ୍ କିଣିଥିଲା। ସେହି ସମୟରେ କମ୍ପାନି ପାଖରେ ଯୌଥ ଉଦ୍ୟୋଗ ଭାବେ ଦୁଇଟି ଅନ୍ୟ ଏୟାରଲାଇନ୍ ଏୟାର ଏସିଆ ଇଣ୍ଡିଆ ଓ ଭିସ୍ତାରା ରହିଥିଲା। ମାଲେସିଆର ଏୟାର ଏସିଆ ସହ ମିଶି ଟାଟା ଗ୍ରୁପ୍ ଏୟାର ଏସିଆ ଇଣ୍ଡିଆ ଓ ସିଙ୍ଗାପୁର ଏୟାରଲାଇନ୍ସ ସହ ମିଶି ଭିସ୍ତାରାର ପରିଚାଳନା କରୁଥିଲା। ଏୟାର ଏସିଆ ଇଣ୍ଡିଆରୁ ଏୟାର ଏସିଆ ଓହରିଯିବା ପରେ ତାହା ସମ୍ପୂର୍ଣ୍ଣ ରୂପେ ଟାଟା ମାଲିକାନାକୁ ଚାଲିଆସିଥିଲା।

## ପାକ୍‌କୁ ପ୍ରତିରକ୍ଷା ମନ୍ତ୍ରୀଙ୍କ କଡ଼ା ଚେତାବନୀ

## ଭାରତକୁ ଆଖି ଉଠାଇ ଚାହିଁଲେ ସର୍ବନାଶ ହେବ



ନୂଆଦିଲ୍ଲୀ,୧୪।୫: ଗୁରୁବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ରାଜସ୍ଥାନର ନାଗୌର ଅନ୍ତର୍ଗତ ମେର୍ଟା ସହରରେ ରାଜପୁତ ଶାସକ ରାଓ ଡୁଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ଏକ ସାଧାରଣ ସଭାକୁ ସମ୍ବୋଧିତ କରିବା ଅବସରରେ ପଡ଼ୋଶୀ ପାକିସ୍ତାନକୁ ଅତ୍ୟନ୍ତ କଠୋର ଭାଷାରେ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ପାକିସ୍ତାନ ପୁଣି ଥରେ ଭାରତ ଉପରେ ଖରାପ ନଜର ପକାଇବାକୁ ସାହସ କରେ, ତେବେ ତାକୁ ଏପରି ପରିଣତି ଭୋଗିବାକୁ ପଡ଼ିବ ଯାହା ପୂର୍ବରୁ କେବେ ଘଟିନାହିଁ। ଭାରତ ଆଉ ନୀରବରେ କଷ୍ଟ ସହିବାକୁ ପ୍ରସ୍ତୁତ ନୁହେଁ। ରାଜନାଥ ସିଂହ ନିଜ ଅଭିଭାଷଣରେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ମନେ ପକାଇ କହିଥିଲେ ଯେ, ଆତଙ୍କବାଦୀମାନେ ନିରୀହ ଲୋକଙ୍କୁ ସେମାନଙ୍କ ଧର୍ମ ପଚାରି ହତ୍ୟା କରିଥିଲେ। ମାତ୍ର ଭାରତୀୟ ସଂସ୍କୃତି ଜାତି ବା ଧର୍ମ ଆଧାରରେ ବିଭାଜନ ଶିଖାଏ ନାହିଁ। ଭାରତ ସବୁବେଳେ ନ୍ୟାୟ ଓ ମାନବିକତାରେ ବିଶ୍ୱାସ କରେ, କିନ୍ତୁ ଆତଙ୍କବାଦୀଙ୍କ ଏହି ବର୍ବର କାଣ୍ଡ ପାଇଁ ଭାରତ ଏପରି ଶକ୍ତିଶାଳୀ ଜବାବ ଦେଇଛି ଯେ ଶତ୍ରୁ ସ୍ତବ୍ଧ ହୋଇଯାଇଛି। ସେ ସ୍ପଷ୍ଟ କରିଛନ୍ତି ଯେ, ଯଦି କେହି ଭାରତୀୟ ନାଗରିକଙ୍କ ଉପରେ ଆକ୍ରମଣ କରେ, ତେବେ ସେନା ସେମାନଙ୍କ ଘରେ ପଶି ପ୍ରତିଶୋଧ ନେବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତର ସୁରକ୍ଷା ନୀତିରେ ଐତିହାସିକ ପରିବର୍ତ୍ତନ ହୋଇଛି ଏବଂ ଦେଶ କୌଣସି ପରିସ୍ଥିତିରେ ଆତଙ୍କବାଦକୁ ପ୍ରଶ୍ରୟ ଦେବ ନାହିଁ।

## ଓକିଲ ପୋଷାକ ପିନ୍ଧି ହାଇକୋର୍ଟ ପହଞ୍ଚିଲେ ମମତା

### ସାର୍ଟିଫିକେଟ୍ ଦେଖାଅ: ବାର୍ କାଉନସିଲ




ନୂଆଦିଲ୍ଲୀ,୧୪।୫: ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଗୁରୁବାର କୋଲକାତା ହାଇକୋର୍ଟରେ ଓକିଲଙ୍କ ପୋଷାକରେ ଦେଖିବାକୁ ମିଳିଥିଲା। ବିଧାନସଭା ନିର୍ବାଚନ ପରବର୍ତ୍ତୀ ହିଂସା ମାମଲାରେ ଯୁକ୍ତି ଉପସ୍ଥାପନ କରିବାକୁ କୋଲକାତା ହାଇକୋର୍ଟରେ ପହଞ୍ଚିଥିଲେ ମମତା । ନିର୍ବାଚନ ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଅଶାନ୍ତି ଦେଖା ଦେଇଥିବା ଅଭିଯୋଗକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା । ଏହି ମାମଲାରେ ମମତା ବାନାର୍ଜୀ ଯୁକ୍ତି ଉପସ୍ଥାପନା କରିବାକୁ କୋର୍ଟରେ ପହଞ୍ଚିଥିଲେ। ଏବେ ଏହାକୁ ନେଇ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ଗୁରୁବାର ପଶ୍ଚିମବଙ୍ଗର ବାର କାଉନସିଲ୍ ୪୮ ଘଣ୍ଟା ଭିତରେ ଏକ ବିସ୍ତୃତ ରିପୋର୍ଟ ପଠାଇବାକୁ କହିଛି। ଯେଉଁଥିରେ ମମତା ବାନାର୍ଜୀଙ୍କ ପଞ୍ଜିକରଣ ଓ ପେଶାଗତ ଓକିଲ ଭାବରେ ତାଙ୍କ ସ୍ଥିତି ସମ୍ପର୍କରେ ସୂଚନା ଦେବାକୁ କହିଛି। ପ୍ରଚଳିତ ପ୍ରଥା ଅନୁସାରେ, କୌଣସି ବ୍ୟକ୍ତି ଯିଏ ସମ୍ବିଧାନିକ କିମ୍ବା ଲାଭକାରୀ ପଦରେ ଅଛନ୍ତି, ତାଙ୍କୁ ନିଜର ବାର ଲାଇସେନ୍ସ ସେବା ବେଳେ କ୍ୟାନସେଲ୍ କରିବାକୁ ପଡିଥାଏ। ପରେ ଓକିଲାତି କରିବା ପାଇଁ ଏହାକୁ ପୁଣିଥରେ ସକ୍ରିୟ କରିବାକୁ ହେବ।

## ହର୍ମୁଜ୍ ନିକଟରେ ଭାରତୀୟ ଜାହାଜ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ

ନୂଆଦିଲ୍ଲୀ,୧୪।୫: ବୁଧବାର ଦିନ ଓମାନ ଉପକୂଳରେ ଏକ ଭାରତୀୟ ପତାକା ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ଭାରତ କଡ଼ା ନିନ୍ଦା କରିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଗୁରୁବାର ଏକ ବିବୃତି ଜାରି କରି କହିଛି ଯେ ଏପରି ଆକ୍ରମଣକୁ ସହ୍ୟ କରାଯାଇପାରିବ ନାହିଁ। ଏହା ଅସ୍ୱୀକାର୍ଯ୍ୟ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସରକାରୀ ବିବୃତୀ ଅନୁଯାୟୀ, ବୁଧବାର ଦିନ ଓମାନ ଉପକୂଳରେ ଏକ ଭାରତୀୟ ପତାକା ଜାହାଜ ଉପରେ ହୋଇଥିବା ଆକ୍ରମଣ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ଆମେ ବାଣିଜ୍ୟିକ ଜାହାଜ ଏବଂ ସାଧାରଣ ନାବିକମାନଙ୍କୁ ଲଗାତାର ଟାର୍ଗେଟ କରାଯାଉଥିବା ଘଟଣାର ନିନ୍ଦା କରୁଛୁ। ବୈଦେଶିକ ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୟସ୍ୱାଲ ସମସ୍ତ ଭାରତୀୟ କ୍ରୁ ସଦସ୍ୟ ସୁରକ୍ଷିତଥିବା ନିଶ୍ଚିତ କରି ଓମାନ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି।

## ବାଣ କାରଖାନାରେ ବିସ୍ଫୋରଣ: ୧୫ ମୃତ

ମଧ୍ୟପ୍ରଦେଶ,୧୪।୫ : ଦେୱାସର ଏବି ରୋଡ ସ୍ଥିତ ଟୋଙ୍କକଲାରେ ଥିବା ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ । ବିସ୍ଫୋରଣ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ବିସ୍ଫୋରଣରେ ଆଖପାଖର ଘର ସବୁ ଦୋହଲିଯାଇଥିଲା । କାରଖାନାରେ କାମ କରୁଥିବା ଶ୍ରମିକଙ୍କ ଅବସ୍ଥା ଗୁରୁତର ରହିଛି । ବିସ୍ଫୋରଣରେ ୧୫ ଜଣଙ୍କ ଜୀବନ ଯାଇଥିବା କୁହାଯାଉଛି । ଏହି ସଂଖ୍ୟା ଆଗକୁ ବଢିପାରେ । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ବିସ୍ଫୋରଣ ପରେ ଶ୍ରମିକଙ୍କ ଶରୀରର ଅଂଶ ରାସ୍ତାରେ ବିଛାଡି ପଡିଥିଲା । ଘଟଣା ପରେ ସ୍ଥଳରେ ଲୋକଙ୍କ ଚିତ୍କାର ଶୁଣାଯାଇଥିଲା । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ, କାରଖାନାରେ ଖୋଲାରେ ବାରୁଦ ରଖି ବାଣ ତିଆରି କରାଯାଉଥିଲା । ସୁରକ୍ଷାକୁ ଧ୍ୟାନ ଦିଆଯାଉନଥିଲା । ଅନେକ ଥର ଅଭିଯୋଗ କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଉନଥିଲା । ତେବେ ଘଟଣା ପରେ ଗ୍ରାମବାସୀଙ୍କ ଆକ୍ରୋଶ ଦେଖିବାକୁ ମିଳିଥିଲା । ଲୋକମାନେ କାରଖାନାର ମାଲିକଙ୍କ ଉପରେ ଅଭିଯୋଗ ଆଣିଥିଲେ । ଘଟଣା ପରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଶୋକ ପ୍ରକାଶ କରିଛନ୍ତି । ଚିକିତ୍ସା ମାଗଣା କରାଯିବ ବୋଲି କହିଛନ୍ତି ।

## ମହାସଙ୍କଟରେ କ୍ୟୁବା ସରିଗଲା ଇନ୍ଧନ, ଦୈନିକ ୨୦ ଘଣ୍ଟା ବିଦ୍ୟୁତ୍ କାଟ



ନୂଆଦିଲ୍ଲୀ,୧୪।୫ : କାରିବିଆନ୍ ରାଷ୍ଟ୍ର କ୍ୟୁବା ବର୍ତ୍ତମାନ ତାର ଇତିହାସର ସବୁଠାରୁ ଭୟଙ୍କର ଶକ୍ତି ସଙ୍କଟ ଦେଇ ଗତି କରୁଛି। ଦେଶରେ ଡିଜେଲ ଓ ଇନ୍ଧନ ତେଲ ସମ୍ପୂର୍ଣ୍ଣ ଭାବେ ସରିଯାଇଥିବା ନେଇ ଶକ୍ତି ମନ୍ତ୍ରୀ 'ଭିସେଣ୍ଟେ ଡେ ଲା ଓ' ସୂଚନା ଦେଇଛନ୍ତି। ଏହି କାରଣରୁ ରାଜଧାନୀ ହାଭାନା ସମେତ ସାରା ଦେଶରେ ଦିନକୁ ୨୦ରୁ ୨୨ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭ୍ରାଟ ଜାରି ରହିଛି। ବିଦ୍ୟୁତ୍ ଅଭାବରୁ ଖାଦ୍ୟ, ଔଷଧ, ପାଣି ଓ ପରିବହନ ଭଳି ଅତ୍ୟାବଶ୍ୟକ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଥିବା ବେଳେ ପ୍ରାୟ ୧୦ ନିୟୁତ ଲୋକ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଦେଶର ବିଦ୍ୟୁତ୍ ଗ୍ରୀଡ୍ କେବଳ ସ୍ଥାନୀୟ ଅଶୋଧିତ ତୈଳ ଏବଂ ନବୀକରଣୀୟ ଶକ୍ତି ଉପରେ ନିର୍ଭର କରି ଚାଲୁଛି। ଶକ୍ତି ମନ୍ତ୍ରୀଙ୍କ ଅନୁଯାୟୀ, ଆମେରିକା-ଇସ୍ରାଏଲ ଓ ଇରାନ ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ତୈଳ ଦର ଓ ପରିବହନ ଖର୍ଚ୍ଚ ବୃଦ୍ଧି ପାଇବା ଏହି ସଙ୍କଟକୁ ଆହୁରି ଜଟିଳ କରିଛି।

## ଦିଲ୍ଲୀରେ ପ୍ରତି ସପ୍ତାହରେ ୨ଦିନ 'ୱାର୍କ ଫ୍ରମ୍ ହୋମ୍' ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୪।୫ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପେଟ୍ରୋଲ-ଡିଜେଲ ସଞ୍ଚୟ ଓ ୱାର୍କ ଫ୍ରମ୍ ହୋମର ଆହ୍ୱାନ ପରେ , ଦିଲ୍ଲୀ ସରକାର ବଡ଼ ଘୋଷଣା କରିଛନ୍ତି। ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ଯେ, ସରକାରୀ ଅଫିସ ଗୁଡ଼ିକରେ ଦୁଇ ଦିନ ୱାର୍କ ଫ୍ରମ୍ ହୋମ ରହିବ। ସେ ଘରୋଇ କମ୍ପାନୀ ଗୁଡ଼ିକରୁ ମଧ୍ୟ ଏହାକୁ ଲାଗୁ କରିବାକୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ଯେ, ପେଟ୍ରୋଲ ଓ ଡିଜେଲର ସଞ୍ଚୟ ପାଇଁ ସରକାରୀ ସ୍ତରରେ ପ୍ରତ୍ୟେକ ସପ୍ତାହରେ ଦୁଇ ଦିନ ୱାର୍କଫ୍ରମ୍ ହୋମ୍ ରହିବ। ଅନ୍ୟପଟେ, ଘରୋଇ କମ୍ପାନୀ ଗୁଡ଼ିକୁ ମଧ୍ୟ ଦୁଇ ଦିନ ୱାର୍କ ଫ୍ରମ୍ ହୋମ୍ କରାଯିବାକୁ କୁହାଯିବ। ୱାକ ଫର୍ମ ହୋମ ଦିନ ଗୁଡ଼ିକରେ ୧୦୦ ପ୍ରତିଶତ କର୍ମଚାରୀ ଘରୁ ନିଜର କାମ କରିବେ। ହେଲେ ଜରୁରୀକାଳୀନ ଓ ଆବଶ୍ୟକ ସେବାର ବିଭାଗ ଗୁଡ଼ିକୁ ଏଥିରୁ ଅଲଗା ରଖାଯିବ। ସିଏମ୍ ଓ ମନ୍ତ୍ରୀଙ୍କ ଗାଡ଼ି ସଂଖ୍ୟାରେ କରାଯାଇ ଥିବା ହ୍ରାସର ଉଲ୍ଲେଖ କରି ରେଖା ଗୁପ୍ତା ସାର୍ବଜନିକ ପରିବହନର ଅଧିକ ବ୍ୟବହାର କରାଯିବା ନେଇ କହିଛନ୍ତି। ଅଧିକାରୀଙ୍କ ପେଟ୍ରୋଲରେ ୨୦ ପ୍ରତିଶତର ହ୍ରାସ କରାଯାଇଛି। ଏହା ବ୍ୟତୀତ ପ୍ରତ୍ୟେକ ସୋମବାର 'ମଣ୍ଡେ ମେଟ୍ରୋ' ଡେ ରହିବ ଏବଂ ମନ୍ତ୍ରୀ ଓ ଅଧିକାରୀ ଅଧିକରୁ ଅଧିକ ସଂଖ୍ୟାରେ ଏହାର ବ୍ୟବହାର କରିବେ। ଅଫିସ ଗୁଡ଼ିକର ସମୟରେ ପରିବର୍ତ୍ତନ କରାଯାଇଛି। ଦିଲ୍ଲୀ ସରକାରଙ୍କ କାର୍ଯ୍ୟାଳୟର ସମୟ ୧୦ରୁ ୬.୩୦ଟା ଯାଏ କାମ କରିବ। ନିଗମର ଅଫିସ ସକାଳ ୮.୩୦ ରୁ ସନ୍ଧ୍ୟା ୫.୩୦ଟା ଯାଏ ଚାଲିବ। ଦିଲ୍ଲୀରେ ଲୋକଙ୍କୁ ଅନୁରୋଧ ଯେ, ନୋ ଭେଇକଲ ଡେ ପାଳିବେ। ସରକାର ଆଗାମୀ ୬ ମାସ ଯାଏ କୌଣସି ଗାଡ଼ି କ୍ରୟ କରିବେ ନାହିଁ। ୧ରୁ ୮ ଗ୍ରେଡ୍ ଯାଏ କର୍ମଚାରୀଙ୍କୁ ସରକାରଙ୍କ ଠାରୁ ୧୦ପ୍ରତିଶତ ଅତିରିକ୍ତ ଭତ୍ତା ଦିଆଯିବ , ଯଦି ୨୫ ପ୍ରତିଶତ ଭତ୍ତାର ଖର୍ଚ୍ଚ ସାର୍ବଜନିକ ପରିବହନ ଉପରେ କରିବେ। ୨୯ କଲୋନୀରେ ୫୮ଟି ବସ୍ ଲାଗିବ ,ଯାହା ସରକାରୀ କର୍ମଚାରୀଙ୍କୁ ତାଙ୍କ ଘରୁ ମେଟ୍ରୋ ଷ୍ଟେସନ ଯାଏ ପହଞ୍ଚାଇବାର କାମ କରିବ। ୫୦ ପ୍ରତିଶତ ବୈଠକ ଅନଲାଇନ କରାଯିବ , ବିଶ୍ୱବିଦ୍ୟାଳୟ ଓ କଲେଜରୁ ମଧ୍ୟ ଅନଲାଇନ ମୋଡ୍ ରେ ପଢାଇବାକୁ ଅନୁରୋଧ କରାଯିବ। କୋର୍ଟଙ୍କୁ ମଧ୍ୟ ଅନଲାଇନ ମାଧ୍ୟମରେ ଶୁଣାଣିର ଅପିଲ କରାଯାଇଛି।

## ତ୍ରିପୁରା ସରକାରଙ୍କ ବଡ଼ ନିଷ୍ପତ୍ତି

## ୫୦% କର୍ମଚାରୀ କରିବେ 'ୱାର୍କ ଫ୍ରମ୍ ହୋମ୍'

ଅଗରତାଲା,୧୪।୫: ବିଶ୍ୱବ୍ୟାପୀ ଦେଖାଦେଇଥିବା ଇନ୍ଧନ ସଙ୍କଟ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ପରେ ବିଭିନ୍ନ ରାଜ୍ୟ ସରକାର ଇନ୍ଧନ ସଂରକ୍ଷଣ ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଥିବା ବେଳେ ତ୍ରିପୁରା ସରକାର ଏହି ଦିଗରେ ପ୍ରଥମ ବଡ଼ ନିଷ୍ପତ୍ତି ନେଇ ୫୦ ପ୍ରତିଶତ ଗ୍ରୁପ୍-ସି ଓ ଗ୍ରୁପ୍-ଡି କର୍ମଚାରୀଙ୍କ ପାଇଁ ଘରୁ କାମ (ୱାର୍କ ଫ୍ରମ୍ ହୋମ୍) କରିବା ନିୟମ ଲାଗୁ କରିଛନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମେ' ୧୩, ୨୦୨୬ରେ ଜାରି କରାଯାଇଥିବା ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ସରକାରୀ ଖର୍ଚ୍ଚ କାଟ୍ ଓ ଇନ୍ଧନ ସଂରକ୍ଷଣ ପାଇଁ ଗ୍ରୁପ୍-ସି ଓ ଗ୍ରୁପ୍-ଡି ଶ୍ରେଣୀର ମାତ୍ର ୫୦ ପ୍ରତିଶତ କର୍ମଚାରୀ ଦୈନିକ ଅଫିସ ଆସିବେ। ଅବଶିଷ୍ଟ କର୍ମଚାରୀମାନେ ଘରୁ ରହି କାର୍ଯ୍ୟ କରିବେ। ଏଥିପାଇଁ ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କୁ ସାପ୍ତାହିକ ଡ୍ୟୁଟି ରୋଷ୍ଟର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ ଅଫିସ ନିକଟରେ ରହୁଥିବା କର୍ମଚାରୀଙ୍କୁ ପ୍ରଥମ ସପ୍ତାହରେ ପ୍ରାଥମିକତା ଦିଆଯିବ। ସେହିପରି, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଉତ୍ତର ପ୍ରଦେଶରେ ଏହି ନିଷ୍ପତ୍ତିକୁ ପ୍ରାଥମିକତା ଦେବାକୁ ଅନୁରୋଧ କରିବା ସହ ମନ୍ତ୍ରୀ ଓ ଅଧିକାରୀଙ୍କ କାଫିଲାରେ ଗାଡ଼ି ସଂଖ୍ୟା ୫୦ ପ୍ରତିଶତ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତରାଖଣ୍ଡର ଧାମି ସରକାର ମଧ୍ୟ ଘରୋଇ କ୍ଷେତ୍ରରେ ''ୱର୍କ ଫ୍ରମ୍ ହୋମ୍'' କାର୍ଯ୍ୟକାରୀ କରିବା ଏବଂ ସରକାରୀ ବିଭାଗରେ ଭିଡିଓ କନଫରେନ୍ସିଂକୁ ପ୍ରୋତ୍ସାହିତ କରିବା ବିଷୟରେ ବିଚାର କରୁଛନ୍ତି।

### ନିରାକାରପୁର ପୋଲିସର ବଡ଼ କାର୍ଯ୍ୟାନୁଷ୍ଠାନ
## ୬ ଜଣ ୱାରେଣ୍ଟି ଗିରଫ, କୋର୍ଟ ଚାଲାଣ



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ପୋଲିସକୁ ଆଜି ଏକ ସଫଳତା ମିଳିଛି। ବିଭିନ୍ନ ଅପରାଧିକ ମାମଲାରେ ସଂପୃକ୍ତ ଥାଇ ଦୀର୍ଘ ଦିନ ଧରି ଫରାର ଥିବା ୬ ଜଣ ୱାରେଣ୍ଟିଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଛି। ସୂଚନା ଅନୁଯାୟୀ, ନିରାକାରପୁର ଥାନା ଅଧୀନରେ ଥିବା ବିଭିନ୍ନ ପୁରୁଣା ମାମଲାରେ ଏହି ବ୍ୟକ୍ତିମାନଙ୍କ ବିରୋଧରେ କୋର୍ଟଙ୍କ ପକ୍ଷରୁ ୱାରେଣ୍ଟ ଜାରି କରାଯାଇଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ୬ ଜଣ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଆଜି ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହେପାଜତରେ ନିଆଯାଇ କୋର୍ଟ ଚାଲାଣ କରାଯାଇଛି। ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଅପରାଧୀଙ୍କ ମନରେ ଭୟ ସୃଷ୍ଟି କରିବା ପାଇଁ ପୋଲିସ ପକ୍ଷରୁ ଏଭଳି କଠୋର ପଦକ୍ଷେପ ନିଆଯାଉଛି ବୋଲି ସୂଚନା ମିଳିଛି। ପୋଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।

# ୫୨ ଲକ୍ଷ ଟଙ୍କା ହଡ଼ପ: କଟକ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ କର୍ମଚାରୀ ଗିରଫ

କଟକ(ନିପ୍ର): ଜାଲ ଶିକ୍ଷକଙ୍କ ଦରମା ବାବଦକୁ ପ୍ରାୟ ୫୨ଲକ୍ଷ ଟଙ୍କା ହଡ଼ପ ମାମଲାରେ କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ (ଡିଇଓ)ର ତତ୍କାଳୀନ ଜନୈକ କର୍ମଚାରୀ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ହାତରେ ଧରାପଡ଼ି ଗିରଫ ହୋଇଛନ୍ତି । ଗିରଫ ଅଭିଯୁକ୍ତ ଅଧୁନା ବାରଙ୍ଗ ନରାଜ ସିଦ୍ଧେଶ୍ୱର ବିଦ୍ୟାମନ୍ଦିରର ସୁବାଷ ଚନ୍ଦ୍ର ସାହୁ। ଭିଜିଲାନ୍ସ ପ୍ରଦତ୍ତ ସୂଚନାନୁସାରେ, ବିଭାଗର ଏଚ୍ଆରଏମ୍ଏସ୍ (ହ୍ୟୁମାନ୍ ରିସୋର୍ସ ମ୍ୟାନେଜ୍‌ମେଣ୍ଟ୍ ସିଷ୍ଟମ୍) ପୋର୍ଟାଲ୍‌ରେ ହେରଫେର କରି କେତେକ ଅଣକର୍ମଚାରୀଙ୍କୁ କର୍ମଚାରୀ ଭାବେ ଯୋଡ଼ି ସେମାନଙ୍କୁ ଦରମା ପ୍ରଦାନ କରାଯାଇଥିଲା। ଏନେଇ ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରେ, ୩୧ ଡିସେମ୍ବର ୨୦୧୮ରୁ ୧୬ ଅକ୍ଟୋବର ୨୦୨୧ ମଧ୍ୟରେ କର୍ମଚାରୀଙ୍କୁ ଦିଆଯାଇଥିବା ଦରମା ଆଦିରେ ହେରଫେର ହୋଇଥିବା ଜଣାପଡ଼ିଥିଲା। ବାରଙ୍ଗ ନାରାଜ ସିଦ୍ଧେଶ୍ୱର ବିଦ୍ୟାମନ୍ଦିରର ସୁବାସ ଚନ୍ଦ୍ର ସାହୁ କଟକ ଡିଇଓରେ କାର୍ଯ୍ୟ କରିବା ବେଳେ ହିସାବ ବିଭାଗ ସହ ଜଡ଼ିତ ଥିଲେ ଏବଂ ଏଚ୍‌ଆରଏମ୍‌ଏସ୍ ଓ ଆଇଏଫ୍‌ଏମ୍‌ଏସ୍ (ଇଣ୍ଟିଗ୍ରେଟେଡ୍ ଫାଇନାନ୍ସ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍) ସମ୍ଭାଳୁଥିଲେ। ଏହି ସମୟରେ ଡିଡିଓ (ଡ୍ରଇଂ ଆଣ୍ଡ୍ ଡିସବର୍ସିଂ ଅଧିକାରୀ)ଙ୍କ ଆକାଉଣ୍ଟ୍‌କୁ ଅନଧିକାର ପ୍ରବେଶ କରି ୪ଜଣ ଅଣ କର୍ମଚାରୀଙ୍କ ନାମକୁ କର୍ମଚାରୀ ଭାବେ ଯୋଡ଼ିଥିଲେ। ସେମାନଙ୍କ ବ୍ୟାଙ୍କ୍ ଖାତାକୁ ଦରମା ଆଦି ଟଙ୍କା ନିୟମିତ ଭାବେ ଯାଉଥିଲା ଓ ଯେଉଁଦିନ ଟଙ୍କା ଜମା ହେଉଥିଲା ସେହିଦିନ ହିଁ ସେହି ଟଙ୍କା ଉଠାଇ ନିଜ ଖାତାରେ ଭର୍ତ୍ତି କରୁଥିଲେ। ଏହି ଘଟଣାରେ ଭିଜିଲାନ୍ସ ଟିମ୍ ପକ୍ଷରୁ ତନାଘନା କରାଯାଇ ସମସ୍ତ ପ୍ରମାଣ ଯୋଗାଡ଼ କରାଯିବା ପରେ ଦୁର୍ନୀତି ନିବାରଣ ଆଇନର ଧାରାରେ ଏକ ମାମଲା ରୁଜୁ କରି ଗୁରୁବାର ଅଭିଯୁକ୍ତ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ପେସାଦାର ଚୋର ସମେତ ୨ ଗିରଫ: ଚୋରି ଲାପଟପ, ମୋବାଇଲ ଜବତ

କଟକ(ନିପ୍ର): ବିଡାନାସୀ ଥାନା ପୋଲିସ ଜଣେ ପେସାଦାର ଚୋର ସହିତ ଚୋରା ଲାପଟପ କିଣିଥିବା ଜଣେ ବ୍ୟକ୍ତିକୁ ଗିରଫ କରିଛି । ଗିରଫ ଚୋର ଯାଜପୁର ଟାଉନ ଥାନା ଅନ୍ତର୍ଗତ ଦାଣ୍ଡସୁନ୍ଦରପୁରର ମୂଳ ବାସିନ୍ଦା ତଥା ବାଦାମବାଡ଼ି ଥାନା ଅନ୍ତର୍ଗତ ଖାନନଗର ବାରିକ ସାହିରେ ରହୁଥିବା ବାମଦେବ ସାହୁ (୫୩) । ଚୋରି ଲାପଟପ କିଣିଥିବା ଢେଙ୍କାନାଳ ରାଣୋଳ ଥାନା ଅନ୍ତର୍ଗତ ଗଣ୍ଡନାଳୀର ମୂଳ ବାସିନ୍ଦା ତଥା ଖାନନଗର ବାରିକ ସାହିରେ ରହୁଥିବା ଅଜୟ ପ୍ରଧାନ । ମିଳିଥିବା ସୂଚନା ଅନୁଯାୟୀ ଗତ ଏପ୍ରିଲ ୧୭ ତାରିଖ ଅପରାହ୍ନ ୪ଟା ବେଳେ ଧିରେନ କୁମାର ନାଏକ ଓ ତାଙ୍କ ସାଙ୍ଗ ଇସ୍କନ ମନ୍ଦିର ଉପର ମହଲାରେ ବିଶ୍ରାମ ନେବା ବେଳେ ତାଙ୍କ ଲାପଟପ ଓ ମୋବାଇଲ ଫୋନ୍ ଚୋରି ହୋଇଯାଇଥିଲା।



ସେ ଏ ନେଇ ବିଡାନାସୀ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ ସଂଗ୍ରହ କରି ଚୋରୀର ସୁରାକ ପାଇଥିଲା । ତଦନୁଯାୟୀ ବାମଦେବକୁ ଗିରଫ କରିଥିଲା ଓ ତା ନିକଟରୁ ୮ଟି ମୋବାଇଲ ଫୋନ, ଶାଢ଼ି, ଜିନ ପ୍ୟାଣ୍ଟ, ଛୋଟ ପିଲାଙ୍କ ପୋଷାକ ଜବତ କରିଥିଲା । ସେ ଲାପଟପ ବିକ୍ରି କରିଥିବା ଜାଣିବା ପରେ ଅଜୟ ନିକଟରୁ ଲାପଟପ ଜବତ କରିବା ସହ ତାକୁ ମଧ୍ୟ ଗିରଫ କରିଛି । ଗିରଫ ବାମଦେବ ରାତିରେ ସିକ୍ୟୁରିଟି ଗାର୍ଡ କାମ କରୁଥିବା ବେଳେ ଦିନରେ ବୁଲି ବୁଲି ଚୋରୀ କରେ । ତା ବିରୋଧରେ କଟକ, ଭୁବନେଶ୍ୱର, ଭଦ୍ରକ, ଢେଙ୍କାନାଳର ବିଭିନ୍ନ ଥାନାରେ ୧୪ଟି ମାମଲା ଥିବା ଜଣାପଡିଛି କ୍ଷ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଛି ।

## ଗୋଟିଏ ରାତିରେ ୩ ମନ୍ଦିରରୁ ଚୋରି

ପିପିଲି(ନିପ୍ର): ଗତ ୨ମାସ ମଧ୍ୟରେ ବଳଙ୍ଗା ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଥିବା ୮ରୁ ଊର୍ଦ୍ଧ୍ୱ ମନ୍ଦିରରୁ ଦୁର୍ବୃତ୍ତ ମାନେ ଚୋରି କରି ପୋଲିସର ମୁଣ୍ଡ ବିନ୍ଧାର କାରଣ ପାଲଟିଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ଏକ କାଳୀନ ୩ଟି ମନ୍ଦିରରେ ଲୁଟକରି ପୋଲିସକୁ ଚ୍ୟାଲେଞ୍ଜ କରିଛନ୍ତି। ଦୁର୍ବୃତ୍ତମାନେ ମହୁରା ପଞ୍ଚାୟତ ଅନ୍ତର୍ଗତ ଅଳିକିଆ ଗ୍ରାମର ଆରାଧ୍ୟ ଠାକୁର କପିଳେଶ୍ୱର ମନ୍ଦିର ଓ କୋଠଘର ତାଲା ଭାଙ୍ଗି ଠାକୁରଙ୍କ ସମସ୍ତ ସାମଗ୍ରୀ ଚୋରି କରିଛନ୍ତି। ସେହିଭଳି ଉଚ୍ଛୁପୁର ପଞ୍ଚାୟତର ଉଚ୍ଛୁପୁର ଗ୍ରାମର ଭଗବତୀ ମନ୍ଦିର ଓ ବ୍ରାହ୍ମଣ ଚାନ୍ଦପୁର ଗ୍ରାମରେ ବାଲୁଙ୍କେଶ୍ୱର ମନ୍ଦିରରୁ ଘଣ୍ଟ, ଘଣ୍ଟି ସହ ସମସ୍ତ ପିତ୍ତଳ ସାମଗ୍ରୀକୁ ଚୋରି କରିନେଇଛନ୍ତି। ଏ ସଂପର୍କରେ ଗ୍ରାମବାସି ମାନଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସାଇଣ୍ଟିଫିକ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ଆରମ୍ଭ କରିଛି। ଗତ ୨ମାସ ମଧ୍ୟରେ ଦୁର୍ବୃତ୍ତମାନେ ଅଲଣ୍ଡା ପଡ଼ା ଗ୍ରାମର ଭୁଆସୁଣୀ ମନ୍ଦିର, ବଡ଼ ନିନିଗାଁ ଗ୍ରାମର ଭକ୍ତେଶ୍ୱର ମନ୍ଦିର, ଦୀପିଦେଉଳି ଗ୍ରାମର ରୁଦ୍ରାୟଣି, ଗେଣ୍ଡାମାଳି ଗ୍ରାମର ତରେଣୀ ମନ୍ଦିର, ପାର୍ବତୀପୁର ଓ ତୋରିହିଁ ବନ୍ଧ ଗ୍ରାମରେ ଥିବା ମହାବୀର ମନ୍ଦିରରୁ ଚୋରି କରିବା ଘଟଣାରେ ପୋଲିସକୁ କୌଣସି ସଫଳତା ମିଳି ନଥିଲା ବେଳେ ଗତ କାଲିର ଘଟଣା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ଦୋକାନ ନିଆଁ ଲାଗିବା ଘଟଣାରେ ସ୍ୱାମୀ ମୃତ

ଭାପୁର(ନିପ୍ର): ଫତେଗଡ ଥାନା ଧାନଚାଙ୍ଗଡ଼ା ପଞ୍ଚାୟତ ଅନ୍ତର୍ଗତ କଳପଙ୍ଗୀ ଗ୍ରାମରେ ଗତ ୨ ତାରିଖ ଶୁକ୍ରବାର ଦିନ ଦୋକାନରେ ନିଆଁ ଲାଗିବା ଘଟଣାରେ ସେହିଦିନ ସ୍ତ୍ରୀ ମୃତ୍ୟୁବରଣ କରିଥିବାବେଳେ ଗୁରୁବାର ଦିନ ସ୍ୱାମୀ ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି । ଘଟଣାରୁ ପ୍ରକାଶ, କଳପଙ୍ଗୀ ଗ୍ରାମର ଗୟାଧର ପରିଡ଼ା (୭୦) ଗ୍ରାମରେ ଏକ ଦୋକାନ କରି ନିଜ ପରିବାରର ଗୁରୁରାଣ ମେଣ୍ଟାଉଥିଲେ । ଗତ ୨ତାରିଖ ଅପରାହ୍ନରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ ନ ଥିବାରୁ ଶୁକ୍ରବାର ସନ୍ଧ୍ୟାରେ ଦୋକାନରେ ଲଣ୍ଠନ ଜାଳି ବିକ୍ରି କରୁଥିଲେ। ଦୋକାନ ମଧ୍ୟରେ ପେଟ୍ରୋଲ ବିକ୍ରି ପାଇଁ ରହିଥିବା ଅବସ୍ଥାରେ ଲଣ୍ଠନ ର ନିଆଁ ପେଟ୍ରୋଲରେ ଅକସ୍ମାତ ଧରି ନିଆଁ ଲାଗି ଯାଇଥିଲା ଫଳରେ ଦୋକାନ ଭିତରେ ରହିଥିବା ସ୍ତ୍ରୀ ସୁବାସି ପରିଡ଼ା (୬୨) ମୃତ୍ୟୁବରଣ କରିଥିଲେ ଏବଂ ଗୁରୁତର ଗୟାଧର ପରିଡା (୬୮) ଭୁବନେଶ୍ୱରରେ ଚିକିତ୍ସା ହେଉଥିବା ଅବସ୍ଥାରେ ମୃତ୍ୟୁବରଣ କରିଥିବା ପରିବାରସୂତ୍ରରୁ ସୂଚନା ମିଳିଛି।

## ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ରାଜରାସ୍ତାକୁ ଓହ୍ଲାଇଲା ବିଜେଡ଼ି

ପୁରୀ(ନିପ୍ର): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ରାଜରାସ୍ତାକୁ ଓହ୍ଲାଇଛି ବିଜେଡ଼ି। ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ପୋଲିସ ବିଭାଗ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହାକୁ ନେଇ ବିଜେଡ଼ି ପକ୍ଷରୁ ଗୁରୁବାର ପୁରୀ ଏସପିଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଏସପିଙ୍କୁ ଭେଟିଛି ବିଜେଡ଼ି ଟିମ୍। ପୁରୀ ସୁବାଷ ବୋଷ ଛକଠାରୁ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ବରିଷ୍ଠ ବିଜେଡି ନେତା ସଞ୍ଜୟ ଦାସବର୍ମା, ପିପିଲି ପୂର୍ବତନ ବିଧାୟକଙ୍କ ସହିତ ଶତାଧିକ ବିଜେଡ଼ି ନେତା ଓ କର୍ମୀମାନେ ଏହି ଘେରାଉ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି ବିଜେଡି ଜନସାଧାରଣଙ୍କ ସ୍ୱର ହେବ। ଜନସାଧାରଣଙ୍କ ସ୍ୱାର୍ଥ, ସୁରକ୍ଷା, ଆଇନ ଶୃଙ୍ଖଳା ପରିସ୍ଥିତି ରକ୍ଷା ଓ ଶାନ୍ତି ପାଇଁ ବିଜେଡି ସଦାସର୍ବଦା ଲୋକଙ୍କ ସହ ରହିବ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପୁରୀ ସମେତ ସମଗ୍ର ରାଜ୍ୟରେ ବିଜେଡ଼ି ଲୋକଙ୍କ ସ୍ୱାର୍ଥ, ସୁରକ୍ଷା ପାଇଁ ସବୁବେଳେ ଥିଲା ଆଉ ରହିବ। ବିଜେପି ଶାସନ ସମୟରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଏବେ କୋମାରେ। ରାଜ୍ୟରେ ବଢୁଥିବା ଅପରାଧକୁ ରୋକିବାରେ ବିଫଳ ହୋଇଛି ବିଜେପି ସରକାର। ଫଳରେ ଆଜି ବିଜେଡ଼ି ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

## ବାପ ମଦ ନ ଛାଡିବାରୁ ପୁଅର ଆତ୍ମହତ୍ୟା

ବାଲିପାଟଣା(ନିପ୍ର): ପୁଅଝିଅଙ୍କୁ ନେଇ ସଂସାର ସୀମିତ ରୋଜଗାରରେ ଚଳୁଥିଲା ପରିବାର । କିନ୍ତୁ ମଦ ସବୁ ସାରିଦେଲା। ବାପା ସବୁବେଳେ ମଦ ପିଇ ରୋଜଗାର ପଇସା ଖର୍ଚ୍ଚ କରିଦେଉଥିଲେ । ପୁଅ ଏବଂ ପରିବାର ସଦସ୍ୟଙ୍କର ତାଗିଦ ସତ୍ତ୍ୱେ ବାପ ଉପରେ କୌଣସି ପ୍ରଭାବ ପଡୁ ନ ଥିଲା । ସେ ନିୟମିତ ମଦ୍ୟପାନ କରୁଥିଲେ । ଗୁରୁବାର ଏକ ଅଭାବନୀୟ ଘଟଣା କ୍ରମେ ବାପ ମଦ୍ୟପାନ କରୁଥିବା ବେଳେ ପୁଅ ଦୋକାନ ଘରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ମୃତକ ହେଉଛନ୍ତି ତୁରିଣ୍ଟିର ପଞ୍ଚାୟତ ଗୁଆପୁର ଗ୍ରାମର ରାଜ କିଶୋରେ ସାହୁଙ୍କ ପୁଅ ଶିବ ପ୍ରସାଦ ସାହୁ । ସୂଚନା ଅନୁସାରେ ରାଜକିଶୋରଙ୍କର ମହାବୀର ଛକରେ ଏକ ଜଳଖିଆ ଦୋକାନ ରହିଛି। ଉଭୟ ବାପା ପୁଅ ଦୋକାନରେ ବେପାର କରୁଥିବାବେଳେ ପୁଅ ବାଲିପାଟଣା ଶିଶୁଅନନ୍ତ ମହା ବିଦ୍ୟାଳୟର +୩ କଳାର ଶେଷବର୍ଷ ଛାତ୍ର ଥିଲେ । ବାପା ସବୁବେଳେ ମଦ୍ୟପାନ କରୁଥିବାରୁ ପୁଅ ବାରମ୍ବାର ତାଗିଦ କରୁଥିଲା । ଗୁରୁବାର ଦୋକାନ ବନ୍ଦକରି ପୁଅ ଯାଇଥିବା ବେଳେ ବାପା ଅନ୍ୟ କାମରେ ଯାଇଥିଲେ। ପରେ ପୁଅ ଆସି ଦେଖେ ବାପା ମଦ୍ୟପାନ କରୁଛନ୍ତି। ବାରମ୍ବାର ତାଗିଦ ସତ୍ତ୍ୱେ ନ ଶୁଣିବାରୁ ପୁଅ ଶିବ ପ୍ରସାଦ ମାନସିକ ଭାରସାମ୍ୟ ହରାଇ ଦୋକାନ ଘରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି। ଶିବକୁ ସଂଗେ ସଂଗେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତରିତ କରାଯାଇଥିଲା । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।

## ବେଆଇନ ମଦ ଜବତ: ଜଣେ ଗିରଫ



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ପୋଲିସକୁ ଏକ ସଫଳତା ମିଳିଛି। କୌଣସି ସୂତ୍ରରୁ ଖବରପାଇ ନିରାକାରପୁର ପୋଲିସ ଡିଆ କେନାଲ ବନ୍ଧ ନିକଟରେ ଚଢାଉକରି ବେଆଇନ ମଦ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସୂଚନା ଅନୁଯାୟୀ, ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ଏକ ଟିମ୍ ଡିଆ କେନାଲ ବନ୍ଧ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ ମୋଟର ସାଇକେଲରେ ବେଆଇନ ମଦ ଚାଲାଣ ହେଉଥିବା ଖବରପାଇ ପୋଲିସ ଚଢାଉ କରିଥିଲା। ପୋଲିସ ଘଟଣାସ୍ଥଳରୁ ୧୫ ଲିଟର 'ଆସିକା ୪୦' ମଦ (୩ଟି ପେଟି) ଏବଂ ଚାଲାଣରେ ବ୍ୟବହୃତ ହେଉଥିବା ମୋଟର ସାଇକେଲକୁ ଜବତ କରିଛି। ଏହି ଘଟଣାରେ ସଂପୃକ୍ତ ଥିବା ବାଦୁରାବର ଗ୍ରାମର ଅସିତ କୁମାର ସାମନ୍ତରାୟଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ନିରାକାରପୁର ଥାନାରେ କେସ୍ ନମ୍ବର ୧୭୧/୨୬ରେ ଏକ ଅବକାରୀ ମାମଲା ରୁଜୁ କରାଯାଇଛି। ପୋଲିସ ପକ୍ଷରୁ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବା ସହ ଏହି କାରବାରରେ ଅନ୍ୟ କାହାର ସଂପୃକ୍ତି ରହିଛି କି ନାହିଁ ସେ ନେଇ ଅଧିକ ତଦନ୍ତ ଜାରି ରହିଛି।

### ଅବୈଧ ବାଲି ଚାଲାଣ
## ୪ ହାଇୱା, ୨ ଟ୍ରାକ୍ଟର ଜବତ



ଭାପୁର(ନିପ୍ର): ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ପୋଲିସ ଅଧିକ୍ଷକ ଏସ. ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଫତେଗଡ଼ ଥାନା ଅଧିକାରୀ ମାନଙ୍କ ଅଧକ୍ଷତାରେ ଫତେଗଡ଼ ଥାନା ଅନ୍ତର୍ଗତ ମାଧପୁର ଓ ପଥରଚକଡା ମହାନଦୀ ବାଲିଘାଟ ଅଂଚଳରୁ ଅବୈଧ ବାଲି ଉତ୍ତୋଳନ ଓ ପରିବହନ ବିରୋଧରେ ଏକ ମିଳିତ ଚଢ଼ାଉ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଚଢ଼ାଉ ସମୟରେ ଅବୈଧ ବାଲି ଉତ୍ତୋଳନ ଓ ପାରିବହନରେ ଲିପ୍ତ ଥିବା ୪ ଗୋଟି ହାଇୱା, ୨ ଗୋଟି ଟ୍ରାକ୍ଟର, ୫ ଗୋଟି ପ୍ରୋକ୍ଲେନ ମେସିନ ସହିତ ୩ଟି ମଟର ସାଇକେଲ ଜବତ କରାଯାଇଛି। ସେହିପରି ଘଟଣାସ୍ଥଳରୁ ୧୪ଜଣ ଅଭିଯୁକ୍ତ ହେଲେ ଖଣ୍ଡପଡା ବ୍ଲକ ସିଧାମୁଳା ଗ୍ରାମର କବିନ୍ଦ୍ର ମନ୍ତ୍ରୀ, ଶୁଆଗିନାଳୀ ଗ୍ରାମର ମାଧବ ଖଣ୍ଡେଲକେଲ, ଗଣିଆ ବ୍ଲକ ଛାମୁଣ୍ଡିଆ ଗ୍ରାମର ଆରତ ଦଳେଇ, ନୟାଗଡ଼ ବ୍ଲକ ଜୟମଙ୍ଗଳ ପ୍ରସାଦ ଗ୍ରାମର ସୁରେଶ ସେଠି ଓ ରାଜା ଗୁରୁ, ଭାପୁର ବ୍ଲକ ପଥରଚକଡା ଗ୍ରାମର ଜୟନ୍ତ ପ୍ରଧାନ, ବାବୁଲି ଡ଼ାଲୁଆ, ତ୍ରିନାଥ ବାରିକ, ରାକମା ଗ୍ରାମର ଅଜୟ ନାୟକ, ମେଲଛ ନାୟକ, କରଡ଼ାପଲ୍ଲୀ ଗ୍ରାମର ଶ୍ୟାମ ସୁନ୍ଦର ସାହୁ, ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଭେଟେସ୍ୱର ଗ୍ରାମର କାଳୁ ନାୟକ, ବେଗୁନିଆ ବ୍ଲକ ପିଚୁକୁଳି ଗ୍ରାମର ଦୀପକ ମାଝୀ, ବେଗୁନିଆ ବ୍ଲକ ଚମ୍ପାଇଲୋ ଗ୍ରାମର ଅମିତ ପରିଡାଙ୍କୁ ଫତେଗଡ ଥାନାରେ ଅଟକ ରଖାଯାଇ ତଦନ୍ତ ଚାଲିଛି। ବାଲିଖଣି ଅଞ୍ଚଳ ବାହାରେ ଦୁଇ ଗୋଟି ଅବୈଧ ଭାବରେ ଗଛିତ ଥିବା ବାଲି କୁ ମଧ୍ୟ ଜବତ କରାଯାଇ ନିଲାମ କରାଯିବ ବୋଲି ସୂଚନା ମିଳିବା ସହିତ ଜବତ ଗାଡି ଠାରୁ ଜୋରିମାନା ଆଦାୟ ସହିତ ଅଭିଯୁକ୍ତ ମାନଙ୍କ ବିରୋଧରେ କ୍ରିମିନାଲ ଆକ୍ସନ ପାଇଁ ମାଇନିଙ୍ଗ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ସାଂସଦ ଓ ବିଧାୟକଙ୍କ ହାବୁଡ଼ରେ ପଡ଼ିଲା ଗୋମାଫିଆ

ବେତନଟୀ(ନିପ୍ର): ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଉପକଣ୍ଠ ଅଙ୍ଗାରୁଆ ଦେଇ ୨ଟି ଗୋରୁ ଅମାନୁଷିକ ଭାବେ ଚଳାଇ ଚଳାଇ ବାଲେଶ୍ୱର ଜିଲ୍ଲା ଚଷାଖଣ୍ଡ ଅଭିମୁଖେ ଯାଉଥିବା ୪ଗୋମାଫିଆ ବୁଧବାର ଅପରାହ୍ନରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସ୍ଥାନୀୟ ବିଧାୟକ ସନାତନ ବିଜୁଳିଙ୍କ ହାବୁଡ଼ରେ ପଡ଼ିଥିଲେ । ସୂଚନା ଅନୁଯାୟୀ ସ୍ଥାନୀୟ ବନମାଳୀପୁର ଗ୍ରାମର କାହ୍ନୁ ହେମ୍ବ୍ରମ, ବସ୍ତା ଥାନା ସିଙ୍ଗାରପୁର ଗ୍ରାମର ଶେଖ ୱାସଦ, ବାଲେଶ୍ୱର ସଦର ଥାନା ଅଧୀନ ଚଷାଖଣ୍ଡ ଗ୍ରାମର ସେକ ହବିବ ଓ ସେକ କୌଶର ୨ଟି ଗୋରୁଙ୍କୁ ମାଡ଼ ମାରି ଚଳାଇ ଚଳାଇ ପୁରୁଣିଆ ଉପକଣ୍ଠ ଅଙ୍ଗାରୁଆ ପଟ ଦେଇ ଚଷାଖଣ୍ଡ ଅଭିମୁଖେ ଯାଉଥିଲେ । ତେବେ ସ୍ଥାନୀୟ ଲୋକ ତାଙ୍କୁ ଅଟକାଇ ଗୋରୁ ବାବଦରେ ପଚାରିଥିଲେ, କିନ୍ତୁ ସେମାନେ ତାଙ୍କ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ ।



ଯୋଉଁଥିପାଇଁ ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା ଓ ପରେ ଜାଣିବାକୁ ପାଇଥିଲେ କି ଏହି ଗୋରୁ ସେମାନେ କୁରବାନୀ ଦେବାକୁ ନେଉଥିଲେ । ଅନ୍ୟପଟେ ବିଧାୟକ ଓ ସାଂସଦ ଆଜି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଉକ୍ତ ଅଞ୍ଚଳରେ ଥିଲେ ଓ ସ୍ଥାନୀୟ ଯୁବକଙ୍କ ଠାରୁ ଏହି ଗୋତସ୍କରୀ ବାବଦରେ ଜାଣିଥିଲେ । ସ୍ଥାନୀୟ ପୁଲିସକୁ ଏବାବଦରେ ଜଣାଇ ତୁରନ୍ତ ଗୋରୁଙ୍କୁ ଉଦ୍ଧାର ପୂର୍ବକ ୪ଅଭିଯୁକ୍ତଙ୍କୁ ଥାନାକୁ ଆଣିବାକୁ ନିର୍ଦ୍ଦେଶ ଦେଇ ନିଜେ ଥାନାରେ ଅପେକ୍ଷା କରିଥିଲେ । ପରେ ପୁଲିସ ଘଟଣା ସ୍ଥଳରେ ପହଁଚିଲା ବେଳକୁ ୨ଗୋତସ୍କର ସେକ ହବିବ ଓ ସେକ୍ କୌଶର କୌଶଳକ୍ରମେ ଗ୍ରାମବାସୀଙ୍କୁ ଚକମା ଦେଇ ଚମ୍ପଟ ମାରିଥିଲେ । ସବଇନ୍ସପେକ୍ଟର ସରୋଜ ଜେନା ୨ଗୋରୁ ଉଦ୍ଧାର ପୂର୍ବକ ଅନ୍ୟ ଦୁଇ ଜଣ ଅଭିଯୁକ୍ତ କାହ୍ନୁ ହେମ୍ବ୍ରମ ଓ ସେକ ୱାସଦକୁ ଥାନାକୁ ଆଣିଥିଲେ । ସେଠାରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ଓ ବିଧାୟକ ଶ୍ରୀ ବିଜୁଳି ଗୋରୁଗୁଡିକୁ ଗୋଶାଳା ପଠାଇବାର ବ୍ୟବସ୍ଥା କରିଥିଲେ । ଅଭିଯୁକ୍ତଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସକୁ ତାଗିଦ କରିଥିଲେ । ତେବେ ଥାନା ପରିସରରେ ଘଣ୍ଟାଧିକ ସମୟ ରହି ସାଂସଦ ପ୍ରତାପ ଷଡ଼ଙ୍ଗୀ ବୈଶିଙ୍ଗା ପୁଲିସ କର୍ମଚାରୀଙ୍କୁ ଗୋତସ୍କରୀ ବାବଦରେ ବେସ କିଛି ସମୟ ଆଇନର ପାଠ ପଢ଼ାଇଥିବାର ଦେଖିବାକୁ ମିଳିଥିଲା ।

### ବାଲିଅନ୍ତା ସୌମ୍ୟ ରଞ୍ଜନ ହତ୍ୟା ମାମଲା
## ମୁଖ୍ୟ ଅଭିଯୁକ୍ତ ରଞ୍ଜିତ ପାତ୍ରଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

କଟକ(ନିପ୍ର): ସୌମ୍ୟରଞ୍ଜନଙ୍କୁ ପିଟିପିଟି ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ରଞ୍ଜିତ ପାତ୍ରକୁ କ୍ରାଇମ ବ୍ରାଞ୍ଚ ଗିରଫ କରିଛି । କଟକ ସଦର ଥାନା ଗଙ୍ଗେଶ୍ୱରଗଦାରୁ ତାଙ୍କୁ କ୍ରାଇମ ବ୍ରାଞ୍ଚ ଗିରଫ କରିଛି । ଆହତ ସୌମ୍ୟଞ୍ଜନର ମୁଣ୍ଡକୁ କାଠ ଫାଳିଆରେ ଆକ୍ରମଣ କରିଥିଲା ଅଭିଯୁକ୍ତ ରଞ୍ଜିତ। ତାପରେ ତାର ହାତଗୋଡ଼କୁ ବାନ୍ଧି ଏକ ବାଉଁଶ ସାହାଯ୍ୟରେ ପିଟିଥିଲା। ଏହି ମାମଲାରେ ରଞ୍ଜିତକୁ ମିଶାଇ ମୋଟ୍ ୧୩ ଜଣ ଗିରଫ ହୋଇଛନ୍ତି। ସୂଚନାଯୋଗ୍ୟ, ସୌମ୍ୟରଞ୍ଜନଙ୍କୁ ପିଟିପିଟି ହତ୍ୟା ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍ ସୌମ୍ୟରଞ୍ଜନଙ୍କ ବନ୍ଧୁ କଟକ ଜିଲ୍ଲା ଓଲଟପୁର ଥାନା ମଉଜପୁରର ଓମ୍‌ପ୍ରକାଶ ରାଉତଙ୍କୁ ଜେରା କରିଥିଲା। ଓମ୍‌ଙ୍କ ବୟାନ ଅନୁଯାୟୀ, ୭ ତାରିଖରେ ଓମ୍ ଏକ ଦୁଇଚକିଆ ଗାଡ଼ିରେ ଓଲଟପୁରରୁ ଭୁବନେଶ୍ୱର ଆଡ଼କୁ ଆସୁଥିଲେ। ସାଙ୍ଗରେ ସୌମ୍ୟରଞ୍ଜନ ଆସିଥିଲେ। କାଜ ବ୍ରିଜ୍ ନିକଟରେ ସୌମ୍ୟରଞ୍ଜନ ଘରେ ପର୍ସ ଛାଡ଼ି ଆସିଥିବା ଓମ୍‌ଙ୍କୁ କହିଥିଲେ। ଗାଡ଼ି ବୁଲାଇ ଘରକୁ ଯିବାକୁ କହିବାରୁ ଓମ୍ ଗାଡ଼ି ବୁଲାଇ ପ୍ରାୟ ୧୦୦ ମିଟର ଆସିବା ପରେ ହଠାତ୍ ସୌମ୍ୟ ଓମ୍‌ଙ୍କ ଦୁଇ କାନ୍ଧକୁ ଦୁଇ ହାତରେ ପଛକୁ ଭିଡ଼ି ଦେଇଥିଲେ। ମାତ୍ର ୩୦ ସ୍ପିଡ୍‌ରେ ଗାଡ଼ି ଚଳାଉଥିଲେ ବି ଓମ୍ ବାଇକ୍ ଉପରୁ ନିୟନ୍ତ୍ରଣ ହରାଇଥିଲେ। ହାତ ଛଡ଼ାଇବାକୁ ଉଦ୍ୟମ କରିବା ସମୟରେ ଦୁଇ ଯୁବତୀଙ୍କ ସ୍କୁଟିକୁ ପଛପଟୁ ପିଟିଥିଲେ। ଘଟଣାସ୍ଥଳରେ ଓମ୍, ସୌମ୍ୟରଞ୍ଜନ ଓ ସ୍କୁଟିରେ ଯାଉଥିବା ଦୁଇ ଯୁବତୀ ତଳେ ପଡ଼ି ଯାଇଥିଲେ। ସୌମ୍ୟରଂଜନ ରାଗିଯାଇ ଯୁବତୀଙ୍କୁ ମାଡ଼ ମାରିବାରୁ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ସେହିଭଳି ପୀଡ଼ିତା ଯୁବତୀ କ୍ରାଇମବ୍ରାଞ୍ଚକୁ ବୟାନରେ କହିଛନ୍ତି ଯେ ଦୁର୍ଘଟଣା ପରେ ସୌମ୍ୟ ତାଙ୍କୁ ଚାପୁଡ଼ା ମାରିବାରୁ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଚେତା ଫେରିବା ପରେ ପୁଣି ଥରେ ଚାପୁଡ଼ା ମାରିଥିବା ପୀଡ଼ିତା କ୍ରାଇମବ୍ରାଞ୍ଚକୁ ବୟାନ ଦେଇଛନ୍ତି। ସେଦିନ ଘଟଣାସ୍ଥଳକୁ ଜଣେ ପୁଲିସ ଏସ୍‌ଆଇ, ଜଣେ ହାବିଲଦାର, ଜଣେ କନେଷ୍ଟବଳ, ଦୁଇ ଜଣ ହୋମଗାର୍ଡ ଯାଇଥିଲେ। ସେମାନଙ୍କୁ କ୍ରାଇମବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିବା ସହିତ ସମସ୍ତଙ୍କୁ ପୃଥକ ଭାବେ ଜେରା କରାଯାଇଛି । ସେମାନଙ୍କ ବୟାନ ରେକର୍ଡ କରାଯାଇଛି। ଏହି ମାମଲାରେ ପୂର୍ବରୁ ବାଲିଅନ୍ତା ଥାନା ପୁଲିସ ୧୧ ଜଣଙ୍କୁ ଗିରଫ କରିଥିବା ବେଳେ କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତଭାର ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ବାଲିଅନ୍ତା ଥାନା ପୁଲିସ ବେଣୁପୁରର ବଣ୍ଟି ଓରଫ୍ ଯୁଧିଷ୍ଠିର ଜେନା(୨୩)କୁ ଗିରଫ କରିଥିଲା।

### ସରକାରୀ ଚାକିରି ଦେବା ନାଁରେ ୧୦ ଲକ୍ଷରୁ ଅଧିକ ଠକେଇ ମାମଲା
# ଆସାମୀଙ୍କୁ ବର୍ଷେ ଜେଲ୍

ଜଟଣୀ(ନିପ୍ର): ଜଟଣୀ ଥାନା ଅଞ୍ଚଳରେ ୨୦୨୫ ମସିହାରେ ଘଟିଥିବା ଏକ ଠକେଇ ମାମଲାର ବିଚାର କରି ମାନ୍ୟବର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଦେବେନ୍ଦ୍ର ନାଥ ବାଗ୍ ଆସାମୀ ଦିଲ୍ଲୀପ କୁମାର ସାହୁଙ୍କୁ ୧ ବର୍ଷର ସରଳ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଅଭିଯୋଗକାରୀ ଦୁର୍ଗା ପ୍ରସାଦ ପଟ୍ଟନାୟକ (୬୭) ତାରାତାରିଣୀ ମନ୍ଦିରକୁ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିବା ସମୟରେ ସେହି ସମୟରେ ଅଭିଯୁକ୍ତ ଦିଲ୍ଲୀପ କୁମାର ସାହୁଙ୍କ ସହ ପରିଚିତ ହୋଇଥିଲେ। ଅଭିଯୁକ୍ତ ଅଭିଯୋଗକାରୀଙ୍କ ପୁଅ ଓ ଝିଅଙ୍କୁ ସରକାରୀ ଚାକିରି କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୁକ୍ତଙ୍କ ଆଶ୍ୱାସନରେ ବିଶ୍ୱାସ କରି ଅଭିଯୋଗକାରୀ ତାଙ୍କୁ ବିଭିନ୍ନ ତାରିଖରେ ଚେକ, ନଗଦ ଟଙ୍କା ଏବଂ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ମୋଟ ୧୦ ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଟଙ୍କା ଗ୍ରହଣ କରିବା ପରେ ମଧ୍ୟ ଅଭିଯୁକ୍ତ ଅଭିଯୋଗକାରୀଙ୍କ ପୁଅ ଓ ଝିଅଙ୍କୁ କୌଣସି ସରକାରୀ ଚାକିରି ଦେଇନଥିଲେ କିମ୍ବା ଟଙ୍କା ଫେରସ୍ତ କରିନଥିଲେ। ଅଭିଯୋଗକାରୀ ଟଙ୍କା ଫେରସ୍ତ ଦାବି କରିବାରୁ ଅଭିଯୁକ୍ତ ଏକ ଚେକ ପ୍ରଦାନ କରିଥିଲେ। କିନ୍ତୁ ଉକ୍ତ ଚେକଟି ବ୍ୟାଙ୍କରେ ଜମା କରାଯିବା ପରେ ଅଭିଯୁକ୍ତଙ୍କ ଖାତାରେ ପର୍ଯ୍ୟାପ୍ତ ଟଙ୍କା ନଥିବାରୁ ଚେକଟି ବାଉନ୍ସ ହୋଇଥିଲା। ପରେ ଅଭିଯୋଗକାରୀ ନିଜ ସହିତ ଠକେଇ ହୋଇଥିବା ଜାଣିପାରି ଏନେଇ ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ଜଟଣୀ ଥାନା କେସ ନଂ- ୧୨୭/୨୦୨୫, ଧାରା- ୩୧୮(୪) ବିଏନଏସ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା ଏବଂ ଥାନାର ଏସଆଇ ଅବିନାଶ ଚାନ୍ଦଙ୍କୁ ମାମଲାର ତଦନ୍ତ ଭାର ଦିଆଯାଇଥିଲା। ସେ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଭିଯୁକ୍ତ ଦିଲ୍ଲୀପ କୁମାର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ଏବଂ ତା ୦୨.୦୧.୨୦୨୬ ରେ ଚାର୍ଜସିଟ୍ ଦାଖଲ କରିଥିଲେ। ବିଚାର କାଳରେ ମାନ୍ୟବର ଅଦାଲତ ସାକ୍ଷୀଙ୍କ ଜବାନବନ୍ଦି ଏବଂ ପ୍ରାସଙ୍ଗିକ ଦଲିଲପତ୍ରର ଅଧ୍ୟୟନ କରି ବିଚାର କାର୍ଯ୍ୟର ପରିସମାପ୍ତି କରିଥିଲେ। ଅଦାଲତ ତାଙ୍କ ରାୟରେ ଆସାମୀ ଦିଲ୍ଲୀପ କୁମାର ସାହୁଙ୍କୁ ୧ ବର୍ଷର କାରାଦଣ୍ଡ ସହ ୨୦,୦୦୦ ଟଙ୍କା ଜୋରିମନା ଦଣ୍ଡାଦେଶ ଦେଇଛନ୍ତି। ଏହି ମାମଲାକୁ ସରକାର ପକ୍ଷରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ମାନସ କୁମାର ସୁବୁଦ୍ଧି ଓ ଜ୍ୟୋତିସ୍ମିତା ମଲ୍ଲିକ ସଫଳତାର ସହ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ମିଳିଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷର ଏହା ୫୦ତମ ସଜା ମାମଲା ଅଟେ।

## କ୍ରସର୍‌ରେ କାମ କରୁଥିବା ବେଳେ ଶ୍ରମିକ ମୃତ

ରେଢ଼ାଖୋଲ(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ବଂଶାଜାଲ ପଞ୍ଚାୟତ ହେଲେଇ ପଥର କ୍ରସର୍‌ରେ ଜଣେ ବ୍ୟକ୍ତି କ୍ରସର୍‌ରେ ଚାପିହୋଇ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ ବ୍ୟକ୍ତି ଜଣକ ହେଲେ ବେଥୁଆ ଜିଲ୍ଲା, ବେଥୁଆ ଗାଁ ନଦିଆ ୱେଷ୍ଟବେଙ୍ଗଲ ରାଜ୍ୟର ସନ୍ଦିପ୍ ସରକାର ଓରଫ୍ ପାଚୁ ବୟସ(୧୭) ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଯେ ମୃତ ବ୍ୟକ୍ତି ନାବାଳକ ହୋଇଥିବା ଜଣାପଡିଛି । ସେ ନିଜ ଗାଁ ବେଥୁଆରୁ ୫ଦିନ ହେବ ହେଲେଇ ପଥର କ୍ରସର୍‌ରେ କାମ କରିବାକୁ ଆସିଥିବା ଜଣାପଡିଛି । ସେ ଗୁରୁବାର ସକାଳେ କ୍ରସର୍‌ରେ କାମ କରୁଥିବା ବେଳେ ପଥର ଫାଟି ମୁଣ୍ଡରେ ମାଡ଼ ହୋଇଥିବା ବେଳେ ସେ ଉପରୁ ତଳେ ପଡି ଯାଇଥିଲେ । ଯାହା ଫଳରେ ଘଟଣାସ୍ଥଳରେ ଅତ୍ୟନ୍ତ ରକ୍ତସ୍ରାବ ହେବାରୁ ତାଙ୍କୁ



ସେଠାରୁ କ୍ରସର୍ ମାଲିକ କାହାକୁ ନଜଣାଇ ରେଢ଼ାଖୋଲ ମେଡିକାଲକୁ ନନେଇ ସିଧା ବୁର୍ଲା ଡ଼ାକ୍ତରଖାନାକୁ କାର୍‌ରେ ନେଇଥିଲେ । ଯାହା ଫଳରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡିଛି । ଅନ୍ୟପଟେ ଏହି କ୍ରସର୍‌ରେ ପଥର ବ୍ଲାଷ୍ଟିଙ୍ଗ ଯୋଗୁଁ ଆଖପାଖ ଗାଁ ରେ ଅନେକ ସମସ୍ୟା ଉପୁଜୁଛି । ଆଜିର ଏହି ଘଟଣାକୁ ଲୋକେ ଉକ୍ତ ବ୍ୟକ୍ତିକୁ ଜାଣିସୁଣି ମାରିଦେଇଥିବା ମଧ୍ୟ ଅଭିଯୋଗ କରିଛନ୍ତି । ଏହି ଘଟଣା ପରେ ସ୍ଥାନୀୟ ଲୋକେ କ୍ରସର୍ ପୁରାପୁରି ଏହି ଅଞ୍ଚଳରେ ବନ୍ଦ ହେବା ପାଇଁ ଅଭିଯୋଗ କରିଛନ୍ତି । ଯେହେତୁ ଘଟଣା ଘଟିବା ପରେ କ୍ରସର୍‌ରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ମୁହଁ ଖୋଲୁ ନଥିବା ବେଳେ ଏହା ଜାଣିଶୁଣି ଘଟାଇ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

# ଓଡ଼ିଶାକୁ ମିଳିବ ୫ ଜାତୀୟ ପଞ୍ଚାୟତ ପୁରସ୍କାର

## ସର୍ବୋତ୍ତମ ଜିଲ୍ଲା ପଞ୍ଚାୟତ ପୁରସ୍କାର ବର୍ଗରେ କୋରାପୁଟ

ନୂଆଦିଲ୍ଲୀ, ୧୪/୫(ପିଆଇବି): କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୫ ଘୋଷଣା କରାଯାଇଛି । ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ଏବଂ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର



ଅଧୀନରେ ଓଡ଼ିଶା ପାଞ୍ଚଟି ଜାତୀୟ ପୁରସ୍କାର ପାଇବା ଲାଗି ମନୋନିତ ହୋଇଛି । ଆସନ୍ତା ଜୁନ୍ ୩ ତାରିଖରେ ନୂଆଦିଲ୍ଲୀରେ ଏହି ପୁରସ୍କାର ଦିଆଯିବ । ଓଡ଼ିଶା ସୁସ୍ଥ ପଞ୍ଚାୟତ, ଜଳ ସ୍ୱଚ୍ଛଳ ପଞ୍ଚାୟତ, ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ଏବଂ ସାମାଜିକ ଭାବେ ନ୍ୟାୟପୂର୍ଣ୍ଣ ଏବଂ ସୁରକ୍ଷିତ ପଞ୍ଚାୟତ ବର୍ଗରେ ପୁରସ୍କାର ପାଇବାକୁ ମନୋନିତ ହୋଇଛି । ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ଅଧୀନରେ କୋରାପୁଟ ଜିଲ୍ଲା ପରିଷଦ ସର୍ବୋତ୍ତମ ଜିଲ୍ଲା ପଞ୍ଚାୟତ ପୁରସ୍କାର ହାସଲ କରିବାକୁ ଯୋଗ୍ୟତା ହାସଲ କରିଛି । ସୁସ୍ଥ ପଞ୍ଚାୟତ ବର୍ଗରେ ଗଞ୍ଜାମ ଜିଲ୍ଲା ତୃତୀୟ ପୁରସ୍କାର ପାଇବାକୁ ମନୋନିତ ହୋଇଥିବା ବେଳେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପାଇବ। ସେହିପରି କେନ୍ଦୁଝର ଜିଲ୍ଲା ପଡୁଆ ପଞ୍ଚାୟତ ଜଳ ସ୍ୱଚ୍ଛଳ ପଞ୍ଚାୟତ ବର୍ଗରେ ତୃତୀୟ ସ୍ଥାନ ହାସଲ କରି ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଜିତିଛି । ସୁନ୍ଦରଗଡ଼ ଜିଲ୍ଲାର ହାତୀବନ୍ଧ ପଞ୍ଚାୟତ ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ବର୍ଗରେ ଯୁଗ୍ମ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ପୁରସ୍କାର ବାବଦରେ ୩୭ ଲକ୍ଷ ୫୦ ହଜାର ଟଙ୍କା ପାଇବ । ଗଞ୍ଜାମ ଜିଲ୍ଲାର ମନ୍ଦାର ପଞ୍ଚାୟତ ସାମାଜିକ ଭାବେ ନ୍ୟାୟପୂର୍ଣ୍ଣ ଏବଂ ସୁରକ୍ଷିତ ପଞ୍ଚାୟତ ବର୍ଗରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଏହି ପଞ୍ଚାୟତକୁ ୩୭ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ମିଳିବ । ସେହିପରି ଅଧୀନରେ କୋରାପୁଟ ଜିଲ୍ଲା ପରିଷଦ ସର୍ବୋତ୍ତମ ଜିଲ୍ଲା ପଞ୍ଚାୟତ ପୁରସ୍କାର ବର୍ଗରେ ପ୍ରଥମ ସ୍ଥାନ ହାସଲ କରିବା ସହିତ ୫ କୋଟି ଟଙ୍କାର ପୁରସ୍କାର ରାଶି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି । ପୋଟଲମପୁର ଗ୍ରାମ ପଞ୍ଚାୟତ (ଜନସଂଖ୍ୟା: ୯,୬୩୯; ୧୯୧୩ ପରିବାର) ମୌଳିକ ସୁବିଧା ସହିତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଉପ-କେନ୍ଦ୍ର ସ୍ଥାପନ କରିଛି । ୧୦୦% ଖୋଲା ଶୌଚମୁକ୍ତ ସ୍ଥିତି ବଜାୟ ରଖିଛି ଏବଂ ଦକ୍ଷତାପୂର୍ଣ୍ଣ ଭାବେ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିଛି। ପଞ୍ଚାୟତ ଏକ ଜନ ସେବା କେନ୍ଦ୍ର ମାଧ୍ୟମରେ ଡିଜିଟାଲ୍ ଶାସନକୁ ସୁଦୃଢ଼ କରିଛି । ଉନ୍ନତ ଆଭ୍ୟନ୍ତରୀଣ ରାସ୍ତା ସଂଯୋଗ ସୁନିଶ୍ଚିତ କରିବା ସହିତ ଏଲଇଡି ଷ୍ଟ୍ରିଟଲାଇଟ୍ ସ୍ଥାପନ କରିପାରିଛି । ଏଠାରେ ନିୟମିତ ସ୍ୱାସ୍ଥ୍ୟ ଏବଂ ପୋଷଣ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରାଯାଉଛି । ଏହି ପଞ୍ଚାୟତରେ ଖେଳ ପଡ଼ିଆ, ଗୋଷ୍ଠୀ କେନ୍ଦ୍ର, ବର୍ଷାଜଳ ଅମଳ ବ୍ୟବସ୍ଥା ଏବଂ ପରିବେଶ-ସମ୍ବେଦନଶୀଳ ବୃକ୍ଷରୋପଣ ପଦକ୍ଷେପ ସମେତ ସାମାଜିକ ଭିତ୍ତିଭୂମି ବିକଶିତ କରାଯାଇଛି ।

# ମିଲେଟ୍ ଚାଷ ମାଧ୍ୟମରେ ମହିଳାଙ୍କୁ ସଶକ୍ତ କରୁଛି ଟିପିଏସ୍ଓଡିଏଲ୍

ବ୍ରହ୍ମପୁର, ୧୪/୫(ନିପ୍ର): ଭାରତର ଗ୍ରାମାଞ୍ଚଳରେ ମିଲେଟ୍ ଦୀର୍ଘଦିନ ଧରି ପୋଷଣ ଓ ଜୀବିକାର ପ୍ରତୀକ ହୋଇ ରହିଆସିଛି । ଅନେକ ଜନଜାତି ଓ କୃଷକ ସଂପ୍ରଦାୟ ଏହାକୁ କେବଳ ଏକ ଶସ୍ୟ ନୁହେଁ, ବରଂ ସେମାନଙ୍କର ଅଭିନ୍ନ ଜୀବନଶୈଳୀ ଭାବେ ଆପଣାଇଛନ୍ତି। ଏଣୁ ଜନଜାତି ବର୍ଗଙ୍କର ଏହି ଶସ୍ୟ ପରମ୍ପରାକୁ ପ୍ରେରଣା ଯୋଗାଇବା ଲକ୍ଷ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ପକ୍ଷରୁ ମିଲେଟ୍ ଚାଷ ନିମନ୍ତେ ଜନଜାତି ମହିଳାମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ଯାହା ଧିରେ ଧିରେ ଗ୍ରାମୀଣ ଅର୍ଥନୀତିକୁ ମଜଭୁତ କରୁଥିବା ଦେଖାଯାଉଛି । କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ୍ ଅନ୍ତର୍ଗତ ୧୩ଟି ଗ୍ରାମ ଯେପରି, ଦାଦିଆପଦର, ଘୁମାରବେଡ଼ା, ବନଗୁଡ଼ା, ଉଦୁଲୁଗୁଡ଼ା, କାଙ୍ଗରପାର, ରଙ୍ଗାନିଗୁଡ଼ା, ମିନାରବାଲି, ସାପଗୁଡ଼ା, କେନ୍ଦୁଗୁଡ଼ା, ଗତଗୁଡ଼ା, ଗୁମ୍ମା, ଭେଜାଗୁଡ଼ା ଓ ମାଝିଗୁଡ଼ାରେ କମ୍ପାନୀ ମିଲେଟ୍ ଚାଷକୁ ପ୍ରୋତ୍ସାହିତ କରିପାରିଛି । ମହିଳା ଚାଷୀମାନଙ୍କୁ ସମସ୍ତ ଆନୁଷଙ୍ଗିକ ସହାୟତା ପ୍ରଦାନ କରି କମ୍ପାନୀ



**୮୯ ଲକ୍ଷ ଟଙ୍କାର ବ୍ୟବସାୟ: ରୋଜଗାରକ୍ଷମ ହେଉଛନ୍ତି ମହିଳା**

**ଜୈବିକ ପ୍ରଣାଳୀରେ ଚାଷ ଗ୍ରାମୀଣ ଅର୍ଥନୀତିକୁ ପୁନର୍ଜୀବିତ କରୁଛି**

**ମହିଳାଙ୍କ ଆୟ, ଉଦ୍ୟୋଗ ଓ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହନ**

ଗ୍ରାମୀଣ ଅର୍ଥନୀତିକୁ ପୁନର୍ଜୀବିତ କରୁଛି । ଜୈବିକ ପଦ୍ଧତି, ପ୍ରଶିକ୍ଷଣ, ଓ ବଜାର ସହାୟତାରେ ପାରମ୍ପରିକ ଫସଲକୁ ଅଗ୍ରାଧିକାର ଦିଆଯାଉଛି । ଦାଦିଆପଦରର ଜଣେ ମହିଳା ଚାଷୀ, ନୀଳବତୀ ପରଜା ଟିପିଏସ୍ଓଡିଏଲର ପ୍ରଶଂସା କରି କହିଛନ୍ତି ଯେ,'ଆମେ ମାଣ୍ଡିଆ ଚାଷ ବହୁ ବର୍ଷରୁ କରିଆସୁଛୁ । ହେଲେ ଏହା ଏତେ ଲାଭଦାୟକ ହୋଇପାରିବ ତାହା ବିଶ୍ୱାସ ନଥିଲା । ଜୈବିକ ପଦ୍ଧତିରେ ଚାଷ, ପ୍ରଶିକ୍ଷଣ ଓ ବଜାର ସହାୟତା କାରଣରୁ ଆମେ ଅଧିକ ଅର୍ଥ ଉପାର୍ଜନ କରିପାରୁଛୁ । 'ଟିପିଏସ୍ଓଡିଏଲ୍ ଓ ଏହାର ତୃଣମୂଳସ୍ତରର ସହଯୋଗୀ 'ପ୍ରଗତି'ର ସହାୟତାରେ ପ୍ରାୟ ୫୦୦ ମହିଳା ଚାଷୀ ଜୈବିକ ଓ ଉନ୍ନତ କୃଷି ପ୍ରଣାଳୀ ବ୍ୟବହାର କରି ପ୍ରାୟ ୨୫୦ ଏକର ଜମିରେ ମିଲେଟ୍ ଚାଷ କରିଥିଲେ । ମାଣ୍ଡିଆ ମଞ୍ଜି, ପ୍ରାକୃତିକ ସାର, ଯନ୍ତ୍ରପାତି ଓ ସ୍ଥାନୀୟ ଭାବେ ଉପଲବ୍ଧ ସମ୍ବଳକୁ ବ୍ୟବହାର କରି କମ୍ପୋଷ୍ଟ ପ୍ରସ୍ତୁତ କରିବା ପାଇଁ ମହିଳାମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଯାହାଫଳରେ କମ୍ପାନୀକୁ ଉଲ୍ଲେଖନୀୟ ସଫଳତା ମିଳିଛି । କ୍ୱିଣ୍ଟାଲ ପିଛା ଅମଳ ପୂର୍ବରୁ ୪ କ୍ୱିଣ୍ଟାଲ୍ ରହିଥିବା ବେଳେ ତାହା ୯ କ୍ୱିଣ୍ଟାଲ୍ ଅତିକ୍ରମ କରିଛି । ସମୁଦାୟ ୩ ହଜାର ୬୭ କ୍ୱିଣ୍ଟାଲ ଶସ୍ୟ ଅମଳ ହୋଇଛି । ୫୦୦ ମହିଳାଙ୍କ ମଧ୍ୟରୁ ୧୩୧ ଜଣ ମହିଳା ସର୍ବନିମ୍ନ ସହାୟକ ମୂଲ୍ୟରେ ସରକାରୀ ମଣ୍ଡିରେ ମାଣ୍ଡିଆ ବିକ୍ରି କରି ୮୯ ଲକ୍ଷରୁ ଅଧିକ ଟଙ୍କା ଆୟ କରିଛନ୍ତି । କମ୍ପାନୀ ସେମାନଙ୍କୁ ଏକ୍ଷେତ୍ରରେ ସମସ୍ତ ଆନୁଷଙ୍ଗିକ ସହାୟତା ପ୍ରଦାନ କରିଥିଲା ଯାହାଫଳରେ ବିନା ମଧ୍ୟସ୍ଥିରେ ସିଧାସଳଖ ଲାଭ ମହିଳା ଚାଷୀମାନଙ୍କ ନିକଟରେ ପହଞ୍ଚିପାରିଛି । ଧିରେ ଧିରେ ଅଧିକ ସଂଖ୍ୟକ ମହିଳାମାନେ ଟିପିଏସ୍ଓଡିଏଲର ଏହି ଉଦ୍ୟମ ସହ ଯୋଡ଼ି ହେବାକୁ ଆଗ୍ରହ ଦେଖାଉଛନ୍ତି ।

# ଭାରତ୍ତୋଳନ ପ୍ରଶିକ୍ଷଣ ପାଇଁ ୨ ଖେଳାଳୀ ମନୋନୀତ



ଆସିକା, ୧୪/୫(ନିପ୍ର): ଆସିକା ବିଜୁପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରୁ ଭାରତ୍ତୋଳନ ପ୍ରଶିକ୍ଷଣ ସକାଶେ ଦୁଇ ଜଣ ଖେଳାଳୀ ମନୋନୀତ ହୋଇଛନ୍ତି। ରାଜ୍ୟ କ୍ରୀଡା ଯୁବ ବ୍ୟାପାର ମନ୍ତ୍ରାଳୟ ଓ ଏଚପିସି ମିଳିତ ଆନୁକୂଲ୍ୟରେ ଗତବର୍ଷ ଅନୁଷ୍ଠିତ ହୋଇଥିବା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ଆସିକା ବିଜୁପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର ଭାର ଉତ୍ତୋଳନ ପ୍ରଶିକ୍ଷକ ବାବୁ ଗୌଡ଼ଙ୍କ ପ୍ରତ୍ୟକ୍ଷ ପ୍ରଶିକ୍ଷଣରେ ୮ଜଣ ଭାର ଉତ୍ତୋଳନ ଖେଳାଳୀଙ୍କୁ ଶାରୀରିକ ପରୀକ୍ଷା ସକାଶେ ଚୟନ କରାଯାଇଥିଲା। ଏହି ପରିପେକ୍ଷୀରେ ଚଳିତ ମାସରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ପରିସରରେ ଏହି ଖେଳାଳିମାନଙ୍କ ଶାରୀରିକ ପରୀକ୍ଷା ପରେ ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ଷଷ୍ଠ ଶ୍ରେଣୀର ଛାତ୍ର ଅଂଶୁମାନ ହୋତା ଓ ଖାରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ଗୁରୁ ପ୍ରସାଦ ଭଞ୍ଜ ମନୋନୀତ ହୋଇଛନ୍ତି। ଏହି ଦୁଇ ଖେଳାଳି ବ୍ରହ୍ମପୁର ଷ୍ଟାଡିୟମ ଭାର ଉତ୍ତୋଳନ ପ୍ରଶିକ୍ଷଣ ଶିବିରରେ ରହି ପ୍ରଶିକ୍ଷଣ ନେବେ। ଆସିକା ବିଜୁପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ସ୍ଥାପିତ ହେବା ପରଠାରୁ ପ୍ରଥମ ଥର ପାଇଁ ଭାର ଉତ୍ତୋଳନ ସକାଶେ ଏହି ଦୁଇ ଖେଳାଳି ମନୋନୀତ ହୋଇଛନ୍ତି ।

# ଆୟବହିର୍ଭୂତ ସମ୍ପତ୍ତି ଅଭିଯୋଗରେ ଭିଜିଲାନ୍ସ ଚଢ଼ାଉ

ଭଦ୍ରକ, ୧୪/୫(ନିପ୍ର): ଭଦ୍ରକ ସିଏଡି ବିଭାଗର ଜୁନିଅର ଇଞ୍ଜିନିୟରଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ବୁଧବାର ବ୍ୟାପକ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ଦୁଇଟି ବହୁମହଲା ଘର, ୭ଟି ମୂଲ୍ୟବାନ ପ୍ଲଟ, ନଗଦ ଟଙ୍କା, ସୁନା ଆଭୂଷଣ ଓ ବ୍ୟାଙ୍କ ଜମା ସହ କୋଟିକୋଟି ଟଙ୍କାର ସମ୍ପତ୍ତି ଠାବ ହୋଇଛି। ଭିଜିଲାନ୍ସ ସୂଚନା ଅନୁସାରେ, ଭଦ୍ରକ ସମରାଇପୁରରେ ପ୍ରାୟ ୩୫୦୦ ବର୍ଗଫୁଟ ଅଞ୍ଚଳରେ ଥିବା ଏକ ତିନି ମହଲା ବିଲ୍ଡିଂ ଓ ବାଲେଶ୍ୱର ଜିଲ୍ଲା ବସ୍ତା ନରସିଂହଡିହାରେ ପ୍ରାୟ ୨୬୦୦ ବର୍ଗଫୁଟ ବିଶିଷ୍ଟ ଏକ ଦୁଇ ମହଲା ଘର ଚିହ୍ନଟ କରାଯାଇଛି। ଏହାଛଡ଼ା ଭଦ୍ରକ, ଭୁବନେଶ୍ୱର ଉପକଣ୍ଠ, ବସ୍ତା ଓ ରାସଗୋବିନ୍ଦପୁରରେ ମୋଟ ୭ଟି ପ୍ଲଟ ଠାବ ହୋଇଛି। ଚଢ଼ାଉ ସମୟରେ ନଗଦ ୧ ଲକ୍ଷ ୭୩ ହଜାର ୧୮୦ ଟଙ୍କା, ୩୫୦ ଗ୍ରାମ ସୁନା ଆଭୂଷଣ, ୧୯ ଲକ୍ଷ ୪୬ ହଜାର ୩୭୧ ଟଙ୍କାର ବ୍ୟାଙ୍କ ଜମା, ୩ଟି ଦୁଇଚକିଆ ଯାନ ଓ ପ୍ରାୟ ୮ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ମଧ୍ୟ ଜବତ ହୋଇଛି। ବାଲେଶ୍ୱର ଭିଜିଲାନ୍ସ ସ୍ପେଶାଲ ଜଜଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ୪ଟି ଭିଜିଲାନ୍ସ ଟିମ୍ ଭଦ୍ରକ, ବାଲେଶ୍ୱର ଓ ଭୁବନେଶ୍ୱରର ୪ଟି ସ୍ଥାନରେ ଚଢ଼ାଉ କରିଥିଲେ। ଏହି ଟିମ୍‌ରେ ୪ ଡିଏସପି, ୪ ଇନ୍ସପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ। ଶ୍ରୀ ମହାନ୍ତି ୨୦୧୧ ମସିହାରେ ମାସିକ ୧୩,୫୦୦ ଟଙ୍କା ବେତନରେ ଚୁକ୍ତିଭିତ୍ତିକ ଜୁନିଅର ଇଞ୍ଜିନିୟର ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ।

# ରାଜ୍ୟ ରାଜପଥରେ ଦୁର୍ଘଟଣା: ୧ ମୃତ

ନିମାପଡ଼ା, ୧୪।୫(ନିପ୍ର): ନିମାପଡ଼ା-ପିପିଲି ରାଜ୍ୟ ରାଜପଥର ଅଲଣ୍ଡି ଛକ ନିକଟରେ ଚିତ୍ତ ରଂଜନ ବାରିକ (୫୮) ଏକ ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ଧଳେଶ୍ୱର ଗ୍ରାମ ପଂଚାୟତ ଅଲଣ୍ଡି ଗ୍ରାମର ଶ୍ରୀ ବାରିକ ରାସ୍ତା ଅତିକ୍ରମ କରୁଥିବା ବେଳେ ନିମାପଡ଼ାରୁ ଭୁବନେଶ୍ୱର ଯାଉଥିବା ଏକ ଯାତ୍ରୀବାହୀ ବସ୍ ପଛପଟୁ ଧକ୍କା ଦେଇଥିଲା । ଆହତ ଚିତ୍ତ ରଂଜନଙ୍କୁ ସ୍ଥାନୀୟ ଜନସାଧାରଣ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ । ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ଏକ ମୋକଦ୍ଦମା ରୁଜୁ କରିଥିବା ବେଳେ ପୋଷ୍ଟମର୍ଟମ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିବା ଥାନା ସୂତ୍ରରୁ ପ୍ରକାଶ ।

# ରାଜ୍ୟପାଳଙ୍କୁ ପୁରୀ ଲୋକ ଭବନ ଜମିପଟ୍ଟା ପ୍ରଦାନ



ପୁରୀ, ୧୪/୫(ନିପ୍ର): ଭୁବନେଶ୍ୱର ଲୋକଭବନ ପରିସରରେ ରାଜ୍ୟପାଳ ଡ.ହରିବାବୁ କମ୍ଭମ୍ପାଟିଙ୍କୁ ପୁରୀ ଲୋକ ଭବନର ପଟ୍ଟା ପ୍ରଦାନ କରାଯାଇଛି। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ପରାମର୍ଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର ପୁରୀର ଲୋକଭବନର ଅଧିକାର ରେକର୍ଡ ରାଜ୍ୟପାଳଙ୍କୁ ପ୍ରଦାନ କରିଛନ୍ତି। ଯାହା ମୌଜା-ଗାନ୍ଧୀ ଘାଟ, ୟୁନିଟ୍-୨୫, ଖାତା ନଂ ୯୦/୧ ମାପ ୦.୫୪୬ ଏକର ଏବଂ ଖାତା ନଂ ୯୨, ପ୍ଲଟ୍ ନଂ ୨୧୫ ମାପ ଆକାର ୧୦.୬୯ ଏକର ଅଟେ। ଅତିରିକ୍ତ ଜିଲ୍ଲାପାଳଙ୍କ ସହ ପୁରୀ ସଦର ଅତିରିକ୍ତ ତହସିଲଦାର ହିମାଂଶୁ ଭୂଷଣ ପଲାଇ ଉପସ୍ଥିତ ଥିଲେ।

# ହସ୍ତଶିଳ୍ପୀଙ୍କ କଲ୍ୟାଣକୁ କେନ୍ଦ୍ର କରି ଚିଠାନୀତି ପ୍ରସ୍ତୁତ ହୋଇଛି: ମନ୍ତ୍ରୀ

ଭୁବନେଶ୍ୱର, ୧୪/୫(ନିପ୍ର): "ଓଡ଼ିଶା ହସ୍ତଶିଳ୍ପ ଚିଠା ନୀତି-୨୦୨୬" ପରାମର୍ଶଦାତା କର୍ମଶାଳା ସ୍ଥାନୀୟ ମେ ଫେୟାର ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ କହିଛନ୍ତି, ହସ୍ତଶିଳ୍ପ ଆମ ସଂସ୍କୃତିର ସ୍ପନ୍ଦନ ଓ ଅସ୍ମିତାର ନିଦର୍ଶନ । ହସ୍ତଶିଳ୍ପୀମାନେ ଆମ ସାଂସ୍କୃତିକ ଐତିହ୍ୟର ସଂରକ୍ଷକ । ତେଣୁ ହସ୍ତଶିଳ୍ପର ସୁରକ୍ଷା, ସଂରକ୍ଷଣ ଓ ପ୍ରସାର ପ୍ରଚାର ସହ ହସ୍ତଶିଳ୍ପୀଙ୍କ କଲ୍ୟାଣକୁ କେନ୍ଦ୍ର କରି "ଓଡିଶା ହସ୍ତଶିଳ୍ପ ଚିଠା ନୀତି-୨୦୨୬" ପ୍ରସ୍ତୁତ ହୋଇଛି ।



ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ପ୍ରାରମ୍ଭିକ ଅଭିଭାଷଣ ରଖି "ଓଡିଶା ହସ୍ତଶିଳ୍ପ ଚିଠା ନୀତି-୨୦୨୬" ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ବିକଶିତ ଓଡ଼ିଶା ଅ ୨୦୩୬ ଏବଂ ଓଡ଼ିଶା ଭିଜନ୍ ଡକୁମେଣ୍ଟ ଲକ୍ଷ୍ୟ ହାସଲ ଆଧାରରେ ଆମେ ଚିଠା ନୀତି ପ୍ରସ୍ତୁତ କରିଛୁ ବୋଲି କହିଥିଲେ । ବୁଦ୍ଧିଜୀବୀ, ବିଶେଷଜ୍ଞ, ଡିଜାଇନର୍, ଶିକ୍ଷାବିତ୍, ରପ୍ତାନିକାରୀ, କାରିଗରଙ୍କ ଗଠନମୂଳକ ମତାମତ ଆଧାରରେ ଏହି ନୀତି ଚୂଡ଼ାନ୍ତ ହେବ । ଅଧିକ ବ୍ୟବସାୟ ପାଇଁ ବଜାର ସୁବିଧା, ମେସିନ୍-ନିର୍ମିତ ସାମଗ୍ରୀ ସହିତ ପ୍ରତିଯୋଗିତା, ପର୍ଯ୍ୟାପ୍ତ କଞ୍ଚାମାଲ ସୁବିଧା, ଯୁବପିଢିଙ୍କୁ ଆକର୍ଷିତ କରିବା ଭଳି ଡିଜାଇନ୍, ଡିଜିଟାଲ୍ ମାର୍କେଟିଙ୍ଗ, ଗ୍ଲୋବାଲ ମାର୍କେଟ ଚେନ୍ ସହ ସଂଯୋଗ, ସମବାୟ ସଂସ୍ଥାର ସଶକ୍ତୀକରଣ, ହସ୍ତଶିଳ୍ପ ଉଦ୍ୟୋଗୀକରଣକୁ ପ୍ରୋତ୍ସାହନ, ଜି.ଆଇ ଟ୍ୟାଗ୍ ଉତ୍ପାଦକୁ ପ୍ରୋତ୍ସାହନ, ଷ୍ଟାର୍ଟଅପ୍ ଇନକ୍ୟୁବେସନ୍ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା । ଏହି କର୍ମଶାଳାରେ ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ହୋତା, ପଦ୍ମଶ୍ରୀ ବିନୋଦ ମହାରଣା, ପଦ୍ମଶ୍ରୀ ପ୍ରଭାକର ମହାରଣା, ପ୍ରଫେସର ଡକ୍ଟର ଅଖିଳ ବିହାରୀ ଓତା, ପ୍ରଫେସର ହରେକୃଷ୍ଣ ମିଶ୍ର, ପ୍ରଫେସର କିଶୋର କୁମାର ବାସା, 'ସିଏସଆଇଆର-ଆଇଏମଏମଟି'ର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ, ଏନଆଇଏଫଟି ନିର୍ଦ୍ଦେଶିକା ବିଭାବରି କୁମାର, ହସ୍ତଶିଳ୍ପ ଉପ-ନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ସମସ୍ତ ଜିଲ୍ଲାର ହସ୍ତଶିଳ୍ପ ଅଧିକାରୀ, ଜାତୀୟ ତଥା ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ କାରିଗର, ବିଶେଷଜ୍ଞ, ଶିକ୍ଷାବିତ୍, ରପ୍ତାନିକାରୀ, ସମବାୟବିତ୍, ଡିଜାଇନର୍, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ ।

# ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ

ନିମାପଡ଼ା, ୧୪।୫ (ନିପ୍ର): ସ୍ଥାନୀୟ ଡ଼ିଏଭି ପବ୍ଲିକ୍ ସ୍କୁଲ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ପାଟପୁର ଗ୍ରାମର ଶୁଭେନ୍ଦୁ ମହାନ୍ତିଙ୍କ ପୁତ୍ର ସୋଭନ ମହାନ୍ତି ବିଦ୍ୟାଳୟ ଟପ୍ପର ହୋଇଥିବା ଅଧକ୍ଷ ଏମ୍ ଏମ୍ ହକ୍‌ଙ୍କଠାରୁ ପ୍ରକାଶ । ପ୍ରତ୍ୟେକ ଛାତ୍ରଛାତ୍ରୀ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାରୁ ଅଧକ୍ଷ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକଙ୍କୁ



ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ମାର୍ଗ ଦର୍ଶନ ସହିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସଂପର୍କରେ ଅଭ୍ୟାସକୁ ଅଧକ୍ଷ ଗୁରୁତ୍ୱ ଦେଇ ଛାତ୍ରମାନଙ୍କୁ ଗଢ଼ି ତୋଳିଥିବା ଅଭିଭାବକ ମାନେ ସୂଚନା ଦେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି । ଛାତ୍ରୀ ସୌମ୍ୟା ପ୍ରଧାନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଜିଜ୍ଞାସା ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ସୂଚନା ମିଳିଛି ।

**AFFIDAVIT**

By virtue of an affidavit sworn before Executive Magistrate, Champua affidavit no.1487 dtd13.05.2026, I Chittaranjan Nanda S/o-Late Jagabandhu Nanda, At-Badakeshari, Po-Budamara, Ps-Ghagarbeda, Dist-Mayurbhanja, Odisha-757035 do hereby declare that, I have changed my daughters name from Srutimayee Nanda to Smrutimayee Nanda. Henceforth she will be known as Smrutimayee Nanda for all purposes.

**Sd/-Chittaranjan Nanda**

**AFFIDAVIT**

By virtue of an affidavit sworn before Executive Magistrate, Bhadrak on 13.05.2026, I, Sarojini Barik W/o-Saroj Barik At-Erein Po-Charampa, Dist-Bhadrak, Odisha-756101 do hereby declare that I have changed my minor Son name from Soumya Barik to Satyajit nayak Henceforth he will be known as Satyajit nayak for all purposes.

**Sd/-Sarojini Barik**

# ରେଳ ଫାଟକରେ ଧକ୍କା: ଆମ୍ବୁଲାନ୍ସ ସେବା ବାଧାପ୍ରାପ୍ତ

ନିରାକାରପୁର, ୧୪/୫(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସ୍ଥିତ ନୂଆ ଜଗନ୍ନାଥ ସଡ଼କର ୨୧୯ ନମ୍ବର ରେଳ ଫାଟକ ନିକଟରେ ଆଜି ରାତିରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ରେଳ ଫାଟକ ପଡୁଥିବା ସମୟରେ ଏକ ବୋଲେରୋ ଗାଡ଼ି ଜବରଦସ୍ତି ପଶିଯିବାରୁ ରେଳ ଗେଟ୍‌ଟି ଭାଙ୍ଗି ଯାଇଛି। ଫଳରେ ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିବା ସହ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୮:୩୦ ସମୟରେ ଟ୍ରେନ୍ ଅତିକ୍ରମ କରିବା ପାଇଁ ୨୧୯ ନମ୍ବର ରେଳ ଫାଟକ ପକା ଯାଉଥିଲା। ଏହି ସମୟରେ ଏକ ବୋଲେରୋ ଗାଡ଼ି ଦ୍ରୁତ ଗତିରେ ଆସି



ଫାଟକ ଭିତରକୁ ପଶିଯାଇଥିଲା। ଯାହା ଫଳରେ ରେଳ ଗେଟ୍‌ଟି ଭାଙ୍ଗ ଯାଇଥିଲା। ଗେଟ୍ ଭାଙ୍ଗିବା କାରଣରୁ ବେଶ୍ କିଛି ସମୟ ଧରି ରେଳ ଚଳାଚଳ ଓ ସଡ଼କ ପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ନୂଆ ଜଗନ୍ନାଥ ସଡ଼କ ଦେଇ ପ୍ରତିଦିନ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ପୁରୀକୁ ଯାତାୟାତ କରିଥାନ୍ତି। ମାତ୍ର ଏହି ୨୧୯ ନମ୍ବର ରେଳ ଫାଟକ ଦେଇ ପ୍ରତି ୪ ରୁ ୫ ମିନିଟ୍ ଅନ୍ତରରେ ଟ୍ରେନ୍ ଅତିକ୍ରମ କରୁଥିବାରୁ ଏଠାରେ ସବୁବେଳେ ଅସମ୍ଭବ ଭିଡ଼ ପରିଲକ୍ଷିତ ହେଉଛି। ଆଜିର ଏହି ଦୁର୍ଘଟଣା ପରେ ସ୍ଥିତି ଆହୁରି ସଂଘାତିକ ହୋଇପଡ଼ିଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଏକାଧିକ ଆମ୍ବୁଲାନ୍ସ ଦୀର୍ଘ ସମୟ ଧରି ଫସି ରହିଥିବାରୁ ରୋଗୀମାନେ ନାହିଁ ନଥିବା ହଇରାଣ ହୋଇଛନ୍ତି। ଗେଟ୍ ପଡ଼ିବା ସମୟରେ ଲୋକଙ୍କ ଅତିରିକ୍ତ ବ୍ୟସ୍ତତା ଓ ବାରମ୍ବାର ଫାଟକ ପଡ଼ିବା ଦ୍ୱାରା ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ରେଳ ଫାଟକ ନିକଟରେ ବାରମ୍ବାର ଏଭଳି ସମସ୍ୟା ଉପୁଜୁଥିବାରୁ ଏଠାରେ ଏକ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଯାତ୍ରୀଙ୍କ ସୁରକ୍ଷା ଓ ଜରୁରୀକାଳୀନ ସେବାକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ଏହାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବିଶେଷ ପଦକ୍ଷେପ

ଭୁବନେଶ୍ୱର, ୧୪/୫(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାରେ ଚାଲିଥିବା ପ୍ରମୁଖ ରେଳ ଭିତ୍ତିଭୂମି ଏବଂ ସଂଯୋଗୀକରଣ ଯୋଜନା ବିଷୟରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଲୋକପାତ କରିଛନ୍ତି। ନୂତନ ୧୮୪୦୭/୧୮୪୦୮ ପୁରୀ-କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରି ଶ୍ରୀ ବୈଷ୍ଣବ କହିଛନ୍ତି ଯେ, ଏହି ଟ୍ରେନ ସେବା ପ୍ରଥମ ଥର ପାଇଁ ପୁରୀ ଏବଂ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରିବ। ଏହି ଟ୍ରେନ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ଅନୁଗୁଳ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁର ରୋଡ୍, କାକିରିଗୁମା ଏବଂ ଦାମନଯୋଡ଼ି ଦେଇ ଚାଲିବ, ଯାହା ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନଙ୍କୁ ଯଥେଷ୍ଟ ଉପକୃତ କରିବ। ଏହି ସେବା ତୀର୍ଥଯାତ୍ରା, ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ଏବଂ ବ୍ୟବସାୟିକ ଯାତ୍ରା ପାଇଁ ସଂଯୋଗୀକରଣରେ ସୁଧାର ଆଣିବ, ବିଶେଷ କରି କେବିକେ ଅଞ୍ଚଳ ଏବଂ ଆଦିବାସୀ



ବହୁଳ ଜିଲ୍ଲାଗୁଡ଼ିକ ପାଇଁ ଏହା ଅତ୍ୟନ୍ତ ଲାଭଦାୟକ ହେବ। ଓଡ଼ିଶାର ରେଳ ବିକାଶ ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ପ୍ରାୟ ୯୦,୦୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଜୁନାଗଡ଼-ନବରଙ୍ଗପୁର, ନବରଙ୍ଗପୁର-ଜୟପୁର, ଜୟପୁର-ମାଲକାନଗିରି, ବରଗଡ଼-ନୂଆପଡ଼ା, ଗୁଣୁପୁର-ଥେରୁବାଲି, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ଏବଂ ବିମଳାଗଡ଼-ତାଳଚେର ରେଳ ଲାଇନ ପ୍ରକଳ୍ପ ଅନ୍ତର୍ଭୁକ୍ତ। ସେ କହିଛନ୍ତି ଯେ, ଦୀର୍ଘ ଦିନରୁ ବିଳମ୍ବିତ ଥିବା ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ଦ୍ରୁତ ଗତିରେ ଆଗେଇ ଚାଲିଛି ଏବଂ ଏହାକୁ ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶା ଦେଇ ଯାଇଥିବା ହାଓଡ଼ା-ଚେନ୍ନାଇ ମୁଖ୍ୟ କରିଡରର ଚାଲିଥିବା ଚାରି-ଲେନ୍ କାର୍ଯ୍ୟ ଉପରେ ମଧ୍ୟ ଆଲୋକପାତ କରିଛନ୍ତି। ସେ ପ୍ରକାଶ କରିଛନ୍ତି ଯେ ନୂତନ ଲାଇନ ଏବଂ ପ୍ରମୁଖ କ୍ଷମତା ବୃଦ୍ଧି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ, ଓଡ଼ିଶା ଭବିଷ୍ୟତରେ ପ୍ରାୟ ୫୦୦ଟି ଅତିରିକ୍ତ ଟ୍ରେନ ଚଲାଇବାର କ୍ଷମତା ହାସଲ କରିବ। ଶ୍ରୀ ବୈଷ୍ଣବ ଆହୁରି ସୂଚନା ଦେଇଛନ୍ତି ଯେ, ଅମୃତ ଷ୍ଟେସନ ଯୋଜନା ଅଧୀନରେ ଓଡ଼ିଶାର ୫୯ଟି ରେଳ ଷ୍ଟେସନର ପୁନଃବିକାଶ କରାଯାଉଛି, ଯେଉଁଥିରେ ଭୁବନେଶ୍ୱର, ପୁରୀ, ସମ୍ବଲପୁର, ବ୍ରହ୍ମପୁର, ତାଳଚେର ଏବଂ ବାରିପଦା ଷ୍ଟେସନ ସାମିଲ ରହିଛି। ପ୍ରସ୍ତାବିତ ପୁରୀ-କୋଣାର୍କ ରେଳ ସଂଯୋଗୀକରଣ ପ୍ରକଳ୍ପ ପାଇଁ ଏକ ନୂତନ ଡିପିଆର ମଧ୍ୟ ପ୍ରସ୍ତୁତ କରାଯାଉଛି। ଓଡ଼ିଶାରେ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ଆଞ୍ଚଳିକ ବିକାଶ ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ପ୍ରତିବଦ୍ଧ ବୋଲି ସେ ପୁନର୍ବାର ଦୋହରାଇଛନ୍ତି।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ମେରାମଣ୍ଡଳୀ/ଅନୁଗୁଳ, ୧୪/୫(ନିପ୍ର): ଢେଙ୍କାନାଳ ଜିଲ୍ଲାରେ ଶିକ୍ଷା ଭିତ୍ତିଭୂମି ଓ ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଦୁଇଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଏବଂ ହିନ୍ଦୋଳ ବିଧାୟିକା ସିମାରାଣୀ ନାୟକ ରାସୋଳଠାରେ ପ୍ରସ୍ତାବିତ ଡିଗ୍ରୀ ମହିଳା କଲେଜ ପାଇଁ ୪ଟି ଶ୍ରେଣୀଗୃହ ବିଶିଷ୍ଟ ବିଲ୍ଡିଂ ଏବଂ ଓଡାପଡା ବ୍ଲକ୍‌ର ଶିବପୁର ଗ୍ରାମରେ ସିମେଣ୍ଟ କଂକ୍ରିଟ୍ ରାସ୍ତାର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ହିନ୍ଦୋଳ ତହସିଲଦାର ଦିଲ୍ଲୀପ କୁମାର



ସେଠୀ, ହିନ୍ଦୋଳ ଉପାଧ୍ୟକ୍ଷ ବରୁଣ ସାର ଶିବପୁର ସରପଞ୍ଚ ମାନସ ନାୟକ, ଟାଟା ଷ୍ଟିଲ ମେରାମଣ୍ଡଳୀର କର୍ପୋରେଟ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା, ଟାଟା ଷ୍ଟିଲ ଫାଉଣ୍ଡେସନ ମେରାମଣ୍ଡଳୀର ୟୁନିଟ୍ ଲିଡ୍ କୁମାର ସୌରଭଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, ସ୍ଥାନୀୟ ଜନସାଧାରଣ ଓ ମହିଳାମାନେ ଉପସ୍ଥିତ ଥିଲେ। ମହିଳା ମହାବିଦ୍ୟାଳୟ ବିଲ୍ଡିଂ ନିର୍ମାଣ ଫଳରେ ସ୍ଥାନୀୟ ଅଞ୍ଚଳର ଝିଅମାନଙ୍କ ପାଇଁ ଉଚ୍ଚ ଶିକ୍ଷା ଲାଭ କରିବା ଆହୁରି ସହଜ ଓ ସୁବିଧା ହେବ। ପ୍ରସ୍ତାବିତ ଏହି ମହାବିଦ୍ୟାଳୟ ଦ୍ୱାରା ଆଖପାଖ ପ୍ରାୟ ୧୪ଟି ବ୍ଲକର ୧୬୦ ଜଣ ଛାତ୍ରୀ ଉପକୃତ ହେବେ। ସେହିପରି, ଓଡାପଡା ବ୍ଲକ୍‌ର ଶିବପୁର ଗ୍ରାମ ପଞ୍ଚାୟତ ଅଧୀନ ଶିବପୁର ଗ୍ରାମରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ସହଯୋଗରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୫,୦୦୦ ସ୍ଥାନୀୟ ଜନସାଧାରଣ ଉପକୃତ ହେବେ। ଏହି ପଦକ୍ଷେପଗୁଡ଼ିକ ଯୋଗୁ ଶିକ୍ଷା ବ୍ୟବସ୍ଥା ଓ ଗ୍ରାମୀଣ ଭିତ୍ତିଭୂମିର ଉନ୍ନତି ସହ ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶକୁ ଆହୁରି ଗତିଶୀଳ କରିବ। ଟାଟା ଷ୍ଟିଲ ମେରାମଣ୍ଡଳୀର ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳର ଶିକ୍ଷା, ଯୋଗାଯୋଗ ଏବଂ ଆବଶ୍ୟକ ଭିତ୍ତିଭୂମିର ଉନ୍ନତି ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ନିରନ୍ତର ପ୍ରୟାସ ଜାରି ରଖିଛି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED**, Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ